R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୬
ତିଥି : ପ୍ରତିପଦ
୨୦ ଡିସେମ୍ବର ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 76
20 December 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବାଂଲାଦେଶ ପୁଣି ଅଶାନ୍ତ

# ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା



ନୂଆଦିଲ୍ଲୀ,୧୯।୧୨: ବାଂଲାଦେଶ ପୁଣି ଅଶାନ୍ତ ହୋଇପଡିଛି। ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ସରିଫ୍ ଓସମାନ ହାଦିଙ୍କ ମୃତ୍ୟୁ ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ୪ ସହରରେ ଭଙ୍ଗାରୁଜା ଓ ହିଂସାକାଣ୍ଡ ଘଟିବା ସହ ଆଲୋ ଏବଂ ଡେଲିଷ୍ଟାର ଖବର କାଗଜ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି। କାଜି ସାହିରେ ଥିବା ଆଗାମୀ ଲିଗର କାର୍ଯ୍ୟାଳୟକୁ ଜାଳି ଦେଇଛନ୍ତି।ଏହାଛଡା ହିଂସାରେ ଜଣେ ହିନ୍ଦୁଙ୍କୁ ମଧ ମାରି ଦିଆଯାଇଛି। ଏକ ଗାରମେଟ କାରଖାନାର ଶ୍ରମିକ ଦୀପୁ ଚନ୍ଦ ଦାଶଙ୍କୁ ମଧ ହତ୍ୟା କରାଯାଇଛି। ହିଂସାକୁ ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁଶ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନୂଆ ବାଂଲାଦେଶରେ ହିଂସାର ସ୍ଥାନ ନାହିଁ।

ଜଣେ ହିନ୍ଦୁଙ୍କୁ ହତ୍ୟା କରିବା ନେଇ ବାଂଲାଦେଶ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇ ଘଟଣାକୁ ନିନ୍ଦା କରାଯାଇଛି। ଯେଉଁମାନେ ଏହି ଅପରାଧରେ ସମ୍ପୃକ୍ତ ଅଛନ୍ତି କାହାରିକୁ ଛଡା ଯିବ ନାହିଁ। ଅନ୍ତରୀଣ ସରକାର ନାଗରିକମାନଙ୍କୁ ହିଂସାର ସବୁ ପ୍ରକାର ରୂପ ଉପରେ ସତର୍କ ରହିବାକୁ କୁହାଯାଇଛି। କିଛି

- ଓସ୍‌ମାନ ହାଦିଙ୍କ ମୃତ୍ୟୁ ପରେ ବ୍ୟାପିଲା ହିଂସା
- ଖବରକାଗଜ ଅଫିସ ଜାଳିଦେଲେ
- ନୂଆ ବାଂଲାଦେଶରେ ହିଂସାର ସ୍ଥାନ ନାହିଁ : ୟୁନୁସ

## ୮ ବାଇକ୍‌କୁ ପିଟିଲା ହାଇୱା

କୋରାପୁଟ, ୧୯।୧୨ (ସବ୍ୟୁ): ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥର ଆଂଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଆଲିସନ ହୋଟେଲ ଡାଉନ ନିକଟରେ ବଡ଼ ଧରଣର ଦୁର୍ଘଟଣାରେ ଚାରି ଚକିଆ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଥିବାରୁ ତାଙ୍କୁ କୋରାପୁଟ ବଡ଼ ମେଡ଼ିକାଲ୍ ରେ ଭର୍ତ୍ତି କରାଯାଇଛି ।

ଟ୍ରକର ବ୍ରେକ ଫେଲ ହେଇଥିବାରୁ ଟ୍ରକ ଆଗରେ ଯାଉଥିବା ଦୁଇଟି ଚାରି ଚକିଆ ପିକଅପ ଗାଡ଼ିକୁ ଧକ୍କା ଦେବା ସହ ଆଠଟି ବାଇକକୁ ଧକ୍କା ଦେଇଥିଲା ଟ୍ରକ୍ । ଫଳର ୮ ଟି ବାଇକ୍ ଭାଙ୍ଗି ଚୂରମାର ହୋଇଯାଇଛି ।

ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିଦ୍ୟୁତି ପୋଲ ବି ଛିଣ୍ଡିପଡ଼ିଲା ।ଏଟିଏମ ଭ୍ୟାନ ଓଲଟିପଡ଼ିଥିଲା । ଚାରି ଚକିଆ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଥିବାରୁ ତାଙ୍କୁ କୋରାପୁଟ ବଡ଼ ମେଡ଼ିକାଲ୍‌ରେ ଭର୍ତି କରାଯାଇଛି । ଘଟଣା ସ୍ଥଳରେ କୋରାପୁଟ ସଦର ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଜାତୀୟ ରାଜପଥକୁ ସ୍ୱଭାବିକ କରିଥିଲେ ।

### ତାମିଲନାଡୁର ଏସ୍‌ଆଇଆରର ଚିଠା ଭୋଟର ତାଲିକା ପ୍ରକାଶ

# ୯୭ ଲକ୍ଷ ଭୋଟରଙ୍କ ନାଁ କଟିଲା

ନୂଆଦିଲ୍ଲୀ,୧୯।୧୨: ତାମିଲନାଡୁରେ ଚାଲିଥିବା ସ୍ପେଶାଲ ଇନଟେନସିଭ ରିଭିଜନର ଯାଞ୍ଚ ପରେ କେତେକ ଜିଲ୍ଲାକୁ ନେଇ ଚିଠା ଭୋଟର ତାଲିକା ସ୍ଥାନ ପାଇଛି। ପ୍ରାୟ ୯୭ ଭୋଟର ତାଲିକାର ନାଁ କଟିଛି। କେବଳ ଚେନ୍ନାଇରେ ୧୪.୨୫ ଲକ୍ଷ ଭୋଟରଙ୍କ ନାମ କଟା ଯାଇଛି।

ଚିଠା ଭୋଟର ତାଲିକା ଅନୁଯାୟୀ ୨୬,୯୪,୬୭୨ ଭୋଟରଙ୍କ ମୃତ୍ୟୁ ହୋଇଥିଲା ବେଳେ ୬୬, ୪୪,୮୮୧ ଭୋଟର ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି ଓ ୩,୩୯,୨୭୮ ଭୋଟର ଅନେକ ସ୍ଥାନରେ ପଞ୍ଜିକୃତ ହେଉଛନ୍ତି। ଏସଆଇଆର ପରେ ତାମିଲନାଡୁରେ ମତଦାତାଙ୍କ ସଂଖ୍ୟା ଚିଠା ଭୋଟର ତାଲିକାରେ ୫.୩୪ କୋଟି ପ୍ରକାଶ ପାଇଛି। ସେଥି ମଧ୍ୟରୁ ୨.୬୬ କୋଟି ପୁରୁଷ ଥିଲା ବେଳେ ୨.୭୭ କୋଟି ମହିଳା ଓ ୭,୧୯୧ ତୃତୀୟ ଲିଙ୍ଗି ଭୋଟର ଅଛନ୍ତି। ୨୦୨୫ ଅକ୍ଟୋବର ୨୭ରେ ତାମିଲନାଡୁରେ ଭୋଟରଙ୍କ ସଂଖ୍ୟା ୬.୪୧ କୋଟି, କୋଏମ୍ବାଟୁରରେ ଚିଠା ତାଲିକାରେ ୬.୫୦ ଲକ୍ଷ ଭୋଟର ତାଲିକାରେ ବାଦ କହିଛନ୍ତି। ଦିନ୍ଦିଗୁଲ ଜିଲ୍ଲାରେ ୨.୩୪ ଲକ୍ଷ ବାଦ ପଡିଥିଲା ବେଳେ କରୁରରେ ୧୬.୦୯ ଲକ୍ଷ ଭୋଟର ବାଦ ପଡିଛନ୍ତି। ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି ଯେ ସୋଲିନ ଗାଲାନୋ ଓ ପଲାଭରମ୍ ନିର୍ବାଚନ ମଣ୍ଡଳୀରେ ଚିଠା ତାଲିକାରୁ ସର୍ବାଧିକ ଭୋଟର ବାଦ ପଡିଛନ୍ତି। ଆକ୍ରୋସ ରଖାଯାଇ କୌଣସି ଭୋଟର ତାଲିକାରୁ କଟା ଯାଇନାହିଁ। ଏଆଇଏଡିଏମ୍‌କେର କେ ପାଲନିସ୍ୱାମୀ କହିଛନ୍ତି ଯେ ଏହି ଚିଠା ତାଲିକାରେ ୯୦ ଲକ୍ଷ ଭୋଟରଙ୍କ ନାଁ କଟିଛି। ସେଥିମଧ୍ୟରୁ ଅଧିକାଂଶ ଜାଲ ଭୋଟର। ପ୍ରଥମରୁ ସେ କହିଆସିଛନ୍ତି ଏସ୍‌ଆଇଆରର ଆବଶ୍ୟକତା ରହିଛି। ଡିଏମ୍‌କେ ଏହାକୁ ନେଇ ଡ୍ରାମା କରୁଥିଲା ବୋଲି ସେ କହିଛନ୍ତି।

# ସରିଲା ସଂସଦର ଶୀତ ଅଧିବେଶନ



■ ବାଚସ୍ପତିଙ୍କ ଟି' ପାର୍ଟିରେ ପ୍ରଧାନମନ୍ତ୍ରୀ, ପ୍ରିୟଙ୍କା

ନୂଆଦିଲ୍ଲୀ,୧୯।୧୨: ସାଂସଦର ଶୀତ ଅଧିବେଶନ ଶେଷ ହୋଇଛି। ଅଧିବେଶନ ଶେଷ ହେବା ପରେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଚା ଭୋଜିରେ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିରୋଧୀ ଦଳ ନେତା ମଧ ଉପସ୍ଥିତ ଥିଲେ। ଏଥିରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଉପସ୍ଥିତ ରହିଥିଲେ। ପ୍ରାୟ ୨୦ ମିନିଟ୍ ଧରି ଏହି ଚା ଭୋଜି ଚାଲିଥିଲା। ତେବେ ସଂସଦର ଅଧିବେଶନ ସରିଗଲା ହେଲେ ଦିଲ୍ଲୀ ପ୍ରଦୂଷଣ ସମ୍ପର୍କରେ ଆଲୋଚନା ହୋଇପାରିଲା ନାହିଁ। ଗତକାଲି ବିଳମ୍ବିତ ରାତିରେ ଭିଭି-ଜି-ରାମ-ଜି ପାରିତ ହୋଇଛି। ବିରୋଧୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଏହାକୁ ପାରିତ କରାଯାଇଛି। ତେବେ ଅଧିବେଶନ ଶେଷ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଅନୁପସ୍ଥିତିରେ ପ୍ରିୟଙ୍କା ଗାନ୍ଧି ବାଚସ୍ପତିଙ୍କ ଚା ଭୋଜିକୁ ଯାଇଥିଲେ। ସେଠାରେ ପ୍ରିୟଙ୍କା ତାଙ୍କ ନିର୍ବାଚନ ମଣ୍ଡଳୀ ୱୟନାଡର କେତେକ ସମସ୍ୟା ସମ୍ପର୍କରେ ପ୍ରଧାନମନ୍ତ୍ରୀ (୯ ପୃଷ୍ଠାରେ)

## ହାଇଦ୍ରାବାଦ ନିବେଶକ ସମ୍ମିଳନୀ

# ୬୭ ହଜାର କୋଟିର ନିବେଶ




ଓଡ଼ିଶା ଏବେ ଭାରତର ଅଭିବୃଦ୍ଧି ଇଞ୍ଜିନ : ମୁଖ୍ୟମନ୍ତ୍ରୀ

୫୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି

ଭୁବନେଶ୍ୱର, ୧୯।୧୨ (ସବ୍ୟୁ) : ହାଇଦ୍ରାବାଦରେ ଚାଲିଥିବା ନିବେଶକଙ୍କ ସମ୍ମିଳନୀରେ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଛନ୍ତି। ୬୭ ହଜାର କୋଟିର ନିବେଶ ଆସିବା ସହ ୫୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଓଡ଼ିଶା ଏବେ ଭାରତର ଅଭିବୃଦ୍ଧି ଇଞ୍ଜିନ ଆଡକୁ ଅଗ୍ରସର ହେଉଛି। ଦୀର୍ଘମିଆଦି ସହଭାଗିତା ଲାଗି ପ୍ଲାଟଫର୍ମ ତିଆରି ହେଉଛି ଓ ଏହା ନିବେଶକୁ ପ୍ରତିଫଳନ ହେଉଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭବିଷ୍ୟତରେ ନିବେଶ ଲାଗି ପ୍ରସ୍ତୁତ ରହିବାକୁ ଓଡ଼ିଶାକୁ ଏକ ନିବେଶକଙ୍କ ପ୍ରଥମ ପସନ୍ଦ କରିବା ଲାଗି ଏକ ସ୍ଥିର ନୀତି ପ୍ରତିଯୋଗିତାମୂଳକ ମୂଲ୍ୟ ଓ ପ୍ରଶାସନର ସୁବିଧା ଉପରେ ଫୋକସ କରିଛନ୍ତି। ବିଭିନ୍ନ ଶିଳ୍ପସଂସ୍ଥାର ପ୍ରମୁଖ ଅଧିକାରୀମାନେ ଓଡ଼ିଶାରେ ଶିଳ୍ପ ଇକୋ ସିଷ୍ଟମର ବିବିଧତା ଉପରେ ଗୁରୁତ୍ୱ ଦେବାସହ ନିବେଶ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା ଲାଗି କହିଛନ୍ତି। ଓଡ଼ିଶାରେ ବଜାର ଭିତ୍ତିକ ଓ ମୂଲ୍ୟଯୁକ୍ତ ବିନିଯୋଗ ଯୋଗୁ ନିଯୁକ୍ତି ଦକ୍ଷତା ବୃଦ୍ଧି ହେବାସହ ଶିଳ୍ପ ଅର୍ଥନୀତି ବଢ଼ିଛି। ପୂର୍ବୋଦ୍ଧୟର ଜାତୀୟ ଦୃଷ୍ଟିଭଙ୍ଗିକୁ (୯ ପୃଷ୍ଠାରେ)


### ଏସ୍‌ଆଇ ନିଯୁକ୍ତି ଘୋଟାଲା

# ଶଙ୍କର ପୃଷ୍ଟି ସମେତ ରିମାଣ୍ଡରେ ତିନି

ଭୁବନେଶ୍ୱର, ୧୯।୧୨ (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ଘୋଟାଲାରେ ଆଶାୟୀଙ୍କୁ ସିବିଆଇ ଜେରା କରିବା ପରେ ଜେଲ୍‌ରେ ଥିବା ଦଲାଲଙ୍କୁ ବ୍ରହ୍ମପୁରରୁ ଝାରପଡା ଆଣିଥିଲା । ସେହି ଦଲାଲମାନଙ୍କୁ ପର୍ଯ୍ୟାୟ କ୍ରମେ ରିମାଣ୍ଡରେ ଆଣି ଜେରା କରି ତଥ୍ୟ ସଂଗ୍ରହ କରୁଛି ସିବିଆଇ ତଦନ୍ତକାରୀ ଟିମ୍ ।

ଘୋଟାଲାର ମୁଖ୍ୟ ନାୟକ ଶଙ୍କର ପୃଷ୍ଟି, ସିଲିକନ୍ ଟେକ୍‌ର ନିର୍ଦ୍ଦେଶକ ସୁରେଶ ନାୟକ ଓ ଦୀଘା ମଡ୍ୟୁଲର ଇନ୍‌ଚାର୍ଜ ସାଗରକୁ ସିବିଆଇ ତଦନ୍ତକାରୀ ଟିମ୍ ଚାରିଦିନ ପାଇଁ ହେପାଜତକୁ ନେଇଛି । ସିବିଆଇ ସ୍ୱତନ୍ତ୍ର ଅଦାଲତରେ ତଦନ୍ତକାରୀ ଟିମ୍ ୬ଦିନ ରିମାଣ୍ଡ ଆବେଦନ କରିଥିବା ବେଳେ କୋର୍ଟ ୪ଦିନ ପାଇଁ ଅନୁମତି ଦେଇଛନ୍ତି। ୪ଦିନ ଧରି ୩ଜଣଙ୍କୁ କ୍ରସ ଜେରା କରାଯାଇ ବୟାନର (୯ ପୃଷ୍ଠାରେ)

# ଦନ୍ତା ଉତ୍ପାତ : ଜଣେ ମୃତ, ୨ ଆହତ



୨ ପଞ୍ଚାୟତର ୧୦ ବିଦ୍ୟାଳୟକୁ ବନ୍ଦ ଘୋଷଣା

ଖଇରା, ୧୯।୧୨ (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନରେ ଏକ ଦନ୍ତାହାତୀ ୨ଦିନ ଧରି ଉପଦ୍ରବ ଘଟାଇ ଚାଲିଥିଲେ ହେଁ ଫେରିବାର ନାଁଗନ୍ଧ ଧରୁନି। ରକ୍ତମୁଖା ହୋଇ ପଡିଥିବା ହାତୀ ଆକ୍ରମଣରେ ସିଣ୍ଡିରା ଗ୍ରାମର ସୁରେନ୍ଦ୍ର ଦାସ(୬୫)ଙ୍କର ମୃତୁ୍ୟ ହୋଇ ଯାଇଥିବା ବେଳେ ସେହି ସିଣ୍ଡିରା ଗ୍ରାମର ପିତାମ୍ବର ମୁଖି ଏବଂ ପୂର୍ବପଡା ଗ୍ରାମର ଦିଲ୍ଲୀପ କୁମାର ଖଟୁଆ ଆହତ ହୋଇଛନ୍ତି। ପୀତାମ୍ବରଙ୍କୁ ଗୁରୁତର ଅବସ୍ଥାରେ (୯ ପୃଷ୍ଠାରେ)

# ୫° ତଳେ ଜି.ଉଦୟଗିରି, ସେମିଳିଗୁଡ଼ା

## ଜାଡ଼ରେ ଥରୁଛି ଆଭ୍ୟନ୍ତରୀଣ

## ନୂଆବର୍ଷ ଯାଏଁ ଶୀତରୁ ନିସ୍ତାର ନାହିଁ

ଭୁବନେଶ୍ୱର, ୧୯।୧୨ (ସବ୍ୟୁ) : ରାଜ୍ୟରେ ଶୀତ ଲହରୀ ନଥିବାବେଳେ ଆଭ୍ୟନ୍ତରୀଣ ଥରୁଛି । ଗତ ୨୪ ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ୪.୩° ଓ ସେମିଳିଗୁଡ଼ାରେ ୪.୫° ତାପମାତ୍ରା ରେକର୍ଡ଼ ହୋଇଛି । ଏହାସହ ଆଭ୍ୟନ୍ତରୀଣ ଅଞ୍ଚଳରେ ରାତିର ତାପମାତ୍ରା ୧୦° ତଳେ ରହିଛି । ତେବେ ଉପକୂଳରେ ସର୍ବନିମ୍ନ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇଥିବାବେଳେ ଶୀତ କମିନି । ଆସନ୍ତା ଇଂରାଜୀ ନୂଆବର୍ଷ ଅର୍ଥାତ ୨୦୨୬ ଜାନୁଆରୀ ପହିଲା ଯାଏଁ ଶୀତ ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଭାଗ କହିବା ଅନୁସାରେ ଶୁକ୍ରବାର ଭୋରରୁ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬.୫° ରେକର୍ଡ଼ (୯ ପୃଷ୍ଠାରେ)

## ଜନ ଅସନ୍ତୋଷକୁ ଡର

# ବିଧାୟକଙ୍କ ବର୍ଦ୍ଧିତ ଦରମାର ପୁନର୍ବିଚାର ଦାବି କଲା ବିଜେଡି




ଭୁବନେଶ୍ୱର, ୧୯।୧୨ (ସବ୍ୟୁ) : ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସମ୍ପର୍କରେ ଜନ ଅସନ୍ତୋଷ ବଢ଼ିବା ଯୋଗୁ ଏବେ ରାଜନୈତିକ ଦଳଗୁଡ଼ିକ ଚେତିବା ଆରମ୍ଭ କରିଛନ୍ତି। ଗତକାଲି ବିଜେପି ବିଧାୟକମାନେ ଦରମା ଓ ବର୍ଦ୍ଧିତ ଭତ୍ତାର ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବାବେଳେ ଆଜି ଏହି ଧାରା ବିଜେଡି ଗ୍ରହଣ କରିଛି। ବିଜେଡି ବିଧାୟକମାନେ ମଧ ଦରମା ବୃଦ୍ଧିର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଥିଲେ । ଶ୍ରୀମତୀ ମଲ୍ଲିକ କହିଥିଲେ, ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଏହା ଡିସେମ୍ବର ୯ ତାରିଖରେ ସର୍ବସମ୍ମତି କ୍ରମେ ପାସ ହୋଇଥିଲା। ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇ ଥିଲେ । ଏହି ବର୍ଦ୍ଧିତ ଦରମାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ, ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ତରଫରୁ ଏହାକୁ ପୁନଃର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛୁ ।

ପ୍ରତାପ ଦେବ କହିଥିଲେ, ଜନସାଧାରଣଙ୍କ ମଧ୍ୟରେ ଦେଖା ଯାଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାର ପୁନଃର୍ବିଚାର କରିବେ ଓ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ଆମେ ଆଶା କରୁଛୁ ।

# ଦମ୍ ଦେଖାଇଲେ ଚାଷୀ, ୧୨ ଘଣ୍ଟା ଲାଗି ସମ୍ବଲପୁର ଠପ୍



ସମ୍ବଲପୁର, ୧୯।୧୨ (ସବ୍ୟୁ): ଟୋକନ ସମସ୍ୟାକୁ ନେଇ ଶୁକ୍ରବାର ଚାଷୀଙ୍କ ପକ୍ଷରୁ ୧୨ ଘଣ୍ଟିଆ ସମ୍ବଲପୁର ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି। ଚାଷୀମାନେ ସକାଳ ୬ଟାରେ ସହରର ଲକ୍ଷ୍ମୀଟକିଜ, ଅଇଁଠାପାଲି ଓ କଚେରୀ ଛକ ଆଦି ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ ବଜାର ଆଦି ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିଲେ । ସ୍କୁଲ, କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ, କୋର୍ଟ ଓ କଚେରୀ, ବ୍ୟାଙ୍କ ଆଦି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଆନ୍ଦୋଳନକାରୀ ମାନେ ସହର ମଧ୍ୟରେ ବସ ଚଳାଚଳକୁ ବନ୍ଦ କରିଥିଲେ । ସମସ୍ତ ପେଟ୍ରୋଲ ଟାଙ୍କିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଜାତୀୟ ରାଜପଥରେ ଯାନବାହାନ ଓ ଟ୍ରେନ ଚଳାଚଳ ବନ୍ଦକୁ ବାଦ ଦିଆଯାଇଥିଲା । ସମସ୍ତ ଜରୁରୀକାଳୀନ ସେବାକୁ ଛାଡି ସବୁ ବନ୍ଦ ରହିଥିଲା । ସହରରେ ବନ୍ଦକୁ ସମର୍ଥନ କରି ବିଭିନ୍ନ ସଙ୍ଗଠନ ସହ ବିଜେଡି ଓ କଂଗ୍ରେସ ଦଳ ସାମିଲ ହୋଇଥିଲେ । ସମ୍ବଲପୁର ସହର ସମେତ ଉପକଣ୍ଠସ୍ଥ ସିନ୍ଦୁରପଙ୍କ ଆଦି ଅଞ୍ଚଳରେ ମଧ୍ୟ ବନ୍ଦ ପ୍ରଭାବ ପଡିଥିଲା । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲାରେ ଚଳିତ ଖରିଫ ଋତୁରେ ଧାନ କିଣାବିକାରେ ଅବ୍ୟବସ୍ଥା ଦେଖା ଦେଇଛି । ଟୋକନ ସମସ୍ୟା ଯୋଗୁଁ ଚାଷୀଙ୍କ ଧାନ ଖଳା ଓ ମଣ୍ଡିରେ ପଡି ରହିଛି । ସମସ୍ୟାର ସମାଧାନ ପାଇଁ ଚାଷୀ ମାନେ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ସମ୍ବଲପୁର ଜିଲ୍ଲା କୃଷକ (୯ ପୃଷ୍ଠାରେ)

## ଇତିହାସ

୧୭୮୦- ହଲାଣ୍ଡ ବିରୋଧରେ ବ୍ରିଟେନର ଯୁଦ୍ଧ ଘୋଷଣା ।
୧୯୭୧- ପ୍ରସିଦ୍ଧ ଭାରତୀୟ ରାଜନୀତିଜ୍ଞ, ନେତା ତଥା ନ୍ୟାୟବିତ୍ ଗୋକର୍ଣ୍ଣନାଥ ମିଶ୍ରଙ୍କ ଜନ୍ମ ।
୧୮୭୬- ପ୍ରସିଦ୍ଧ କବି ବଙ୍କିମ ଚନ୍ଦ୍ର ଚାଟାର୍ଜୀ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ୍ ରଚନା କଲେ ।
୧୯୪୬- ମହାତ୍ମା ଗାନ୍ଧି ଶ୍ରୀରାମପୁରରେ ମାସକ ପାଇଁ ରହିଲେ ।
୧୯୫୧- ଓମାନ ଓ ବ୍ରିଟେନ ମଧ୍ୟରେ ଚୁକ୍ତି ପରେ ଓମାନ୍ ସ୍ୱତନ୍ତ୍ର ହେଲା ।
୧୯୫୫- ଭାରତୀୟ ଗଲ୍ଫ ସଂଘ ଗଠିତ ।
୧୯୬୦- ଉତ୍ତରାଖଣ୍ଡର ଅଷ୍ଟମ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାଓ୍ୱତଙ୍କ ଜନ୍ମ ।
୧୯୮୫- ତିରୁପତି ବାଲାଜୀ ମନ୍ଦିରରେ ଭଗବାନ ଭେଙ୍କଟେଶ୍ୱରଙ୍କ ମଥାରେ ୫.୨ କୋଟି ଟଙ୍କା ମୂଲ୍ୟର ହୀରାଖଚିତ ମୁକୁଟ ଲଗାଗଲା ।
୧୯୯୦- ଭାରତ ଓ ପାକିସ୍ତାନ ପରସ୍ପର ଉପରେ ପରମାଣୁ ଆକ୍ରମଣ ନକରିବା ଲାଗି ସହମତି ଜଣାଇଲେ ।

## ସମୁଦ୍ର ପାଲଟିଲା ଲାଲ



ଇରାନର ହୋର୍ମୁଜ ଆଇଲାଣ୍ଡରେ ନିକଟରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି, ଏଠାରେ ସମୁଦ୍ରର ରଙ୍ଗ ଲାଲ ହୋଇଯାଇଛି । ଏଠାରେ ନିକଟରେ ହୋଇଥିବା ଖୁବ ଅଧିକ ବର୍ଷା ପରେ ହଠାତ୍ ସମୁଦ୍ରର ରଙ୍ଗ ଲାଲ ହୋଇଯାଇଥିଲା । ତେବେ ଏହା ପଛରେ ବୈଜ୍ଞାନିକ କାରଣ ରହିଛି । ଏହି ଆଇଲାଣ୍ଡର ମାଟିରେ ଅଧିକ ମାତ୍ରାରେ ଆଇରନ ଅକ୍ସାଇଡ ଓ ହେମାଟାଇଟ ନାମକ ମିନେରାଲ୍ସ ଅଛନ୍ତି । ବର୍ଷା କାରଣରୁ ଏଗୁଡିକ ଗାଢ ଲାଲ ରଙ୍ଗରେ ବଦଳି ଯାଇଥାଆନ୍ତି । ବର୍ଷା ପାଣିରେ ଏଗୁଡିକ ବୋହି ସମୁଦ୍ରରେ ମିଶୁଥିବା କାରଣରୁ ସମୁଦ୍ରର ରଙ୍ଗ ମଧ୍ୟ ଲାଲ ହୋଇଯାଉଛି । ଏହି ଆଇଲାଣ୍ଡର ଏହି ରଙ୍ଗ କାରଣରୁ ଏହାକୁ ରେନ୍‌ବୋ ଆଇଲାଣ୍ଡ ମଧ୍ୟ କୁହାଯାଇଥାଏ । ଏଠାରେ ଲାଲ, ହଳଦିଆ, ନାରଙ୍ଗୀ ଭଳି ଅନ୍ୟରଙ୍ଗର ଚଟ୍ଟାଣ ଉପସ୍ଥିତ ରହିଛି ।

## ୱିଗର ଉଚ୍ଚତା ତିନି ମହଲା

ନାଇଜେରିଆର ଜଣେ ମହିଳାଙ୍କ ନକଲି କେଶ ବା ୱିଗ ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଏହାର ଉଚ୍ଚତା ଗୋଟିଏ ବିଲ୍ଡିଂର ତିନି ମହଲା ଠାରୁ ବି ଅଧିକ ଉଚ୍ଚ । ଏହି ୱିଗର ଉଚ୍ଚତା ପାଖାପାଖି ୫୦ ଫୁଟ । ଏହା ପୂର୍ବରୁ ମଧ୍ୟ ହେଲେନଙ୍କ ପାଖରେ ସବୁଠାରୁ ଲମ୍ବା ଓ ଚଉଡା ୱିଗର ରେକର୍ଡ ରହିଥିଲା । ତେବେ ଚଳିତ ରେକର୍ଡ ସହିତ ସେ ତୃତୀୟ ଥର ପାଇଁ ଗିନିଜ ବୁକରେ ଏଣ୍ଟ୍ରି ମାରିଛନ୍ତି । ତେବେ ତାଙ୍କୁ ଏହି ୱିଗ ତିଆରି କରିବା ପାଇଁ ଖୁବ ପରିଶ୍ରମ କରିବାକୁ ପଡିଛି । ଏହାକୁ ତିଆରି କରିବାକୁ ୨୫୦ ବଣ୍ଡଲ କେଶର ବ୍ୟବହାର ହୋଇଥିବାବେଳେ ୧.୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।



## ଓଡ଼ିଆ ରୁଚି

### କନ୍ଦମୂଳ କାକରା



**ସାମଗ୍ରୀ –** କନ୍ଦମୂଳ, ମଇଦା, ଖୁଆ, ଚିନି, ଗୁଜୁରାତି, ଖାଇବା ସୋଡା, ତେଲ କିମ୍ବା ଘିଅ ।

**ପ୍ରଣାଳୀ –** ଖୁଆ ସହିତ ଚିନି ଓ ଗୁଜୁରାତି ଗୁଣ୍ଡ ମିଶାଇ ପୁର ତିଆରି କରନ୍ତୁ । କନ୍ଦମୂଳ ସିଝାଇ ଚୋପା ଛଡାଇ ନିଅନ୍ତୁ । ସେଥିରେ ମଇଦା ଓ ଦରକାର ମୁତାବକ ଖାଇବାସୋଡା ମିଶାଇ ଦିଅନ୍ତୁ । ଏହାପରେ ସମସ୍ତ ମିଶ୍ରଣକୁ ଭଲକରି ଚକଟି ଛୋଟଛୋଟ ଗୁଳା କରନ୍ତୁ । ଏହାପରେ ଏହି ଗୁଳାରେ ଖୁଆ ପୁର ଦେଇ ଗଢନ୍ତୁ । ପରେ ଗଢା ହୋଇଥିବା ପିଠାକୁ ତେଲରେ ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଯିବ କନ୍ଦମୂଳ କାକରା । ଏହା ଖୁବ ସ୍ୱାଦିଷ୍ଟ ସହିତ ଦେହକୁ ହିତ ହୋଇଥାଏ ।

## ସୋସିଆଲ କୋଟ୍ସ



"ଧର୍ମେନ୍ଦ୍ରଙ୍କ ସହିତ ଜୀବନର ୪୫ ବର୍ଷ କାଟିବାପରେ ହେମା ମାଳିନୀଙ୍କୁ ଧର୍ମେନ୍ଦ୍ରଙ୍କ ପ୍ରଥମ ପରିବାର ଏଭଳି ସାଇଡ ଲାଇନ କରିବା ଖୁବ କଷ୍ଟ ଦାୟକ ଅନୁଭବ । ହେଲେ ହେମା ଏଭଳି ପରିସ୍ଥିତିକୁ ଖୁବ ଧୈର୍ଯ୍ୟର ସହିତ ସମ୍ଭାଳିଛନ୍ତି ।"

ଶୋଭା ଦେ, ଲେଖିକା



"ମୋର ପିଲାଦିନ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ମୁଁ ରହୁଥିବା ଅଞ୍ଚଳରେ ଟିଭି, ବିଜୁଳି କିମ୍ବା କୌଣସି ସୌଖିନ ସୁବିଧା ନଥିଲା । ଟିଭି ଦେଖିବାକୁ ଅନେକ ସଂଘର୍ଷ କରିବାକୁ ପଡୁଥିଲା ସେଥିପାଇଁ ଟିଭିରେ ବାହାରିବାକୁ ଜିଦ ରଖିଥିଲି ।"

ବିପିନ ଶର୍ମା, ଅଭିନେତା



"ଅନନ୍ୟା ପାଣ୍ଡେଙ୍କୁ ମୁଁ ୬ -୭ ବର୍ଷ ହେଲା ଜାଣିଲାଣି । ଆମେ ଉଭୟ ଏହା ଭିତରେ ଅନେକ ବଦଳିଛୁ । ହେଲେ ଆମ ଭିତରେ ଥିବା ଫ୍ରେଣ୍ଡସିପ ଆଜି ବି ସେମିତି ରହିଛି, ଯାହା ଆମକୁ ଅଭିନୟରେ ସାହାଯ୍ୟ କରୁଛି ।"

କାର୍ତ୍ତିକ ଆରିୟନ, ଅଭିନେତା

## କାଷ୍ଟିଂ କାଉଚ ଅନୁଭୂତି ଖୁବ ଖରାପ



ନିକଟରେ ବିଗବସ ପ୍ରତିଯୋଗୀ ମାଳତୀ ଚହର ଏକ ପୋଡକାଷ୍ଟରେ ମନଖୋଲି କଥା ହେବାର ଦେଖିବାକୁ ମିଳିଛି । ଏହି ପୋଡକାଷ୍ଟରେ ମାଳତୀ ମନଖୋଲି ସବୁ ବିଷୟରେ କଥା ହୋଇଛନ୍ତି । କ୍ୟାରିୟରରେ ସବୁଠାରୁ କଷ୍ଟଦାୟକ ତାଙ୍କ ପାଇଁ ଥିଲା କାଷ୍ଟିଂ କାଉଚର ଅନୁଭୂତି ବୋଲି ସେ ଏହି ପୋଡକାଷ୍ଟରେ ମନ୍ତବ୍ୟ ଦେଇଛନ୍ତି । ସାଉଥର ଗୋଟିଏ ଫିଲ୍ମର କାହାଣୀ ଶୁଣିବା ପାଇଁ ସେ ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦେଖାହୋଇଥିଲେ । ଏହାପରେ ପ୍ରଯୋଜକ ତାଙ୍କୁ ଏକୁଟିଆ ସାକ୍ଷାତ କରିବାକୁ ଇଚ୍ଛା କରିଥିଲେ ହେଲେ ସେ ତାଙ୍କ ସହିତ ସାକ୍ଷାତ କରିନଥିଲେ । ଏହାପରେ ଆଉଏକ ଅନୁଭୂତି ସମ୍ପର୍କରେ ମଧ୍ୟ ମାଳତୀ କଥା ହୋଇଛନ୍ତି । ଏଥିରେ ସେ ଜଣେ ନିର୍ଦ୍ଦେଶକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ଯାହାଙ୍କୁ ସେ ଅଭିବାଦନ କରିବା ସମୟରେ ସେ ତାଙ୍କୁ ଦୁର୍ବ୍ୟବହାର କରିଥିବା ମାଳତୀ ପ୍ରକାଶ କରିଛନ୍ତି । ଏହି ସବୁ ଘଟଣା ତାଙ୍କୁ ଖୁବ କଷ୍ଟ ଦେବା ସହିତ ଜୀବନରେ ଅନେକ କିଛି ଶିଖାଇଛନ୍ତି ବୋଲି ମାଳତୀ ପ୍ରକାଶ କରିଛନ୍ତି ।

## ପ୍ରସାଦରେ ବଢ଼ାଯାଏ କେଶ



ଜାପାନରେ ଏଭଳି ଏକ ସ୍ୱତନ୍ତ୍ର ମନ୍ଦିର ରହିଛି ଯେଉଁଠାରେ ପ୍ରସାଦରେ ମଣିଷମାନଙ୍କର କେଶ ଲାଗି କରାଯାଇଥାଏ । ଜାପାନର କ୍ୟୋଟାରେ ରହିଥିବା ଏହି ସ୍ୱତନ୍ତ୍ର ମନ୍ଦିରର ନାମ ମିକାମୀ ଶ୍ରାଇନ, ଯେଉଁଠାରେ କେଶ ପ୍ରସାଦରେ ଲାଗିଥାଏ । ଏହା ଦୁନିଆର ଏଭଳି ଏକ ସ୍ୱତନ୍ତ୍ର ମନ୍ଦିର ଯାହାର ପୂଜା ନୀତି ଖୁବ ଭିନ୍ନ । ଏଠାରେ ପୂଜାରୀମାନେ ଶ୍ରଦ୍ଧାଳୁଙ୍କ ମୁଣ୍ଡରୁ କିଛି କେଶ କାଟନ୍ତି ଏବଂ ଏହାକୁ ଏକ ସ୍ୱତନ୍ତ୍ର ଲଫାଫାରେ ରଖନ୍ତି । କଟା ଯାଉଥିବା କେଶକୁ ଏକ ଲଫାଫାରେ ରଖି ଭଗବାନଙ୍କ ପାଦ ତଳେ ରଖାଯାଇଥାଏ । ଏଭଳି ମାନ୍ୟତା ଅଛି କି ଏଠାରେ କେଶ ଭୋଗରେ ଲଗାଇଲେ ଘରେ ଥିବା ଅନ୍ୟ ସଦସ୍ୟଙ୍କ କେଶ ସୁରକ୍ଷିତ ରହିବା ସହିତ ନୂଆ କେଶ ମଧ୍ୟ ଉଠିଥାଏ । ଏପରିକି ଯେଉଁମାନଙ୍କର କେଶ ଝଡୁଥାଏ କି କେଶ ସମ୍ବନ୍ଧିତ ସମସ୍ୟା ରହିଥାଏ ସେମାନେ ମନ୍ଦିରରେ ନିଜର ସମସ୍ୟା ଲେଖି ଏକ ଚିଠି ମଧ୍ୟ ରଖିଦେଇଯାଆନ୍ତି । ବିଶ୍ୱାସ ରହିଛି ଏଭଳି କରିବାଦ୍ୱାରା କେଶ ଝଡିବା ସମସ୍ୟା ଦୂର ହୋଇଥାଏ ।

## ଆଜିର ପଞ୍ଜିକା

ପୌଷମାସ ଶୁକ୍ଳପକ୍ଷ ପ୍ରତିପଦା
ଶନିବାର ତା୨୦-୧୨-୨୦୨୫

**ମେଷ-** ମାନସମ୍ମାନ ହାନି, ପରିବାରରେ ବିରୋଧ, ମୂଲ୍ୟବାନ ପଦାର୍ଥ ନଷ୍ଟ, ମନ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ମିତ୍ରତା, ପୁରାତନ ବନ୍ଧୁଙ୍କ ସାକ୍ଷାତ, ରାଜଦଣ୍ଡ, ଶରୀର ଅସୁସ୍ଥ, ଦୂରସ୍ଥାନକୁ ଯାତ୍ରା, ଅଯଥା ଖର୍ଚ୍ଚ, ମାନସିକ ଅସ୍ଥିରତା, ଭିଜାମେଷ ସତର୍କ ରହିବେ, ଶୁଭରଙ୍ଗ-ଲାଲ, ଅଙ୍କ-୩, ଆରାଧନା- ମା ବଗଳାମୁଖୀ ।

**ବୃଷ-** ବାଦବିବାଦ, ସ୍ୱାସ୍ଥ୍ୟପ୍ରତି ସତର୍କ, ଅତ୍ୟଧିକ ଖର୍ଚ୍ଚ, ନୂତନ କାର୍ଯ୍ୟରେ ବିରୋଧ, ମନ ଅସ୍ଥିର, ଯାତ୍ରାରେ ସାମାନ୍ୟ ଲାଭ, ଶତ୍ରୁ ରହିବେ, କର୍ମକ୍ଷେତ୍ରେ ଖୁସି, ବନ୍ଧୁ ମିଳନ, ପାରିବାରିକ ସହଯୋଗ, ଭ୍ରମଣଯୋଗ, କାର୍ଯ୍ୟରେ ଅସନ୍ତୁଷ୍ଟ, କୃତ୍ତିକା ବୃଷ ସତର୍କ ରହିବେ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ-** ମନରେ ପ୍ରସନ୍ନତା, ବନ୍ଧୁ ଦର୍ଶନ, ଦୂରସ୍ଥାନକୁ ଯାତ୍ରା, ବ୍ୟବସାୟରେ ଉନ୍ନତି, ଅତିଥି ଆଗମନ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଖୁସି, ଉଚ୍ଚବ୍ୟକ୍ତିଙ୍କ ସହ ସୁସମ୍ପର୍କ, ଉଚ୍ଚସମ୍ମାନ ପ୍ରାପ୍ତି, ଗୃହରେ ଉତ୍ସବ, ଗୁରୁଜନଙ୍କ ଆଶୀର୍ବାଦ, ବିଦ୍ୟାଲାଭ, ଶତ୍ରୁ ପରାଜିତ, ମୃଗଶିରା ମିଥୁନ ସତର୍କ ରହିବେ, ଶୁଭରଙ୍ଗ-ଧଳା, ସଂଖ୍ୟା -୩, ଆରାଧନା- ପ୍ରଭୁ ଜଗନ୍ନାଥ ।

**କର୍କଟ-** ପରୋପକାର, ବନ୍ଧୁଲାଭ, କର୍ମକ୍ଷେତ୍ରେ ଆନନ୍ଦ, ରାଜସମ୍ମାନ ପ୍ରାପ୍ତି, ଦୂରସ୍ଥାନକୁ ଯାତ୍ରା, ବ୍ୟବସାୟରେ ବିରୋଧ, ନ୍ୟାୟିକ ବ୍ୟବସ୍ଥାରେ ଲାଭ, ଶାରୀରିକ ସୁସ୍ଥତା, ନୂତନ କାର୍ଯ୍ୟରେ ପାରିବାରିକ ଖୁସି, ପୁଷ୍ୟାକର୍କଟ ସତର୍କ ରହିବେ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୨, ଆରାଧନା- ମା ତ୍ରିପୁରାସୁନ୍ଦରୀ ।

**ସିଂହ-** କର୍ମେ ଅଶାନ୍ତି, ମନଅସ୍ଥିର, କର୍ମକ୍ଷେତ୍ରେ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହରେ ସହଯୋଗ, ପୁରାତନ ରୋଗରେ ପିଡ଼ା, ଅର୍ଥ ସମସ୍ୟା, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ କଷ୍ଟ, ବିଚ୍ଛିନ୍ନତା, ବନ୍ଧୁଙ୍କ ସହ ମିତ୍ରତା, ଉତ୍ତରାଫାଲଗୁନି ସିଂହ ସତର୍କ ରହିବେ, ଶୁଭରଙ୍ଗ- ହଳଦୀ, ଅଙ୍କ- ୪, ଆରାଧନା- ଭଗବାନ ବିଷ୍ଣୁ ।

**କନ୍ୟା-** ବିବାଦ ସମାଧାନ, ବନ୍ଧୁଙ୍କ ସହ ମିତ୍ରତା, ମନରେ ସନ୍ଦେହ, ବ୍ୟବସାୟିକ ଖୁସି, ଦୂରଯାତ୍ରା, ଗୃହରେ ଉତ୍ସବ, ଅଜ୍ଞାତ ସମସ୍ୟା, ଦ୍ରବ୍ୟଚୋରି, ମହିଳାଙ୍କ ସହଯୋଗ ମିଳିବ, ଆର୍ଥିକ ଲାଭ, ଅଯଥା ଅଶାନ୍ତି, ଚିତ୍ରା କନ୍ୟା ସତର୍କ ରହିବେ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା- ଭଗବାନ ବିଷ୍ଣୁ ।

**ତୁଳା-** ମନରେ ଉତ୍ସାହ, ଦ୍ରବ୍ୟପ୍ରାପ୍ତି, ପିଲାଙ୍କ ଖୁସି, ବିଦେଶ ଭ୍ରମଣ, ବ୍ୟବସାୟରେ ଲାଭ, ଆର୍ଥିକ ଉନ୍ନତି, ବନ୍ଧୁ ସହଯୋଗ, କର୍ମକ୍ଷେତ୍ରେ ଶାନ୍ତି, ଶତ୍ରୁରେ ମିତ୍ରତା, ଶରୀର ସୁସ୍ଥ, ମୋକଦ୍ଦମାରେ ବିଜୟ, ସମ୍ମାନ ଲାଭ, ଶୁଭ ଆଲୋଚନା, ସ୍ୱାତିତୁଳା ସତର୍କ ରହିବେ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୩, ଆରାଧନା- ଭଗବାନ ଶଙ୍କର ।

**ବିଛା-** ମାନସିକ ଅସ୍ଥିରତା, ଅଯଥା ହଇରାଣ, କର୍ମକ୍ଷେତ୍ରେ ବିରୋଧ, ଅର୍ଥସମସ୍ୟା, ଗୃହଶତ୍ରୁ, ଉଦ୍ଭବ ପ୍ରତି ବିମୁଖ, ବ୍ୟବସାୟରେ ଶତ୍ରୁତା, ଯାନ୍ତ୍ରିକ ସମସ୍ୟା, ବିଦ୍ୟାରେ ଅଳ୍ପ ଲାଭ, ରାଜଦଣ୍ଡ, ଶତ୍ରୁ ଲାଗିରହିବେ, ଶାରୀରିକ ସମସ୍ୟା, ବନ୍ଧୁସହଯୋଗ, ଯାତ୍ରାରେ ଖୁସି, ଜ୍ୟେଷ୍ଠାବିଛା ସତର୍କ ରହିବେ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ-** ମନରେ ପ୍ରସନ୍ନତା, ସୁସମ୍ମାନ, ଉଚ୍ଚଆଶା ପୂର୍ଣ୍ଣ, ବନ୍ଧୁମିଳନ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ବ୍ୟବସାୟରେ ଉନ୍ନତି, ବିବାଦର ସମାଧାନ, ପଦବୀ ଲାଭ, ଭୂସମ୍ପତ୍ତି ଲାଭ, କର୍ମକ୍ଷେତ୍ରେ ସମସ୍ୟା ସମାଧାନ, ବିଦ୍ୟାରେ ଉନ୍ନତି, ଯଶ ମିଳିବ, ଉତ୍ତରାଷାଢ଼ା ଧନୁ ସତର୍କ ରହିବେ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା ଶ୍ୟାମାକାଳୀ ।

**ମକର-** ଶରୀର ଅସୁସ୍ଥ, ବନ୍ଧୁଦର୍ଶନ, ଭ୍ରମଣଯୋଗ, ଉଚ୍ଚଆଶାରେ ବାଧା, ଶତ୍ରୁସଙ୍କଟ, ବ୍ୟବସାୟରେ ମାନ୍ଦାବସ୍ଥା, ଅଳସୁଆ ବୃଦ୍ଧି, ଋଣ କରିବେ, କର୍ମକ୍ଷେତ୍ରେ ଅଶାନ୍ତି, ଅର୍ଥ ସମସ୍ୟା, ଭଲକାର୍ଯ୍ୟେ ବିବାଦ, ଅପବାଦ, ଚୋରି ଭୟ, ଅଶୁଭବ୍ୟକ୍ତିଙ୍କ ମିତ୍ରତା, ଧନିଷ୍ଠା ମକର ସତର୍କ ରହିବେ, ଶୁଭରଙ୍ଗ-ନିଳ, ସଂଖ୍ୟା-୪, ଆରାଧନା- ମା ବଗଳା ।

**କୁମ୍ଭ-** ନୂତନ କର୍ମାରମ୍ଭ, ଆର୍ଥିକ ଉନ୍ନତି, ପାରିବାରିକ ଖୁସି, ବ୍ୟବସାୟରେ ଲାଭ, ସମ୍ପର୍କରେ ସୁଧାର, ଅର୍ଥଖର୍ଚ୍ଚ, ମୋକଦ୍ଦମାରେ ବିଜୟ, ଶରୀର ସୁସ୍ଥ, ନୂତନ ଆଶା, ସୁସମାଚାର, ବନ୍ଧୁରେ ଆଗ୍ରହ, ଗୃହେ ଉତ୍ସବ, ଅଯଥା ଅଶାନ୍ତି, ପୂର୍ବାଭାଦ୍ର କୁମ୍ଭ ସତର୍କ ରହିବେ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୧, ଆରାଧନା- ପ୍ରଭୁ ହନୁମାନ ।

**ମୀନ-** କର୍ମରେ ସଫଳତା, ସମ୍ମାନପ୍ରାପ୍ତି, ପାରିବାରିକ ସହଯୋଗ, ଆର୍ଥିକ ଲାଭ, ପଦବୀ ଲାଭ, ଶତ୍ରୁ ପରାଭବ, ବିଦେଶ ଭ୍ରମଣ, ନୂତନ ନିଯୁକ୍ତି, ବନ୍ଧୁଙ୍କ ସହ ମିତ୍ରତା, ଶୁଭକାର୍ଯ୍ୟେ ଆଗ୍ରହ, ପିଲାଙ୍କ ଚିନ୍ତା, ଯାନବାହନରେ ସତର୍କତା, ଦ୍ରବ୍ୟଲାଭ, ଉତ୍ତରାଭାଦ୍ର ମୀନ ସତର୍କ ରହିବେ, ଶୁଭରଙ୍ଗ- ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ ।



ପଣ୍ଡିତ- ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୯୯୩୭୨୮୪୩୩୮

# ଇଂ. ଅଶୋକ ବସା ହେଲେ ଡବ୍ଲ୍ୟୁଏଫ୍ଇଓର ଆଭ୍ୟନ୍ତରୀଣ ଅଡିଟର

ଭୁବନେଶ୍ୱର(ସବ୍ୟୁ): ଭାରତ ତଥା ଓଡ଼ିଶାର ସୁଖ୍ୟାତ ଇଞ୍ଜିନିୟର ଅଶୋକ ବସା ୱାର୍ଲ୍ଡ ଫେଡେରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ (ଡବ୍ଲ୍ୟୁଏଫ୍ଇଓ)ର ଆଭ୍ୟନ୍ତରୀଣ ଅଡିଟର ଭାବେ ୨୦୨୫-୨୦୨୭ ଅର୍ଥାତ ଦୁଇବର୍ଷ ପାଇଁ ନିଯୁକ୍ତ ହୋଇଛନ୍ତି । ଡବ୍ଲ୍ୟୁଏଫ୍ଇଓର କାର୍ଯ୍ୟକାରି ବୋର୍ଡ ଦ୍ୱାରା ସଂସ୍ଥାର କାର୍ଯ୍ୟପଦ୍ଧତି ନିୟମାବଳୀ ଅନୁସାରେ ଏହି ସମ୍ମାନନୀୟ ପଦବୀରେ ଇଞ୍ଜିନିୟର ଶ୍ରୀ ବସାଙ୍କୁ ନିଯୁକ୍ତି ଦିଆଯାଇଛି । ଇଂ ବସା ଆର୍ଇସି (ବର୍ତ୍ତମାନ ଏନ୍ଆଇଟି) ରାଉରକେଲାର ପୂର୍ବତନ ଛାତ୍ର ଏବଂ ପୂର୍ବରୁ ଇନଷ୍ଟିଚ୍ୟୁସନ୍ସ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ଭଳି ଅନୁଷ୍ଠାନର ଅଧ୍ୟକ୍ଷ ପଦରେ ମଧ୍ୟ ରହି ଆସିଛନ୍ତି ।



ଡବ୍ଲ୍ୟୁଏଫ୍ଇଓର କାର୍ଯ୍ୟକାରୀ ବୋର୍ଡ ପ୍ରକାଶ କରିଛି ଯେ, ଇଞ୍ଜିନିୟର ଅଶୋକ ବସାଙ୍କର ଦୀର୍ଘ ବର୍ଷର ଅନୁଭବ ଓ ଇଞ୍ଜିନିୟରିଂ ସମୁଦାୟ ପ୍ରତି ତାଙ୍କର ନିଷ୍ଠା ଯୋଗୁଁ ସେ ଏହି ଦାୟିତ୍ୱ ନେବା ଅତ୍ୟନ୍ତ ଉପଯୁକ୍ତ । ଏହି ନିଯୁକ୍ତି ଚଳିତ ଡିସେମ୍ବର ମାସ ୧୨ ତାରିଖରୁ କାର୍ଯ୍ୟକାରୀ ହୋଇଛି ଏବଂ ଡବ୍ଲ୍ୟୁଏଫ୍ଇଓର ସମ୍ବିଧାନ ଅନୁଯାୟୀ ପୁନଃନବୀକରଣ ଯୋଗ୍ୟ ରହିବ ।

ଆଭ୍ୟନ୍ତରୀଣ ଅଡିଟର ଭାବେ ଇଞ୍ଜିନିୟର ବସା ଡବ୍ଲ୍ୟୁଏଫ୍ଇଓର ଆନ୍ତରିକ କାର୍ଯ୍ୟପ୍ରଣାଳୀର ସ୍ୱାଧୀନ ସମୀକ୍ଷା ଓ ମୂଲ୍ୟାଙ୍କନ ପାଇଁ ଦାୟିତ୍ୱବହନ କରିବେ । ଏଥିରେ ଆର୍ଥିକ ପ୍ରକ୍ରିୟା, ନିୟମାନୁଗତତା ବ୍ୟବସ୍ଥା ଓ ଶାସନ ପ୍ରଣାଳୀ ଆଦି ସମିଳିତ ରହିବ । ସେ କାର୍ଯ୍ୟକାରୀ ବୋର୍ଡ ପାଇଁ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ଭୋଟ ଅଧିକାର ବିନା କାର୍ଯ୍ୟକାରି ବୋର୍ଡ ଓ କାର୍ଯ୍ୟକାରି ପରିଷଦର ସଦସ୍ୟ ଭାବେ ଅଂଶଗ୍ରହଣ କରି, ସଂସ୍ଥାର ପାରଦର୍ଶିତା, ଦାୟିତ୍ୱବୋଧ ଓ ସୁଦୃଢ଼ ସଂସ୍ଥାଗତ ଶାସନ ପ୍ରତି ପ୍ରତିବଦ୍ଧତାକୁ ସମର୍ଥନ କରିବେ । ଏହି ନିଯୁକ୍ତିକୁ ଭାରତୀୟ ଇଞ୍ଜିନିୟରିଂ ସମୁଦାୟ ପାଇଁ ଗର୍ବର ବିଷୟ ଭାବେ ଦେଖାଯାଉଛି । ଜାତୀୟ ଓ ବିଶ୍ୱସ୍ତରରେ ଇଞ୍ଜିନିୟରିଂ ନେତୃତ୍ୱକ୍ଷେତ୍ରରେ ଇଞ୍ଜିନିୟର ବସାଙ୍କର ଦୀର୍ଘସ୍ଥାୟୀ ଅବଦାନର ସ୍ୱୀକୃତି ରୂପେ ଏହାକୁ ଗଣାଯାଉଛି ।

## ପୋଲିସକୁ ମାଡ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପିସିଆର୍‌ରେ ଥିବା ପୋଲିସ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଗିରଫ ୩ଜଣ ହେଲେ ସତ୍ୟରଞ୍ଜନ ସ୍ୱାଇଁ (୨୫), ରାଜେଶ ବଳବନ୍ତ ରାୟ (୨୪), ରାଜକିଶୋର ରାଉତ (୨୫) । ତିନିଜଣଙ୍କୁ ଶୁକ୍ରବାର କୋର୍ଟଚାଲାର କରାଯାଇଥିବା ପୋଲିସ କହିଛି । ସାଙ୍ଗମାନେ ଭୋଜିକରି ଖାଇବା ସହ ମଦ ପିଇ କାର୍‌କୁ ବେପରୁଆ ଭାବେ ଚଲାଇଥିଲେ । ଏହି ଖବର ପୋଲିସ କଣ୍ଟ୍ରୋଲ ରୁମ୍ ପାଇବା ପରେ ଗୁରୁବାର ସନ୍ଧ୍ୟାରେ ପିସିଆର୍-୨୫ ଭରତପୁର ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାରୁ ସେମାନଙ୍କୁ ପିଛା କରିଥିଲା । ଖଣ୍ଡଗିରି ବାରି ପାଖରେ ବେପରୁଆ ଚାଲୁଥିବା କିଆ କାର୍‌କୁ ଅଟକାଇଥିଲେ । ଗାଡି ଭିତରେ ଡ୍ରାଇଭର ସହିତ ମୋଟ ୩ଜଣ ଥିବା ଦେଖାଯାଇଥିଲା ।

## "ପରବ ୨୦୨୫" ର ଭବ୍ୟ ଶୁଭାରମ୍ଭ

# ବେଦାନ୍ତ ଆଲୁମିନିୟମ କୋରାପୁଟର ସାଂସ୍କୃତିକ ଐତିହ୍ୟକୁ ପାଳନ କରୁଛି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ପରବ ୨୦୨୫ ର ସମାରୋହରେ ଯୋଗ ଦେଇଛି, ଏହା କୋରାପୁଟର ପ୍ରତୀକାତ୍ମକ ସାଂସ୍କୃତିକ ମହୋତ୍ସବର ୨୮ତମ ସଂସ୍କରଣ ଯାହା ଏହି ଅଞ୍ଚଳର ସ୍ପନ୍ଦନଶୀଳ ପରମ୍ପରା, ଆଦିବାସୀ କଳା ଏବଂ ସମୃଦ୍ଧ ଐତିହ୍ୟକୁ ସମ୍ମାନିତ କରେ। ପାଞ୍ଚ ଦିନିଆ ଆଦିବାସୀ ମହୋତ୍ସବ ଦକ୍ଷିଣ ଓଡ଼ିଶାର କାଳଜୟୀ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ସମ୍ପ୍ରଦାୟ, କଳାକାର ଏବଂ ଶିଳ୍ପମାନଙ୍କୁ ଏକତ୍ରିତ କରିଥାଏ।

ଉଦଘାଟନୀ ଦିବସରେ, ବେଦାନ୍ତ ଆଲୁମିନିୟମ ଏହାର ଉତ୍ସର୍ଗୀକୃତ ଷ୍ଟଲକୁ ଉନ୍ମୋଚନ କରିଥିଲା, ଯାହା କମ୍ପାନୀର ସାମୁଦାୟିକ ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା। ଏହି ଷ୍ଟଲକୁ ଓଡ଼ିଶା ସରକାରଙ୍କ ମାନ୍ୟବର ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, ପୋଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡମ୍, କୋରାପୁଟ ବିଧାୟକ ରଘୁରାମ ମାଛ; ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା; କୋଟପାଡ ବିଧାୟକ ରୁପୁ ଭତ୍ରା; କୋରାପୁଟ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀମତୀ ସସ୍ମିତା ମେଲେକା; ଏବଂ କୋରାପୁଟର କଲେକ୍ଟର ମନୋଜ




ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ସମାବେଶୀ ଏବଂ ନିରନ୍ତର ବିକାଶ ଦିଗରେ ଏହି ଅଞ୍ଚଳର ଯାତ୍ରାକୁ ପ୍ରତିଫଳିତ କରୁଥିବାବେଳେ ଆଦିବାସୀ ସଂସ୍କୃତିକୁ ଆଲୋକିତ କରିଥିବାରୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ଉତ୍ସବର ପ୍ରଶଂସା କରିଥିଲେ।

ବେଦାନ୍ତ ଆଲୁମିନିୟମର ବୁଥ୍ ପରିଦର୍ଶକମାନଙ୍କୁ ଏହାର ସମ୍ପ୍ରଦାୟ ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ପଦକ୍ଷେପର ଏକ ଅନନ୍ୟ ଝଲକ ପ୍ରଦାନ କରିଥିଲା। ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରୋଜେକ୍ଟ ଆଦିକଳା, କମ୍ପାନୀର ଲାଞ୍ଜିଗଡ଼ ୟୁନିଟରେ ସଉରା ଚିତ୍ରକଳା ଏବଂ ଧୋକ୍ରା ଧାତୁ ହସ୍ତଶିଳ୍ପ ଭଳି ପ୍ରାଚୀନ ଆଦିବାସୀ କଳା ଫର୍ମକୁ ପୁନରୁଦ୍ଧାର କରିବା ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ। ପ୍ରୋଜେକ୍ଟ ଆଦିକଳା ମାଧ୍ୟମରେ, କମ୍ପାନୀ ୨୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ଶତାବ୍ଦୀ ପୁରୁଣା କଳା ପରମ୍ପରାକୁ ସଂରକ୍ଷଣ କରିବା ସହିତ ସ୍ଥାୟୀ ଜୀବିକା ହାସଲ କରିବାରେ ସକ୍ଷମ କରିଛି। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ପରବ ହେଉଛି ଜୀବନ୍ତ ପରମ୍ପରା ଏବଂ ସମ୍ପ୍ରଦାୟର ଗୌରବର ଉତ୍ସବ। ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହିତ ବିକାଶ ନିଶ୍ଚୟ ହେବା ଉଚିତ। 'ପ୍ରକଳ୍ପ ଆଦିକଳା" ଭଳି ପଦକ୍ଷେପ ମାଧ୍ୟମରେ ଆମେ କେବଳ ଭାରତର ପ୍ରାଚୀନ କଳାକୁ ପୁନର୍ଜୀବିତ କରୁନାହୁଁ, ବରଂ ଗ୍ରାମୀଣ ସମୁଦାୟଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ। ପରବ ୨୦୨୫ରେ ଆମର ଅଂଶଗ୍ରହଣ ସ୍ଥାନୀୟ ସଂସ୍କୃତିରେ ନିହିତ ସମାବେଶୀ ଅଭିବୃଦ୍ଧି ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# କଳିଙ୍ଗ ହସ୍ପିଟାଲ୍‌ରେ ଆଧୁନିକ ଏସ୍ଥେଟିକ୍ ଓ କସ୍ମେଟିକ୍ କ୍ଲିନିକ୍ ଉଦଘାଟିତ

କଟକ,(ସବ୍ୟୁ) କଳିଙ୍ଗ ହସ୍ପିଟାଲ୍ ଭୁବନେଶ୍ୱରରେ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ଆଧୁନିକ ଏସ୍ଥେଟିକ୍ ଓ କସ୍ମେଟିକ୍ କ୍ଲିନିକ୍‌ର ଉଦଘାଟନ ହୋଇଛି। ଏହି କ୍ଲିନିକ୍ ମାଧ୍ୟମରେ ଓଡ଼ିଶାର ଲୋକମାନଙ୍କୁ ସହଜ ମୂଲ୍ୟରେ ଉନ୍ନତ ଓ ଉଚ୍ଚମାନର ଏସ୍ଥେଟିକ୍ ଚିକିତ୍ସା ସେବା ପ୍ରଦାନ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ଏହି କ୍ଲିନିକ୍‌ର ଉଦଘାଟନ ଖ୍ୟାତନାମା ଓଲିଉଡ୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ଲୋକପ୍ରିୟ ଅଭିନେତା ହରିହର ମହାପାତ୍ରଙ୍କ ଦ୍ୱାରା ହୋଇଥିଲା। ଏହି ଅବସରରେ କଳିଙ୍ଗା ହସ୍ପିଟାଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଏସ୍. ସନ୍ତୋଷ କୁମାର ଡୋରା, ମୁଖ୍ୟ ଆର୍ଥିକ ଅଧିକାରୀ ଏନ୍. ସି. ସ୍ୱାଇଁ, ଅପରେସନ୍ ମୁଖ୍ୟ ଶ୍ରୀ ନରେନ୍ଦ୍ର ଶତପଥୀ, କସ୍ମେଟିକ୍ ଓ ଏସ୍ଥେଟିକ୍



କନସଲ୍ଟାଣ୍ଟ ଡା. ମୋନାଲିଶା ମହାପାତ୍ର, ସହିତ ହସ୍ପିଟାଲ୍‌ର ବରିଷ୍ଠ ଡାକ୍ତର, ପ୍ରବନ୍ଧନ ସଦସ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ନୂତନଭାବେ ଉଦଘାଟିତ ଏହି କ୍ଲିନିକ୍ ଆଧୁନିକ ପ୍ରଯୁକ୍ତି ସହିତ ସଜ୍ଜିତ ଓ ଚର୍ମ, କେଶ ଏବଂ ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ଏସ୍ଥେଟିକ୍ ଓ କସ୍ମେଟିକ୍ ଚିକିତ୍ସା ସେବା ପ୍ରଦାନ କରିବ। ଅଭିଜ୍ଞ ଚିକିତ୍ସକମାନଙ୍କ ମାଧ୍ୟମରେ ଏଠାରେ ଏକ ଛାଦ ତଳେ ସମ୍ପୂର୍ଣ୍ଣ ଏସ୍ଥେଟିକ୍ ସମାଧାନ, ସୁରକ୍ଷା, ଗୁଣମାନ ଏବଂ ନୀତିଗତ ଚିକିତ୍ସା ପ୍ରଥା ସହିତ ପ୍ରଦାନ କରାଯିବ। ଏହି ଅବସରରେ ଡା. ଏସ୍. ସନ୍ତୋଷ କୁମାର ଡୋରା କହିଥିଲେ ଯେ, କଳିଙ୍ଗ ହସ୍ପିଟାଲ୍ ଆନ୍ତର୍ଜାତୀୟ ମାନଦଣ୍ଡର ସ୍ୱାସ୍ଥ୍ୟସେବାକୁ ଓଡ଼ିଶାର ଲୋକମାନଙ୍କ ପାଇଁ ସହଜ ଓ ସସ୍ତା କରିବା ପ୍ରତି ପ୍ରତିବଦ୍ଧ। ଏହି ଏସ୍ଥେଟିକ୍ ଓ କସ୍ମେଟିକ୍ କ୍ଲିନିକ୍‌ର ଉଦଘାଟନ କଳିଙ୍ଗ ହସ୍ପିଟାଲ୍‌ର ଆଧୁନିକ ଚିକିତ୍ସା ସେବାକୁ ସମୁଦାୟର ନିକଟକୁ ନେଇଆସିବା ଏବଂ ରୋଗୀକେନ୍ଦ୍ରିକ ଚିକିତ୍ସା ସହିତ କ୍ଲିନିକାଲ୍ ଉତ୍କୃଷ୍ଟତା ପ୍ରଦାନ କରିବା ଦୃଷ୍ଟିକୋଣକୁ ପୁନରୁଚ୍ଚାରଣ କରେ।

# ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସରରେ 'ପାହାଚ'ର ଲୋକାର୍ପଣ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଡିସେମ୍ବର ମାସର ସାରସ୍ୱତ ଆସର ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଗତ ଆସରରେ ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପରିଷଦର ପୂର୍ବତନ ସଭାପତି ସ୍ୱର୍ଗତ ସୁକାନ୍ତ ସୁବୁଦ୍ଧିଙ୍କ ସ୍ମୃତିରେ ହୋଇଥିବା କବିତା ପାଠର ସମ୍ପାଦିତ ଭିଡ଼ିଓର ଲୋକାର୍ପଣ କରାଯାଇଥିଲା । ପରିଷଦରୟୁ ଟ୍ୟୁବ ପତ୍ରିକା 'ପାହାଚ'ରେ ଏହାର ପ୍ରିମିୟର ହୋଇଥିଲା । ବିଦାୟୀ ବର୍ଷ ଉପଲକ୍ଷେ ସ୍ୱତନ୍ତ୍ର କବିତା ପାଠ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମୌସୁମୀ ଦାସ । ଏହି ଅବସରରେ ପୂର୍ବତନ ଯୁଗ୍ମ ଶାସନ ସଚିବ ବନ୍ଦିତା ଦାଶ,ଉପ-ସଭାପତି କମଳିନୀ ମଲ୍ଲିକ,ପୁଷ୍ପାଞ୍ଜଳି ବିଶୋୟୀ,ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ,ବିଜନବାଳା ପାଟଯୋଷି ,ସୁଶାନ୍ତ ଧର ,ମୌସୁମୀ ଦାସ ସ୍ୱରଚିତ କବିତା ପାଠ କରିଥିଲେ । ଆସରରେ ସଭାପତିତ୍ୱ କରିଥିଲେ



ପରିଷଦର ଉପ ସଭାପତି କମଳିନୀ ମଲ୍ଲିକ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅନୀଲ କୁମାର ବେହେରା । ଲେଖକ ପରିଷଦରୟୁ ଟ୍ୟୁବ ସାହିତ୍ୟ ପତ୍ରିକା 'ପାହାଚ'ରେ ନିୟମିତ ଭାବେ ଭିଡ଼ିଓ ଅପଲୋଡ଼ କରାଯିବ ବୋଲି ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ସରକାରଙ୍କ ଦ୍ୱାରା
୪ଟି ଶ୍ରମ ସଂହିତା ଲାଗୁ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମଜୁରି ସଂହିତା - ୨୦୧୯

ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା - ୨୦୨୦

ଶିଳ୍ପ ସମ୍ପର୍କ ସଂହିତା - ୨୦୨୦

ସାମାଜିକ ସୁରକ୍ଷା ସଂହିତା - ୨୦୨୦

ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାର

- ନିଯୁକ୍ତିଦାତାମାନଙ୍କ ଦ୍ୱାରା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନ
- ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକ ସର୍ବନିମ୍ନ ମଜୁରି ପରିସରଭୁକ୍ତ
- ମହିଳା ଓ ପୁରୁଷ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ
- ସ୍ୱିଗି, ଜୋମାଟୋ, ଓଲା, ଉବେର୍ ଆଦି ଅନ୍‌ଲାଇନ୍ ପ୍ଲାଟଫର୍ମରେ ନିୟୋଜିତ ଗିଗ୍ ଓ ପ୍ଲାଟଫର୍ମ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ଗଠନ
- କର୍ମଚାରୀମାନଙ୍କ ନିମନ୍ତେ ବାଧ୍ୟତାମୂଳକ ଦେୟମୁକ୍ତ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା
- ନିର୍ଦ୍ଧାରିତ ଅବଧିର କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀଙ୍କ ପରି ସମାନ ସୁବିଧା ସୁଯୋଗ ସହିତ ଏକ ବର୍ଷର ନିରନ୍ତର ସେବା ପରେ ଗ୍ରାଚ୍ୟୁଇଟି ପାଇବାର ବ୍ୟବସ୍ଥା
- ନିଯୁକ୍ତିଦାତାଙ୍କ ପାଇଁ ଏକକ ପଞ୍ଜୀକରଣ ତଥା ଲାଇସେନ୍ସ ପ୍ରଦାନ ବ୍ୟବସ୍ଥା ସହିତ ଏକକ ରିଟର୍ଣ୍ଣ ଦାଖଲର ବ୍ୟବସ୍ଥା

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR: 17002/13/0023/2526 DSPL_430

## ନାବାଳିକା ବଳାତ୍କାର ମାମଲା, ଆସାମୀଙ୍କୁ ୨୦ ବର୍ଷ ଜେଲ୍

କଟକ,(ସବ୍ୟୁ): ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ସେକ୍ ମୋତିନ୍‌କୁ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୫୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ୨ ବର୍ଷ ଜେଲ୍ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଅଗଷ୍ଟ ୪ରେ ସାଲେପୁର ଥାନା ଅନ୍ତର୍ଗତ ସାଇନପଡ଼ାରେ ଜଣେ ବ୍ୟକ୍ତିଙ୍କ ଘରକୁ କ୍ଷୀର ଦେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତଜଣକ ନାବାଳିକାଙ୍କୁ ଏକ ସ୍କୁଲ ପଛପଟକୁ ଟେକିନେଇ ବଳାତ୍କାର କରିଥିଲା। ପୀଡ଼ିତା ଏ ସଂକ୍ରାନ୍ତରେ ପରିବାର ସଦସ୍ୟଙ୍କୁ ଜଣାଇବା ପରେ ପୀଡ଼ିତାଙ୍କ ମା ସାଲେପୁର ଥାନାରେ ଉକ୍ତଦିନ ଏଫଆଇଆର ଦେଇଥିଲେ। ପୁଲିସ ତଦନ୍ତ କରି ୨୦୨୪ ଅକ୍ଟୋବର ପହିଲା ଦିନ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଦାଲତ ଆଜି ଅଭିଯୁକ୍ତ ସେକ୍ ମୋତିନ୍‌କୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଏବଂ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା) କୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କ ପାଇଁ ଆଜି ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣର ଲକ୍ଷ୍ୟ ସାଧନ କରିବାରେ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ,"ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ରେ ୪ଟି ପ୍ରମୁଖ ମାନଦଣ୍ଡକୁ ସ୍ଥାନିତ କରାଯାଇଛି। ଓଡ଼ିଶାରେ ଉଚ୍ଚଶିକ୍ଷାରେ ୨୦୩୬ ମସିହା ସୁଦ୍ଧା ୫୦ % ଓ ୨୦୪୭ ମସିହା ସୁଦ୍ଧା ୬୦% ସାମଗ୍ରିକ ଶିକ୍ଷା ଅନୁପାତକୁ ସୁନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନମାନଙ୍କରେ ଲିଙ୍ଗଗତ



ସମାନତା ଓ ପଛୁଆ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ଭୁକ୍ତିକରଣ ଉପରେ ପ୍ରାଧାନ୍ୟ ଦେବା, ସ୍ନାତକ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ୨ଟି ଶିକ୍ଷାନୁଷ୍ଠାନ ଯେପରି ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ ହୋଇପାରିବ ତାହାକୁ ସୁନିଶ୍ଚିତ କରିବା ଏବଂ ଓଡ଼ିଶାର ପ୍ରତିଟି ବ୍ଲକରେ ୨ଟି ଉଚ୍ଚଶିକ୍ଷାନୁଷ୍ଠାନ ଓ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ବହୁ ବିଷୟକ ଗବେଷଣା ଭିତ୍ତିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନ କରିବାର ଲକ୍ଷ୍ୟ ପୂରଣ କରିବା ନିମନ୍ତେ ଆମ ଶୈକ୍ଷିକ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉଚ୍ଚଶିକ୍ଷାର ବିକାଶକୁ ନେଇ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା)ରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ସ୍ଥାନିତ କରାଯାଇଥିବା ଲକ୍ଷ୍ୟକୁ କିପରି ଭାବେ ହାସଲ କରାଯାଇପାରିବ ସେ ସମ୍ବନ୍ଧରେ କୁଳପତି ଓ ଅଧ୍ୟକ୍ଷମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ର ନାଥ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଲ୍‌କୋର ପୂର୍ବତନ ଏଜିଏମ୍ (ପିଆର) ସନ୍ତୋଷ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର(ସବ୍ୟୁ): ନାଲ୍‌କୋର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (ପିଆର) ସନ୍ତୋଷ କୁମାର ମହାନ୍ତିଙ୍କର ଗୁରୁବାର ରାତିରେ ତାଙ୍କ ୟୁନିଟ୍-୩ ମାଷ୍ଟରକ୍ୟାଣ୍ଟିନ୍ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ଗତ କିଛିମାସ ଧରି ସେ ଲିଭର ଓ କିଡ୍‌ନି ଜନୀତ ସମସ୍ୟାରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ । ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଗୁରୁବାର ତାଙ୍କୁ ଘରକୁ ଅଣାଯାଇଥିଲା। ତେବେ ସେ ରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ



ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ଦୁଇ ଝିଅ ଅଛନ୍ତି। ସେ ଜଣେ ଅତ୍ୟନ୍ତ ମିଷ୍ଟଭାସି, ମେଳାପି ଓ ପରପୋକାରୀ ବ୍ୟକ୍ତି ଥିଲେ। ଅବସର ପରେ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି।

### ଜ୍ଞାନ, ଅନୁଭବ ଓ ପ୍ରଜ୍ଞାର ସଙ୍ଗମ

## ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ "ଆୟୁର୍ ଫେଷ୍ଟ' ସମ୍ପନ୍ନ

କଟକ, (ସ୍ୱପ୍ର): ଆୟୁରଫେଷ୍ଟବା ରାଜ୍ୟସ୍ତରୀୟ ଆୟୁର୍ବେଦ ମହୋତ୍ସବ "କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ' (କେ.ଏ.ଭି.ଏସ୍.) ଶୁକ୍ରବାର ଉଦ୍‌ଯାପିତ ହୋଇଛି । ବୁଧବାର ଉଦଘାଟିତ ହୋଇଥିବା ଏହି ମେଗା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଓ ରିସର୍ଚ୍ଚ ଡିନ୍ ପ୍ରଫେସର ଡ. କେଶରୀ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବେଙ୍ଗାଲୁରୁସ୍ଥିତ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡ. ପ୍ରବୀଣ କୁମାର ହୋସକୋଟେ ମାନବ ଶରୀର ବ୍ୟବଚ୍ଛେଦର ଲାଇଭ୍ ଡେମୋ ପ୍ରଦର୍ଶନ କରିଥିଲେ । ଗୁରୁବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସାଇଣ୍ଟିଫିକ୍ ସେସନ୍ ଥିବାବେଳେ ଏଥିରେ ଅତିଥି ଭାବେ ଯୋଗଦେଇ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ କହିଥିଲେ, ଆଗାମୀ ଦିନରେ ଆୟୁର୍ବେଦର ଉନ୍ନତି ନିମନ୍ତେ




ଚିକିତ୍ସକ ଏବଂ ବିଦ୍ୟାର୍ଥୀମାନେ ଚିନ୍ତା କରିବା ଆବଶ୍ୟକ । ମହାବିଦ୍ୟାଳୟ ଡିନ୍ ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ ବିଷୟରେ ସୂଚନା ଦେଇଥିଲେ। ଆୟୁର୍ବେଦର ଉନ୍ନତି ପାଇଁ ଦୃଢ଼ ନେତୃତ୍ୱର ଆବଶ୍ୟକତା ଅଛି ବୋଲି ଡେପୁଟି ଡିନ୍ ପ୍ରଫେସର ଡ. ଦୁର୍ଗାପ୍ରସାଦ ଦାଶ ମତ ରଖିଥିଲେ । ମୁଖ୍ୟବକ୍ତା ଭାବରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଯୋଗ ଦେଇଥିବା ପ୍ରଫେସର ପରମେଶ୍ୱର ବ୍ୟାଦଗି ବିଭିନ୍ନ ରୋଗର କାରଣ ଏବଂ ନିରାକରଣ ସହ ଆୟୁର୍ବେଦରେ ବର୍ଣ୍ଣିତ ଆଚାର ରସାୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଡେପୁଟି ଡିନ୍ ପ୍ରଫେସର ନଗେନ୍ଦ୍ର ପ୍ରସାଦ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଫେସର ଡ. କ୍ଷୀରାବ୍ଧୀ ତନୟା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମର ମୁଖପତ୍ର "ଅନୁକ୍ରିତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶୁକ୍ରବାର ଉଦଯାପନୀ ଦିବସରେ କୁଳପତି ପ୍ରଫେସର ଡ. ତେଜପ୍ରତାପ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।

### ବିଶ୍ୱ ଓଡ଼ିଆ ପରିବାର ତରଫରୁ ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫ ପାଇଁ ଭୂମି ପୂଜନ

## ୨୩ ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ହେବ ଆୟୋଜନ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଆ ଖାଦ୍ୟ ସଂସ୍କୃତି ଓ ପରମ୍ପରାର ପ୍ରସାର ପାଇଁ ଭୁବନେଶ୍ୱରଠାରେ ଓଡିଆ ଖାଦ୍ୟ ମହୋତ୍ସବ୨୦୨୫ ର ଅୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଆ ଖାଦ୍ୟ ସଂସ୍କୃତି ଓ ପରମ୍ପରା ଅନନ୍ୟ । ଅନେକ ପୌଷ୍ଟିକ ଓ ସ୍ୱାଦଯୁକ୍ତ ଆହାର ଓଡ଼ିଆଙ୍କର ଜୀବନଶୈଳୀର ଅଂଶ ବିଶେଷ । ଉଲ୍ଲେଖନୀୟ ଯେ, ଏହି ମହୋତ୍ସବ ରେ ଓଡ଼ିଶାର ସମସ୍ତ ତିରିଶିଟି ଜିଲ୍ଲାର ଖାଦ୍ୟ ପ୍ରକୋଷ୍ଠ ରହିବ । ସମ୍ପୃକ୍ତ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ହେବ । ଏହିପରି ୧୪୦ଟି ଷ୍ଟଲର ବ୍ୟବସ୍ଥା ରହିଛି । ଏହା ହେଉଛି ଓଡ଼ିଶାର ଅନନ୍ୟ ଖାଦ୍ୟ ମହୋତ୍ସବ,ଏହି ଅବସରରେ ଓଡ଼ିଆ ଖାଦ୍ୟ ସମ୍ବନ୍ଧିୟ ପ୍ରତିଯୋଗିତା, ଚିତ୍ରାଙ୍କନ,ପିଠା ଓ ମିଠା, ନିରାମିଷ ଓ ଆମିଷ ଖାଦ୍ୟ, ଆଦିବାସୀ ଖାଦ୍ୟ, ପୁନଃ ପ୍ରକ୍ରିୟାକାରଣ ଖାଦ୍ୟ,ଶାକାହାରୀ ଖାଦ୍ୟ,ଚିତ୍ର ଖାଦ୍ୟ,ସଜଡ଼ା ଭୋଗ ଥାଳି, ଡେଇଁ ଡେଇଁ ଖାଇବା,ବିନା ଅଗ୍ନିରେ ରାନ୍ଧିବା,ଶୁଙ୍ଘିବା ,ଛୁଇଁବା ଆଉ କହିବ,ରୋଷେଇ ଘରର ଖାଦ୍ୟ ଇତ୍ୟାଦି । ଏହି ମହୋତ୍ସବ ପ୍ରତିଦିନ ସକାଳ ୧୦ ଟା ରୁ ରାତ୍ର ୧୦ ପର୍ଯ୍ୟନ୍ତ ଚାଲିବ ଉତ୍ସବରେ ବିଭିନ୍ନ ସନ୍ଧ୍ୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ, ସାଂସଦ ଓ ବିଧାୟକ ଗଣ, ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି । ତେଣୁ ନୂତନ ପିଢିଙ୍କୁ ଓଡ଼ିଆ




ଖାଦ୍ୟ ସହ ପରିଚିତ କରାଇବା ପାଇଁ ଏଭଳି ଏକ ପରିକଳ୍ପନା କାରଯାଇଛି ବୋଲି ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି । ଏହି ଅବସରରେ ଅୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଶର୍ମା କହିଛନ୍ତି ଯେ, ବିଶ୍ୱ ଓଡ଼ିଆ ପରିବାର ଓଡ଼ିଆର ଗୌରବମୟ ଇତିହାସ ଓ ପରମ୍ପରାକୁ ନେଇ କାର୍ଯ୍ୟକ୍ରମମାନ ଆରମ୍ଭ କରିଛି ।

ଏଥି ସହ ଖାଦ୍ୟର ପ୍ରସ୍ତୁତି ଓ ବିଭିନ୍ନ ଉପାଦାନ ଓ ରନ୍ଧନ ଶୈଳୀ ଜିଲ୍ଲା ଭିତିରେ ପ୍ରଦର୍ଶନ କରାଯିବ । ଏହା ସହ ପ୍ରତି ଦିନ ଓଡ଼ିଆ ଖାଦ୍ୟ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ଆଲୋଚନାଚକ୍ରମାନ ଅନୁଷ୍ଠିତ ହେବ । ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଖାଦ୍ୟ ଗବେଷକ ଓ ଖାଦ୍ୟ ସଂସ୍କୃତି ପୁସ୍ତକ ଲେଖକମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ମହୋତ୍ସବରେ ରାଜଧାନୀର ବିଭିନ୍ନ ଆପାଟମେଣ୍ଟ ତଥା କଲୋନୀ ବାସିନ୍ଦା, ହୋଟେଲ ମ୍ୟାନେଜମେଣ୍ଟ କଲେଜ ଓ ସ୍କୁଲ ପିଲା ଏବଂ ପ୍ରସିଦ୍ଧ ହୋଟେଲମାନଙ୍କ ମଧ୍ୟରେ ରୋଷେଇ ପ୍ରତିଯୋଗିତା ଓ ଓଡ଼ିଆ ଖାଦ୍ୟକୁ ନେଇ କୁଇଜ ତଥା ଅନ୍ୟାନ୍ୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ଏଥି ସହ ଓଡ଼ିଆ ଖାଦ୍ୟ ଓ ସଂସ୍କୃତିର ବାହାରେ ପ୍ରଚାର ପାଇଁ ଗୌରବ ଆଣିଦେଇଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ । ପ୍ରତି ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ । ବହୁ ଓଡ଼ିଆ ଖାଦ୍ୟ ଶିଳ୍ପୋଦ୍ୟୋଗୀ ଉଦ୍ୟୋଗଗୁଡ଼ିକ ମଧ୍ୟ ଏହି ମହୋତ୍ସବରେ ଭାଗନେଉଛନ୍ତି । ଆଜିର କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ସମାଜସେବୀ ଜାଗନ୍ନାଥ ପ୍ରଧାନ, ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ହୋଟେଲ ଡାଲମାର ପ୍ରତିଷ୍ଠାତା ଦେବ ପଟ୍ଟନାୟକ, ଶିଳ୍ପୋଦ୍ୟୋଗୀ ଦୁଲାଲ ପାଣି, ବିଶିଷ୍ଟ ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ମିଶ୍ର, ସର୍ବଶ୍ରୀ କାଳନ୍ଦି ସାମଲ, କୁଳମଣି ରାଉତ, ସୁଜିତ କୁମାର ଦାସ, ଭାଗିରଥୀ ପାଟ୍ଟଯୋଶୀ, ଭକ୍ତ ତ୍ରିପାଠୀ ସୁରେଶ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ନଗର କଂଗ୍ରେସର ବିକ୍ଷୋଭ

କଟକ, (ସବ୍ୟୁ): କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ବାଦାମବାଡି ସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଅନ୍ୟାୟ ଓ ଅତିରିକ୍ତ ଜମା ପ୍ରତ୍ୟାହାର ଏବଂ ସ୍ମାର୍ଟ ମିଟର ଉଚ୍ଛେଦ ଦାବିରେ ବିକ୍ଷୋଭ କରାଯାଇଥିଲା । ଏଥିରେ ବିଧାୟିକା ସୋଫିଆ ଫିରଦୋସ ଯୋଗଦେଇ ଟିପିସିଓଡିଏଲ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ପଇଠ କରିବା ଲାଗି ଉପଭୋକ୍ତାମାନଙ୍କୁ ନୋଟିସ ଦେଇ ଏହି ଆର୍ଥିକ ବୋଝକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି କହିଥିଲେ । ଉପଭୋକ୍ତାମାନଙ୍କର ମିଟର ଠିକ ଥିଲେ ବି ବାଧ୍ୟକରି ସ୍ମାର୍ଟ ମିଟର ଲଗାଯାଉଛି ବୋଲି ବିଧାୟିକା ସୋଫିଆ କହିଥିଲେ । ଟିପିସିଓଡିଏଲ ଅପାରଗତା ଯୋଗୁ ସାଧାରଣ ଜନତା ଓଡିଶାରେ ଶୋଷଣ ହେଉଛନ୍ତି, ତେଣୁ ତୁରନ୍ତ ଏହାକୁ ପ୍ରତ୍ୟାହାର କରା ନଗଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ଗିରିବାଳା ବେହେରା କହିଛନ୍ତି । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ଶେଠୀ, ରେଣୁବାଳା ରାଉତ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ଶୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା ଓ ଜେ କାମେଶ୍ୱର ରାଓ, କଂଗ୍ରେସ ନେତା କେଦାର ପୃଷ୍ଟି, ଅନିତା ନାୟକ, ଚାରୁଲତା ସାହୁ, ନିତ୍ୟାନନ୍ଦ ରାଉତରାୟ, ରଶ୍ମି ରଞ୍ଜନ ମିଶ୍ର, ପ୍ରତାପ ପରିଡା, ଅଜୟ ଗୋଛାୟତ, ସନ୍ତୋଷ ପାତ୍ର, ସ୍ମୃତି ରଞ୍ଜନ ରାଉତ, ଚନ୍ଦନ ଦାସ, ଦିଲ୍ଲୀପ ମହାନ୍ତି, ସୁରଜିତ ସାହୁ, ସେକ ରମଜାନ ଅଲ୍ଲୀ, ସେକ ଗୁଲମମୋଇଦ୍ଦିନ, ରାକେଶ ଦାସ, ମୀର ମିଜାଫର ଅଲ୍ଲୀ, ସତ୍ୟଶ୍ରି ବେହେରା, ପ୍ରଭାତୀ ପଟ୍ଟନାୟକ, ଗାୟତ୍ରୀ ମଲ୍ଲ,ଦେବେନ୍ଦ୍ର ସେଠୀ, ଅନିତା ବେହେରା, ମନୋରମ ପଣ୍ଡା, ପୂର୍ଣ୍ଣିମା ବେହେରା, ଅନୁଶୟ ମହାରଣା, ସଞ୍ଜୟ ଦାସ, ରାଜଶ୍ରୀ ରାୟ, ଉସ୍ମାନ ଖାନ,ଶୋନୁ ସ୍ୱାଇଁ, ମହମ୍ମଦ ଇମରାନ, ମମତା ପଣ୍ଡା,ସୁଜାତା ଦାସ,ରାଜଶ୍ରୀ ବେହେରା, ସ୍ମିତା ସେନ, ହିରେନ ବେହେରା,ସେକ ବାବାଯାନୀ, ଭାଗବତ ସ୍ୱାଇଁ, ଅଜିଜ ଖାନ, ସେ ୱାଜିଦ, ସଂବିତ ଦାସ, ସେକ ମୁନିର, ମାମାନୀ ପାତ୍ର,ରୂପକ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ସିବିରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

କଟକ,(ସବ୍ୟୁ): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ବଡ ମେଡିକାଲରେ ରୋଗୀ ମାନଙ୍କୁ ସୁବିଧାରେ ଜରୁରୀ ଚିକିତ୍ସା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ ବିକାଶ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରୋଗୀଙ୍କ ଚିକିତ୍ସା ସୁବ୍ୟବସ୍ଥିତ କରିବା ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁରୁତ୍ୱାରୋପ କରିଛନ୍ତି । ରୋଗୀ ଚିକିତ୍ସା କ୍ଷେତ୍ରରେ ପୂର୍ବାଞ୍ଚଳରେ ବଡ଼ମେଡିକାଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ନିୟମିତ ଭାବେ ଦୂରଦୁରାନ୍ତରୁ ବହୁ ରୋଗୀ ଏଠାକୁ ଆସୁଛନ୍ତି । ସେମାନଙ୍କୁ ସୁବିଧାରେ ଜରୁରୀ ଓ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ ଦିଗରେ ସରକାର ପ୍ରାଥମିକତା ଦେଉଥିବାରୁ ବଡ଼ ମେଡିକାଲ ପରିସରରେ ସ୍ୱଚ୍ଛତା ଅବଲମ୍ବନ, ଆବଶ୍ୟକୀୟ ଚିକିତ୍ସା ସରଞ୍ଜାମ ଉପରେ ଆଲୋଚନା ହୋଇଥିଲା ।

### ଟ୍ରାଙ୍କୁଲାଇଜ୍ ହେଲା ଅସୁସ୍ଥ ଦନ୍ତାହାତୀ

## ଚିକିତ୍ସା କରୁଛନ୍ତି ଓୟୁଏଟି-ନନ୍ଦନକାନନ ଡାକ୍ତରୀ ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦକା ଜଙ୍ଗଲରେ ବୁଲୁଥିବା ଅସୁସ୍ଥ ଦନ୍ତାହାତୀକୁ ଶୁକ୍ରବାର ଅପରାହ୍ନ ସାଢେ ୩ଟା ବେଳେ ଟ୍ରାଙ୍କୁଲାଇଜ୍ କରାଯାଇଛି । ଟ୍ରାଙ୍କୁଲାଇଜ୍ ପରେ ଚିକିତ୍ସାରେ ନିୟୋଜିତ ଅଛନ୍ତି ଓୟୁଏଟି-ନନ୍ଦନକାନନ ଡାକ୍ତରୀ ବିଶେଷଜ୍ଞ । ଗତ ୩/୪ଦିନ ହେବ ଅସୁସ୍ଥ ଦନ୍ତା ଚନ୍ଦକା ଜଙ୍ଗଲରେ ବୁଲୁଥିବା ବନ କର୍ମଚାରୀ ଜାଣିବା ପରେ ତାକୁ ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜ୍ ଉଦ୍ୟମ କରିଥିଲେ । ଗୁରୁବାର ଟ୍ରାଙ୍କୁଲାଇଜ୍ କରିବାକୁ ଯାଉଥିବା ବନ କର୍ମଚାରୀଙ୍କୁ ଦନ୍ତା ଗୋଡାଇବାରୁ ଫରେଷ୍ଟରଙ୍କ ସମେତ ଦୁଇଜଣ ତଳେ ପଡି ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ହାତୀର ପଛ ବାମଗୋଡ ଆଣ୍ଠୁ ଉପରକୁ ଆଘାତ ଲାଗିଥିବାରୁ ସେଥିରୁ ରକ୍ତସ୍ରାବ ହେଉଥିଲା । ସେହି ଆଘାତ ଗୁଳି ନା ତୀରମାଡରୁ ହୋଇଛି ତାହା ଜଣାପଡିନଥିବା ବେଳେ ସଂକ୍ରମଣ ଯୋଗୁ ବାମଗୋଡଟି ବହୁ ଜୋର୍‌ରେ ଫୁଲିଯିବାରୁ ସେ ଛୋଟେଇ ଛୋଟେଇ ଚାଲୁଥିଲା । ଶୁକ୍ରବାର ୫ଟି ବନ ବିଶେଷଜ୍ଞ ଟିମ୍ ଡ୍ରୋନ୍ ସହାୟତାରେ ଦନ୍ତାହାତୀକୁ ଚିହ୍ନଟ କରିବା ପରେ ଅପରାହ୍ନ ସାଢେ ୩ଟା ବେଳେ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହେଲେ । ଟ୍ରାଙ୍କୁଲାଇଜ୍ ପରେ ଡାକ୍ତରୀ ଟିମ୍ ଚିକିତ୍ସା ଆରମ୍ଭ କରିଛନ୍ତି । ଚିକିତ୍ସା ହେବାର କିଛିଦିନ ପରେ ବାମଗୋଡରେ କିପରି କ୍ଷତ ହୋଇ ସଂକ୍ରମଣ ହେଲା ସେ ସମ୍ପର୍କରେ ଜଣାପଡିବ ବୋଲି ଜଣେ ଡାକ୍ତର କହିଛନ୍ତି ।

## ଲୁଟେରାକୁ ୧୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଲୁଟେରା ଜୟନାରାୟଣ ମହାନ୍ତି ଓରଫ ଜେନାକୁ ଭୁବନେଶ୍ୱର ଆର୍ଡିସନାଲ ଜିଲ୍ଲା ସେସନ୍ ଜଜ୍-୩ର ବିଚାରପତି ହିଂମାଶୁ ଶେଖର ମଲ୍ଲିକ ୧୦ବର୍ଷ ସଶ୍ରମ ଜେଲ୍‌ଦଣ୍ଡାଦେଶ ନିର୍ଦ୍ଦେଶ ଦେବା ସହ ୨୦ ହଜାର ଟଙ୍କା ଜରିମାନା ପାଇଁ ରାୟରେ କହିଛନ୍ତି । ୨୦ ହଜାର ଅନାଦେୟ ହେଲେ ଅଧିକ ଦୁଇବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ କୁହାଯାଇଛି । ଅଭିଯୋଗକାରୀ ଚକ୍ରପାଣି ମିଶ୍ର, ପନିୀ ତୁଳସୀଦେବୀଙ୍କ ସହ ଆଇଆର୍‌ସି ଭିଲେଜସ୍ଥିତ ପ୍ଲଟ୍ ନଂ ଏନ୍-୪/୨୬୩ରେ ଥିବା ନିଜ ଘର ପ୍ରଥମ ମହଲାରେ ରୁହନ୍ତି । ତଳମହଲା ଓ ଦ୍ୱିତୀୟ ମହଲାକୁ ଭଡା ସୂତ୍ରରେ ଦେଇଥିଲେ । ୨୦୨୨ ମସିହା ଜୁଲାଇ ୨୬ ତାରିଖ ସକାଳେ ସେ ମାଛ କିଣିବା ଲାଗି ନିକଟସ୍ଥ ବଜାରକୁ ଯାଇଥିଲେ । ଠିକ୍ ୧୦ଟା ବେଳେ ଉପର ମହଲାରେ ରହୁଥିବା ମହିଳା ଜଣକ ତାଙ୍କୁ ଫୋନ୍ କରି ତାଙ୍କ ପନିୀ ତୁଳସୀଦେବୀଙ୍କୁ କହିଥିଲେ ଯେ, କୌଣସି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ପିନ୍ଧିଥିବା ସୁନାଚେନ ଛିଣ୍ଡାଇ ନେଇ ପଳାଇଲା । ସୂଚନା ପାଇ ଅଭିଯୋଗକାରୀ ଚକ୍ରପାଣି ତୁରନ୍ତ ଯାଇ ଘରେ ପହଞ୍ଚି ପନିୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡ୍ରଇଁରୁମ୍ ସୋଫାରେ ପଡିଥିବା ଦେଖିଥିଲେ । ପଚାରି ବୁଝିବାରୁ ଜାଣିବାକୁ ପାଇଥିଲେ କୌଣସି ଅଜଣା ଦୁର୍ବୃତ୍ତ ଘରେ ଜବରଦସ୍ତ ପଶି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ହାତ ଆଙ୍ଗୁଠିକୁ ହାଣି ପକାଇବା ସହ ଗୋଟିଏ ହାତକୁ ବାଡେଇ ଭାଙ୍ଗିଦେଇଥିଲା । ଆକ୍ରମଣ କରିବା ସହ ତାଙ୍କ ବେକରୁ ଏକ ସୁନାଚେନ ଛିଣ୍ଡାଇ ପଳାଇଥିବା ତାଙ୍କ ପନିୀ କହିଥିଲେ । ପନିୀର ସ୍ବାସ୍ଥ୍ୟ ଅବସ୍ଥାକୁ ଦେଖି ସେ ଥାନାରେ ଅଭିଯୋଗ କରିବା ସହ ପୋଲିସ ସହାୟତାରେ ଚିକିତ୍ସା ପାଇଁ ନେଇଥିଲେ । ଚକ୍ରପାଣିଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ନାରାୟଣ ମହାନ୍ତି ଓରଫ ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ହେବା ପରେ ବିଚାର ପ୍ରକ୍ରିୟା ଆରମ୍ଭ ହେଲା ।

## କିଟ୍‌ରେ 'ମାର୍ଜିଂ ବିୟଣ୍ଡ ଦି ଲାଇବ୍ରେରୀ ୨୦୨୫' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କ ଏବଂ ଆଇସିଏମ୍‌ବିଏଲ୍ ୨୦୨୫ ମିଳିତ ଆନୁକୂଲ୍ୟରେ ତିନି ଦିନିଆ ଅନ୍ତର୍ଜାତୀୟ ଲାଇବ୍ରେରୀ ୨୦୨୫ ଶୀର୍ଷକ ସମ୍ମିଳନୀ କିଟ୍ ରେ ଉଦ୍ଘାଟିତ ହୋଇଯାଇଛି। ତିନି ଦିନ ବ୍ୟାପୀ ହେବାକୁ ଥିବା ଏହି ସମ୍ମିଳନୀରେ ଲାଇବ୍ରେରୀ ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆଲୋଚନା ହେବ। ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାରତ ଓ ବିଦେଶର ଖ୍ୟାତିସଂପନ୍ନ ପ୍ରଫେସର, ଶିକ୍ଷାବିତ୍, ସୂଚନା ବୈଜ୍ଞାନିକ, ଗବେଷକ ଓ ଲାଇବ୍ରେରୀ ବୃତ୍ତିଗତମାନେ ଯୋଗ ଦେଇଛନ୍ତି। ଏହା ସମ୍ମିଳନୀ ଜରିଆରେ ଲାଇବ୍ରେରୀର ବିକଶିତ ଭୂମିକା ଏବଂ ସମସାମୟିକ ଡିଜିଟାଲ୍ ଯୁଗରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ବିଚାର ବିମର୍ଶ କରାଯାଇପାରିବ।

ଏହି କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି



ପ୍ରଫେସର କେ. ଡି. ରାଜୁ, ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବି. ରମେଶ ବାବୁ, ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କର ସଭାପତି ଡ. ଏମ୍. ଜି. ଶ୍ରୀକୁମାର, ମାନଲିବନେଟ ସାଧାରଣ ସଂପାଦକ ଡ ଅଖତର ପରଭେଜ, କିଟ୍ ଲାଇବ୍ରେରୀ ନିର୍ଦ୍ଦେଶିକା ତଥା ଲାଇବ୍ରେରୀ ସାଇନ୍‌ସ ବିଭାଗୀୟ ମୁଖ୍ୟ ଡ ବିଜୟଲକ୍ଷ୍ମୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପାଠାଗାର ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦେଶରେ ଗ୍ରନ୍ଥାଗାରିକଙ୍କ ପରିବର୍ତ୍ତିତ ଭୂମିକା ଉପରେ ଗୁରୁତ୍ୱାରୋପ କରି ପ୍ରଫେସର କେ. ଡି. ରାଜୁ କହିଲେ, ଗ୍ରନ୍ଥାଗାରିକମାନେ ଆଉ କେବଳ ବୁକକିପର ଭୂମିକାରେ ସୀମିତ ନୁହଁନ୍ତି ବରଂ ଦ୍ରୁତ ଗତିରେ ଟେକ୍ନୋକ୍ରାଟ୍, ଡିଜିଟାଲ୍ କ୍ୟୁରେଟର ଏବଂ ଶିକ୍ଷାଗତ ସହଯୋଗୀରେ ପରିଣତ ହେଉଛନ୍ତି। ସେହିପରି ବି. ରମେଶ ବାବୁ ଉନ୍ନତ ସୂଚନା ପ୍ରଯୁକ୍ତିର ବିସ୍ତାରିତ ଦିଗ ଏବଂ ସୂଚନା ପ୍ରଣାଳୀର ପରିଚାଳନା ଓ ନିୟନ୍ତ୍ରଣରେ ଏହାର ବ୍ୟବହାରିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ସେ ପାଠାଗାର ସେବାର ଦକ୍ଷତା ଓ ପହଞ୍ଚ ବୃଦ୍ଧି କରିବା ପାଇଁ ଅଭିନବ ଉପକରଣ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ ବିଜୟଲକ୍ଷ୍ମୀ ରାଉତରାୟ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିହିଂସା ପରାୟଣ ରାଜନୀତି ବିରୁଦ୍ଧରେ କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,(ସବ୍ୟୁ): ନ୍ୟାସନାଲ ହେରାଲଡ଼ ମାମଲାରେ ମିଥ୍ୟା ଟଙ୍କା କାରବାର ଭାରତୀୟ ଜାତୀୟ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧି ଓ ନେତା ରାହୁଲ ଗାନ୍ଧୀଙ୍କୁ ଫସାଇ ସରକାର ଇଡି ବିଭାଗକୁ ହାତବାରିସୀ କରି ଯେଉଭଳି ହଇରାଣ କଲା ତାହା ଭାରତ ରାଜନୀତିରେ ଏକ ବିରଳ ଘଟଣା । ବିଜେପି ସରକାରଙ୍କ ପ୍ରତିହିଂସା ପରାୟଣ ରାଜନୀତି ବିରୁଦ୍ଧରେ ରାଜ୍ୟ ସାରା ପ୍ରତି ଜିଲ୍ଲାରେ ମଶାଲ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହେଉଛି । ଏହି ପରିପେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଭବନଠାରୁ ଏକ ମଶାଲ ପ୍ରତିବାଦ ଯାତ୍ରା ବାହାରି ବିଜେପି ଅଫିସ ସମ୍ମୁଖରେ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଏହି ମଶାଲ ଯାତ୍ରାରେ କଂଗ୍ରେସ ନେତୃବୃନ୍ଦ ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ନବଜ୍ୟୋତି ପଟ୍ଟନାୟକ, ମନୋରଞ୍ଜନ ଦାଶ, ବିଶ୍ୱଜିତ ଦାଶ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ମାନସ ଆଚାର୍ଯ୍ୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ଆଲୋକ ମହାନ୍ତି, ପ୍ରକାଶ ମିଶ୍ର, ଅମୀୟ ପଟ୍ଟନାୟକ, ଅଶୋକ ଦାସ, ମନୋରଞ୍ଜନ ଜେନା, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋପାଳପୁର ଗଣବଳାତ୍କାର ଘଟଣାର ସାକ୍ଷ୍ୟ ଗ୍ରହଣ ଆରମ୍ଭ, ଜାନୁଆରୀ ୧୬ରେ ପରବର୍ତ୍ତୀ ବିଚାର

ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ଗୋପାଳପୁର ଗଣ ବଳାତ୍କାର ଘଟଣାର ବିଚାରଣ ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଜଜ୍-୨ଙ୍କ ଅଦାଲତରେ ଚାଲୁ ରହିଛି। ପୂର୍ବରୁ ୫ ଜଣ ସାବାଳକ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରି ସାରିଥିଲେ। ସେହିକ୍ରମରେ ଶୁକ୍ରବାର ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା। ସିଜର ଲିଷ୍ଟରେ ସାକ୍ଷୀ ଭାବେ ରହିଥିବା ଜଣେ ମହିଳା କନଷ୍ଟେବଲ ଆଜି ଅଦାଲତରେ ଉପସ୍ଥିତ ରହି ନିଜ ବୟାନ ଦେଇଥିଲେ। ଅଦାଲତ ପକ୍ଷରୁ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଆଜି ଆଉ ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ପ୍ରତିପକ୍ଷଙ୍କ ଓକିଲ ସମୟ ମାଗିବାରୁ ତାହା ହୋଇପାରିନଥିଲା। ସେହିପରି ଏହି ମାମଲାର ପରବର୍ତ୍ତୀ ବିଚାରଣ ଆସନ୍ତା ଜାନୁଆରୀ ୧୬ ଓ ୧୭ ତାରିଖରେ କରିବାକୁ ଅଦାଲତର ଜଜ୍ ଆୟୁଷମାନ ମହନ୍ତ ଦିନ ଧାର୍ଯ୍ୟ କରିଛନ୍ତି ବୋଲି ଏହି ମାମଲାର ସ୍ୱତନ୍ତ୍ର ପିପି କାଳୀଶଙ୍କର ମିଶ୍ରଙ୍କ ଠାରୁ ସୂଚନା ମିଳିଛି। ବ୍ରହ୍ମପୁରରେ ରହି ଯୁକ୍ତ ୩ ପଢୁଥିବା କନ୍ଧମାଳ ଜିଲାର ଜଣେ ଛାତ୍ରୀ ନିଜ ପୁରୁଷ ବନ୍ଧୁ ସହ ଜୁନ ୧୫ ତାରିଖରେ ଗୋପାଳପୁର ବେଳାଭୂମିର ନିଛାଟିଆ ସ୍ଥାନକୁ ବୁଲିବାକୁ ଯାଇଥିବା ବେଳେ ୧୦ ଜଣ ଯୁବକ ସେଠାରେ ଯୁବତୀଙ୍କୁ ଗଣ ବଳାତ୍କାର କରିଥିଲେ।

ଏହି ମାମଲାରେ ଗୋପାଳପୁର ପୁଲିସ ୪ ଜଣ ନାବାଳକ ସମେତ ମୋଟ ୧୦ ଜଣ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ ୧୭ରେ ଏହି ମାମଲାର ତଦନ୍ତ ଭାର ନେଇଥିଲା ଚ ୪୪ ଦିନର ତଦନ୍ତ ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନା ଅଦାଲତରେ ୫୭୪ ପୃଷ୍ଠାର ଚାର୍ଜସିଟ ଦାଖଲ କରାଯାଇଥିଲା। ହେଲେ ସେଥିରେ ୫ଜଣ ସାବାଳକ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ସାବାଳକ ଅଭିଯୁକ୍ତ ଓମ ପ୍ରଧାନଙ୍କୁ ଚାର୍ଜସିଟରୁ ବାଦ ଦିଆଯାଇଥିଲା।

ଏହାପରେ ଓମଙ୍କ ପକ୍ଷରୁ ତାଙ୍କ ଓକିଲ ଓମଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତଳ କୋର୍ଟ ଓ ଜିଲା କୋର୍ଟରେ ପିଟିସନ ଦାଖଲ କରିଥିଲେ। ଏଠାରେ ପିଟିସନ ଖାରଜ ପରେ ହାଇକୋର୍ଟକୁ ଯାଇଥିବା ଜଣାପଡିଛି। ଏପଟେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ୪ ଜଣ ନାବାଳକଙ୍କ ମଧ୍ୟରୁ ୩ ଜଣଙ୍କୁ ସାବାଳକ ଭାବେ ବିଚାର କରି ଅଦାଲତରେ ବିଚାରଣ ଚାଲୁ ରଖିବାକୁ ପୁଲିସ ପକ୍ଷରୁ ଅଦାଲତରେ ପିଟିସନ ଦାଖଲ କରାଯାଇଥିବା ବେଳେ ଅଦାଲତ ତାହାକୁ ଗ୍ରହଣ କରିଥିଲେ। ସେହିପରି ଏହି ମାମଲା ବିଚାରଣ କରୁଥିବା ଏଡିଜେ-୨ ଅଦାଲତ ଗତ ୮ ତାରିଖରେ ୫ ଜଣ ସାବାଳକ ଯଥା ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କ ଉପରେ ଚାର୍ଜଫ୍ରେମ୍ କରିଥିଲେ।

## ସାମନ୍ତରାୟ ଏକାଡେମୀର ସଫଳତା

# ବାୟୁସେନା ନିଯୁକ୍ତି ରାଲିରେ ଛାତ୍ର ପ୍ରଶାନ୍ତ ପ୍ରଧାନ ଓ ଛାତ୍ରୀ ଅଂଶୀତା ପ୍ରିୟଦର୍ଶିନୀ ପ୍ରଥମ



ବ୍ରହ୍ମପୁର, (ସବ୍ୟୁ): ନିକଟରେ ବାରିପଦାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ବାୟୁସେନା ରାଲିରେ ବ୍ରହ୍ମପୁର ସାମନ୍ତରାୟ ଏକାଡେମୀର ଛାତ୍ର ପ୍ରଶାନ୍ତ ପ୍ରଧାନ ଓ ଛାତ୍ରୀମାନଙ୍କ ମଧ୍ୟରେ ଅଂଶୀତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ୨୮ ଜଣ ଛାତ୍ରଛାତ୍ରୀ ଭାରତୀୟ ବାୟୁସେନାରେ ମନୋନୀତ ହୋଇଥିବା ବେଳେ, ୩୦ ଜଣ ଛାତ୍ର ଭାରତୀୟ ସ୍ଥଳସେନା ପାଇଁ ମନୋନୀତ ହୋଇଛନ୍ତି।

ଏହି ପରିପେକ୍ଷୀରେ ଏକାଡେମୀରେ ଏକ ସମ୍ବର୍ଦ୍ଧନା ସଭାରେ କୃତି ଛାତ୍ରଙ୍କ ଅବିଭାବକଙ୍କୁ ସମ୍ବର୍ଦ୍ଧନା କରିବା ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରଛାତ୍ରୀଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ପିତା ମାତା ଓ ଏକାଡେମୀର ନାଁ ରଖିବାକୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ଏହି ପରିପେକ୍ଷୀରେ ଅନୁଷ୍ଠାନର ଉପଦେଷ୍ଟା ଗୋକୁଳନନ୍ଦ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସଫଳତା କାମନା ସହ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସଫଳ କରିଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ




ବ୍ରହ୍ମପୁର, (ସବ୍ୟୁ): ଗୋଲନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୩ ଜଣ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକ ସହିତ ସମୁଦାୟ ୩୩୫ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟପାଳ ତଥା ନିଷ୍ଟ ବିଶ୍ୱବିଦ୍ୟାଳୟର ପରିଦର୍ଶକ ଡ଼. ହରିବାବୁ କମ୍ଭମପାଟି ଅଧ୍ୟକ୍ଷତା କରିଥିଲେ। ରାଜ୍ୟପାଳ ଯୁବପିଢ଼ି କିପରି ନିଜ ଜୀବନରେ ଆସୁଥିବା ଜଟିଳତାର ସମ୍ମୁଖୀନ ହେବା ଉଚିତ ଏବଂ ଭବିଷ୍ୟତ ପାଇଁ ନିଜକୁ ବୃତ୍ତିଗତ ଭାବରେ ପ୍ରସ୍ତୁତ କରିବା ଉଚିତ ତାହା ଉପରେ ଆଲୋକପାତ କରିଥିଲେ। ସେ ବୈଷୟିକ ଛାତ୍ରଛାତ୍ରୀମାନଙ୍କୁ କ୍ୟାରିୟର ଗଠନ ପାଇଁ ପ୍ରସ୍ତୁତ କରିବାରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏଆଇସିଟିଇ ଉପାଧ୍ୟକ୍ଷ ତଥା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ମୁଖ୍ୟ ନବସୃଜନ ଅଧିକାରୀ ଡକ୍ଟର ଅଭୟ ଜେରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଅଭୟ ଜେରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଚାକିରି ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ଜୀବନ ଶିକ୍ଷା ପାଇଁ କିପରି ପ୍ରସ୍ତୁତ ହେବା ଉଚିତ ତାହା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ସେମାନଙ୍କର ସଫଳତା ଉପରେ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗବେରନିଙ୍ଗ ମେମ୍ବର ନିଷ୍ଟ ବିଶ୍ୱବିଦ୍ୟାଳୟର ଉପ ସଭାପତି ସଞ୍ଜିତା ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଡ଼. ପ୍ରତୋଷ ବଂଶଲ, ଏକାଡ଼େମିକ ଡିନ୍ ପି. ରାଜେଶ କୁମାର, ଡ଼. ବିଷ୍ଣୁପ୍ରସାଦ ନନ୍ଦ, ବିମଳ ମିଶ୍ର, ତଥା ପରାମର୍ଶଦାତା ମଣ୍ଡଳୀ ଇଂ ଅରୁଣ ରଥ, ଇଂ ପ୍ରଭାକର ସ୍ୱାଇଁ, ଏକାଡେମିକ୍ କାଉନସିଲ୍ ସଦସ୍ୟ ଡ଼. ସୁକାନ୍ତ କୁମାର ତ୍ରିପାଠୀ, ଡ଼. ସିମାଞ୍ଚଳ ପାଣିଗ୍ରାହୀ ଯୋଗ ଦେଇଥିଲେ।

କୁଳସଚିବ ଡ. ବିଷ୍ଣୁଙ୍କର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମାନସ ରଞ୍ଜନ ପାତ୍ର, ଡ଼. ସ୍ୱାଧୀନ ମିଶ୍ର, ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ବରଦା ପ୍ରସାଦ ସେଠି, ଡ. ସସ୍ମିତା ପାଢ଼ୀ, ଡ. ରତିକାନ୍ତ ନାୟକ, ଡ଼. ହରିକୃଷ୍ଣ ଗନ୍ତାୟତ, ଡ଼. ଗାୟତ୍ରୀ ପଣ୍ଡା, ମିନାକ୍ଷୀ ଦାଶ, ଡ଼. ସରିତା ସାହୁ, ପ୍ରଜ୍ଞା ସାମନ୍ତ, ଆକାଙ୍କ୍ଷ୍ୟା ପଟ୍ଟନାୟକ, ଡ଼. ମାନବେନ୍ଦ୍ର ପାତ୍ର, ସରୋଜ ପାଢ଼ୀ, ରବି ସତ୍ୟନାରାୟଣ ମୂର୍ତ୍ତି, ପ୍ରଭୁଦତ୍ତ ମିଶ୍ର, ପ୍ର. ସରୋଜ ପାଢ଼ୀ, ପ୍ର. ପୂର୍ଣ୍ଣେନ୍ଦୁ ମିଶ୍ର, ସନ୍ତୋଷ କୁମାର ନାୟକ, ଗୋପବନ୍ଧୁ ଉତ୍ତରକବାଟ, ସଂଜିତ ମହାନ୍ତି, ପ୍ରଣୟ ରଥ, ସୁରେଶ ମହାପାତ୍ର, ସୁନୀଲ ରାୟ, ସଚିନ୍ଦ୍ର ମହାପାତ୍ର, ସୌମ୍ୟା ମୁଦୁଲି, ଓ ପିତାମ୍ବର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ୱେତୋ ସୁମନ, ଏବଂ ସୌମ୍ୟା ମିଶ୍ର ଉପସ୍ଥାପନା କରିଥିଲେ। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଡ. ଗର୍ଦ୍ଧନ ନାଥଲାଲ ପଟେଲ ଏବଂ ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନସୂଚକ ଡକଫରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

# ଲେଡିହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ୨୦୨୫ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ମୟୂରଭଞ୍ଜର ମହାରାଜା ତଥା ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜ ଦେଓ ଓ ବିଶିଷ୍ଟ ଅତିଥିରୂପେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜ ଦେଓ ଯୋଗ ଦେଇ ଓଡିଶା ପ୍ରଦେଶ ଗଠନ ରେ ଉକିଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା କଲେଜ, ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, ହାଇକୋର୍ଟ ପ୍ରଭୃତି ସ୍ଥାପନରେ ମୟୂରଭଞ୍ଜର ଅବଦାନକୁ ସ୍ମରଣ କରିବା ସହିତ ସଦାସର୍ବଦା ମୟୂରଭଞ୍ଜର ଇତିହାସକୁ ମନେ ରଖିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରଛାତ୍ରୀ ମାନଙ୍କୁ ଏକାଗ୍ରତା ରଖି ନିଜର ଜୀବନ ପଥରେ ଆଗେଇ ଯିବା ପାଇଁ ଉଦବୋଧନ ଦେଇଥିଲେ।

ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ସନ୍ଦୀପ କୁମାର ଚାନ୍ଦ ଯୋଗଦେଇ ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼ଃ ଏପିଜେ ଅବଦୁଲ କାଲାମଙ୍କ ସଂଘର୍ଷ କାହାଣୀ ବର୍ଣ୍ଣନା କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଆମନ୍ତ୍ରିତ ଅତିଥିମାନେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ଦ୍ୱାରା ପଦାନ କରାଯାଇଥିବା ଗଣେଶ ଓ ସରସ୍ୱତୀ ଙ୍କର ମୁଗୁନି ନିର୍ମିତ ମୂର୍ତ୍ତୀ ର ଉନ୍ମୋଚନ ଓ ମାଲ୍ୟାର୍ପଣ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ବାର୍ଷିକ ଉତ୍ସବର ସ୍ୱାଗତ ଭାଷଣ ଶିକ୍ଷକ ପୂର୍ଣଚନ୍ଦ୍ର ମହାନ୍ତ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଅନୁପମା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସିଲିସ୍ୱପ୍ନା ପଟ୍ଟନାୟକ, ମେରିନା ଦାସ ଓ ଧରିତ୍ରୀ ମହାନ୍ତଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା।

ଶିକ୍ଷକ ଫାଇଜାନ ଉଲ୍ଲା, ଶିକ୍ଷୟିତ୍ରୀ ମୋନାଲିସା ମାସନ୍ତ, ନିକିତାବଲ, ନିବେଦିତା ବେହେରା, ସରସ୍ୱତୀ ଭବକ୍ସସଲ ଏବଂ କର୍ମଚାରୀ କୃଷ୍ଣ ମୋହନ ଗିରି, ବାଦଲ ଦଣ୍ଡପାଟଓ ସମ୍ବିତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ। ଶିକ୍ଷକ ଦୀପକ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମିନୀ କେୟାର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




କଟକ, (ସ୍ୱପ୍ର) : ପଦ୍ମିନୀ କେୟାର ମଲଟି ହସ୍ପିଟାଲ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସରପଞ୍ଚଙ୍କ ପ୍ରତିନିଧି ମାନସ କୁମାର ସ୍ୱାଇଁ ଉଦଘାଟନ କରି ଗରିବ ଜନସାଧାରଣଙ୍କ ପାଇଁ ଏହି ସେବା ଶିବିର ଅତ୍ୟନ୍ତ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଡାକ୍ତର ସେକ୍ ସାହାଜାନ୍ ହୁସେନ୍ ଓ ସହକର୍ମୀ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ ସହିତ ସ୍ୱାସ୍ଥ୍ୟଗତ ପରାମର୍ଶ ଦେଇଥିଲେ। ସୌମ୍ୟ ରଂଜନ ଲେଙ୍କା, ରତ୍ନରାଜ ସାହୁ, ଶ୍ରୀଲେଖା ସ୍ୱାଇଁ, ବୈଶାଖୀ ମହାନ୍ତି, ପୂଜାରାଣୀ ଦାସ, ଶୁଭଲକ୍ଷ୍ମୀ ରାଉଳ ନର୍ସିଂ ଛାତ୍ରୀ ଏଥିରେ ସହାୟତା କରିଥିଲେ। ପ୍ରଶାନ୍ତ ମଲ୍ଲିକ, ଶରତ ମହାନନ୍ତି, ସୁକାନ୍ତ ସାମଲ, ଦୁଷ୍ମନ୍ତ ସାହୁ ଏବଂ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

# ଏମ୍‌ପିସି କଲେଜରେ ଏକ ଦିନିଆ ଅନ୍ତର୍ଜାତୀ ସମ୍ମିଳନୀ




ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଏମ୍‌ପିସି କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଏକ ଏକଦିନିଆ ଆନ୍ତର୍ଜାତୀୟ ସ୍ତରୀୟ ସମ୍ମିଳନୀ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀର ମୁଖ୍ୟ ବିଷୟ ଥିଲା ଡିଜିଟାଲ ଯୁଗ : ଭାରତର ସମକାଳୀନ ସଂସ୍କୃତି ଓ ରାଜନୀତି ଉପରେ ଏହାର ପ୍ରଭାବର ଅନୁସନ୍ଧାନ। କାର୍ଯ୍ୟକ୍ରମଟିକୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା) ନୃତ୍ତ୍ୱ ବିଜ୍ଞାନ ବିଭାଗର ପ୍ରଫେସର ଡଃ ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ, ପ୍ରଫେସର ତ୍ରିଲୋକୀ ନାଥ ପାଣ୍ଡେ, କଲ୍ୟାଣୀ ବିଶ୍ୱବିଦ୍ୟାଳୟ (କଲିକତା) ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟମୁଖ୍ୟ ପ୍ରଫେସର ଶିଳାଦିତ୍ୟ ଚକ୍ରବର୍ତ୍ତୀ ଏବଂ ଖୋଲାଇଟା ସୋଡୋ ବିଶ୍ୱବିଦ୍ୟାଳୟ (ଇଥିଓପିଆ) ଅର୍ଥନୀତି ବିଭାଗର ଅଧ୍ୟାପକ ୟିସେହାକ ଓସା ଜୋମା ଆଭାସୀ ମାଧ୍ୟମରେ ଉଦଘାଟନ କରିଥିଲେ।

କଲେଜର ଅଧକ୍ଷ ତଥା ଆବାହକ ନାରାୟଣ ପ୍ରସାଦ ବେହେରା ଉଦଘାଟନୀ ଉତ୍ସବରେ ପୌରୋହିତ୍ୟ କରି ସ୍ୱାଗତ ଅଭିଭାଷଣ ରଖିଥିଲେ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଗଣ ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ ଡିଜିଟାଲ ଯୁଗରେ ଭାରତୀୟ ସମାଜ, ସଂସ୍କୃତି ଓ ରାଜନୀତିରେ ଘଟୁଥିବା ପରିବର୍ତ୍ତନ, ଡିଜିଟାଲ ମାଧ୍ୟମର ଭୂମିକା, ରାଜନୈତିକ କ୍ରିୟାକଳାପ ଓ ତାହାର ପରିଣାମ ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ। ଆଲୋଚନାଚକ୍ରର ସଂଯୋଜନା ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଆଇବର୍ଟିନା ତିର୍କୀଙ୍କ ଦ୍ୱାରା କରାଯାଇଥିବା ବେଳେ ବିଭାଗର ମୁଖ୍ୟ ଓ ଆୟୋଜକ ସମ୍ପାଦକ ଡଃ ଅରୁଣ ରାୟ ବିଷୟର ସାରାଂଶ ଉପସ୍ଥାପନ କରିଥିଲେ। ପରେ ଆୟୋଜିତ ପ୍ରଶ୍ନୋତ୍ତର ପର୍ବରେ ଛାତ୍ରଛାତ୍ରୀ ମାନେ ସକ୍ରିୟ ଭାଗଗ୍ରହଣ କରି ଅତିଥିମାନଙ୍କ ସହ ପାରସ୍ପରିକ ପ୍ରତିକ୍ରିୟା ରଖିଥିଲେ। କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପକ ସୁରେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ମିଳନୀର ଶେଷ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଲୋଚନାଚକ୍ରକୁ ଏକ ସ୍ମରଣୀୟ ଓ ଆନନ୍ଦମୟ ସମାପନ ଦେଇଥିଲା।

## ପ୍ରଭୁଶ୍ରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

# ଛାତ୍ରୀ ଆରାଧାଙ୍କ ସଫଳତା



ଭୁବନେଶ୍ୱର, (ସବ୍ୟୁ) : ପୁରୀ ପ୍ରଭୁଶ୍ରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀ ଆରାଧା ନନ୍ଦ ଆମ ପରିବାର ଆୱାର୍ଡ଼ରେ ସମ୍ମାନିତ ହୋଇଛନ୍ତି। ପୁରୀ ରଙ୍ଗମଞ୍ଚରେ ଆୟୋଜିତ ଓଡ଼ିଶୀ, ଭଜନ, ସମ୍ବଲପୁରୀ ନୃତ୍ୟ ଓ ଫେସନ ଶୋ'ରେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସମ୍ବଲପୁରୀ ନୃତ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ଓଡ଼ିଶୀରେ ପ୍ରଥମ ସ୍ଥାନ, ଫେନ୍ସି ଡ୍ରେସ୍ ପ୍ରତିଯୋଗିତାରେ ପ୍ରଥମ ଓ ଫେସନ୍ ଶୋ'ରେ ୱିନର ହୋଇଥିବାରୁ ତାଙ୍କୁ ରୌପ୍ୟ ପଦକ ସହ ସମ୍ମାନିତ ଓ ପୁରସ୍କୃତ କରାଯାଇଛି। ଗତ ୧୫ ତାରିଖରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୁରୀର ସାଂସଦ ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରୋଜାଲିନ୍ ପାତ୍ର, ମାମୁନୀ ମିଶ୍ର ଓ ଅଭିନେତ୍ରୀ ଏଲିନା ପ୍ରମୁଖ ଉପସ୍ଥିତ ରହି ବିଜୟୀ ମକୁଟ ପିନ୍ଧାଇ ଥିଲେ।

# ଦୁଇ ବାଇକ ମୁହାଁମୁହିଁ, ୨ ଗୁରୁତର

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ଶ୍ରୀରାମନଗର ବ୍ରିଜ ନିକଟରେ ଶୁକ୍ରବାର ଅପରାହ୍ଣରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଖାଲା ସାହି ଶିଶୁ ପାର୍କ ନିକଟରେ ଲୁହା ଗ୍ରୀଲ ଦୋକାନ କରିଥିବା ବାସୁଦେବ ଦାସ ଓ ସ୍ନେକ ହେଲ୍ପ ଲାଇନର ସଞ୍ଜୟ ସ୍ୱାଇଁ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଥିଲା। ଖବର ପାଇ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଶୀତ ରୁତୁ ହେଇଥିବାରୁ ପିକନିକ୍ କରିବା ପାଇଁ ନିକଟସ୍ଥ ବନବିହାର କୁ ଯାଇଥିଲେ। ଭଞ୍ଜନଗର ମରାଠୀ ସାହିର ବାସୁଦେବ ଦାସ ତାଙ୍କ ସାଙ୍ଗମାନଙ୍କ ସହ ଅପରାହ୍ଣରେ ଭୋଜି ଖାଇ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ସ୍ନେକ ହେଲପଲାଇନ କର୍ମଚାରୀ ସଞ୍ଜୟ କୁମାର ସ୍ୱାଇଁବନ ବିହାର ଅଭିମୁଖେ କୌଣସି କାମରେ ଯାଉଥିବା ବେଳେ ଦୁଘଟଣା ଘଟିଥିଲା। ଫଳରେ ଉଭୟ ରାସ୍ତା ଉପରେ ପଡ଼ି ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଭଞ୍ଜନଗର ମେଡିକାଲରେ ପ୍ରାଥମୀକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଶ୍ରୀ ସତ୍ୟସାଇ ବିଦ୍ୟାବିହାର ବାରିପଦାର ବାର୍ଷିକ କ୍ରୀଡ଼ା ଉତ୍ସବ

ବାରିପଦା, (ସବ୍ୟୁ) : ଶ୍ରୀ ସତ୍ୟସାଇ ବିଦ୍ୟାବିହାର ବାରିପଦାର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବାରିପଦା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟ ପ୍ରାଙ୍ଗଣରୁ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବାହାରି ଷ୍ଟାଡିୟମଠାରେ ପହଁଚିଥିଲା।

ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସନ୍ଦୀପ ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା ଶଙ୍କର ମହାନ୍ତି, ପରିଚାଳକ ଦେବାଶିଷ ମହାପାତ୍ର, ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ମୟୂରଭଞ୍ଜ ଜିଲା ସଭାପତି ବିଶ୍ୱରଞ୍ଜନ ସାହୁ, ଶ୍ରୀ ସତ୍ୟସାଇ ସେବା ସମିତି ବାରିପଦାର ଆବାହକ ମାନସ ରଞ୍ଜନ ମହାପାତ୍ର ତଥା ସମିତିର ବରିଷ୍ଠ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ତତ୍‌ପରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀ ଆଚାର୍ଯ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତି, ଜିଲା ସଭାପତି ଶ୍ରୀ ସାହୁ ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟମାନଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ ସହ ବିଦ୍ୟାଳୟ ପତାକା ଉତ୍ତୋଳନ ହୋଇଥିଲା।

# ୨ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ



ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଛଉ ପଡିଆ ଠାରେ ଆଜି ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଶୁଭ ଉଦଘାଟନ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ସମ୍ପଦ ଓ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟର ମିଳିତ ସହଯୋଗ ତଥା ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ାଃ ରମଣୀ ରଞ୍ଜନ ବିଶ୍ୱାଳ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ଶାମା ଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ, ଏସଡିଭିଓ ରାଇରଙ୍ଗପୁର ସୁଶାନ୍ତ କୁମାର ସିଂ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ।

ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସକ ଡାଃ ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ତା'ଙ୍କ ବକ୍ତବ୍ୟରେ କହିଥିଲେ ଯେ, ତୃଣମୂଳ ସ୍ତରରେ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ଏବଂ ଯୋଗ୍ୟ ହିତାଧିକାରୀ କିପରି ଏହାର ସୁଯୋଗ ନେଇ ଲାଭାନ୍ୱିତ ହୋଇପାରିବେ ବିଶେଷ କରି ଗ୍ରାମାଞ୍ଚଳ ଚାଷୀ ମାନଙ୍କ ଆୟ କିପରି ଦ୍ୱିଗୁଣିତ ହେବ ଏବଂ ଆୟରେ ସ୍ଥାୟୀତ୍ୱ ରହିବ ଯଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବି ହେବେ ସେଇ ବିଷୟରେ ଲୋକଙ୍କୁ ସଚେତନ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦେଶ୍ୟ ଏବଂ ଏହି ମେଳା ୨ ଦିନ ଧରି ଚାଲିବ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ସାହୁ ଚାଷୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭାଗର ବିବିଧ ଜନ କଲ୍ୟାଣକାରି ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଏଗୁଡିକର ସୁଯୋଗ ନେବାପାଇଁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦାଃ ମନ୍ତ୍ରୀ କହିଥିଲେ, ଚାଷୀ ହସିଲେ ପରିବାର ହସିବ, ଗାଁ ହସିବ, ରାଜ୍ୟ ହସିବ, ଦେଶ ହସିବ। ସେ କହିଥିଲେ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ବର୍ତ୍ତମାନ ପ୍ରତିଯୋଗୀମୂଳକ ଦୁନିଆରେ ସମସ୍ତଙ୍କୁ ସରକାରୀ ଚାକିରୀର ସୁଯୋଗ ମିଳି ପାରୁନାହିଁ। ଚାକିରୀ ନମିଳିଲେ ଯୁବପିଢ଼ି ହତାଶ ନହୋଇ ଅର୍ଥ ଉପାର୍ଜନ ପାଇଁ ନିଜର ଦକ୍ଷତା ଓ ପାରଦର୍ଶିତାକୁ ବିନିଯୋଗ କରି ନିଜ ଉଦ୍ୟମରେ ଆତ୍ମ ନିର୍ଭରଶୀଳ ହେବା ଉଚିତ।

ସେହିପରି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ସରକାର କୃଷକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। କୃଷିରେ କେବଳ ଧାନ ଚାଷକୁ ସୀମିତ ନରଖି, ଧାନ ସହିତ ପନିପରିବା, ରବି ଚାଷ, ମାଣ୍ଡିଆ ଜାତୀୟ ଶସ୍ୟ ଚାଷ, ଡାଲି ଜାତୀୟ ଚାଷ, ଛତୁ ଚାଷ, ମତ୍ସ୍ୟ ଚାଷ, ଗୋପାଳନ, ଛେଳି, ମେ଼ା, କୁକୁଡା, ବତକ, ଫୁଲ ଚାଷ, ମହୁଚାଷ, ଟସର ଚାଷ ଇତ୍ୟାଦି। ଏହି ସବୁ ଚାଷରେ ସରକାର ବିହନ, ସାର, କୀଟନାଶକ, ମଣ୍ଡିରେ କ୍ରୟ ବିକ୍ରୟ, ରିହାତିରେ କୃଷି ଯନ୍ତ୍ରପାତି ଯୋଗାଣ, କୃଷି ଋଣ, ଅବଶ୍ୟକ ସ୍ଥଳେ କୃଷି ଋଣ ସୁଧ ଛାଡ, କୃଷି ବୀମା, ପି.ଏମ. କିଷାନ ଓ ସି.ଏମ. କିଷାନ ଯୋଜନାରେ ଆର୍ଥିକ ସହାୟତା, ପ୍ରଧାନମନ୍ତ୍ରୀ ଫସଲ ବୀମା, ମାଗଣାରେ ମାଛ ଯାଆଁଳ, ପୋଖରୀ ଖନନ, କାମଧେନୁ ଓ ଗୋ ମିଶନ ଯୋଜନାରେ ଅଧିକ କ୍ଷୀର ଉତ୍ପାଦନକ୍ଷମ ଗାଈ ବଣ୍ଟନ ଇତ୍ୟାଦି ବ୍ୟବସ୍ଥା କରାଯାଇଛି।

ତେଣୁ ଆଜିର ଶିକ୍ଷିତ ଯୁବକମାନେ ଚାକିରୀ ପଛରେ ନ ଗୋଡ଼ାଇ ନିଜ ଅଂଚଳର ଆବଶ୍ୟକତାକୁ ଦୃଷ୍ଟି ରେ ରଖି ନିଜ କ୍ଷେତରେ ଅର୍ଥ ଉପାର୍ଜନକ୍ଷମ ପ୍ରକଳ୍ପ ପ୍ରସ୍ତୁତ କରିବା ଉଚିତ। ଯଦ୍ୱାରା ନିଜେ ଉପାର୍ଜନକ୍ଷମ ହୋଇ ସ୍ୱାବଲମ୍ବୀ ହେବା ସହିତ ଅଂଚଳର ବିକାଶରେ ନିଜର ସହଭାଗୀତାକୁ ପ୍ରତିପାଦନ କରିପାରିବେ। ଅଧିକ ଉତ୍ପାଦନ ନିମନ୍ତେ ସରକାରଙ୍କ ସବୁ ବିଭାଗ ଆପଣମାନଙ୍କ ଘର ପାଖରେ ପହଞ୍ଚି ବୈଷୟିକ ଜ୍ଞାନ କୌଶଳ ତାଲିମ ଦେବେ ଯଦ୍ୱାରା କ୍ଷୁଦ୍ର ଚାଷୀ ଠାରୁ ବଡ଼ ଚାଷୀ ଉପକୃତ ହେବେ। ଯୁବକମାନେ ବାହାର ରାଜ୍ୟକୁ ନଯାଇ ନିଜ ଘର ପାଖରେ କୃଷି କାର୍ଯ୍ୟ କରି ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ଏହି ମେଳାରେ ସ୍ୱୟଂସହାୟିକା ଗୋଷ୍ଠୀ ତରଫରୁ ବିଭିନ୍ନ ଉତ୍ପାଦିତ ସାମଗ୍ରୀ ଷ୍ଟଲ ଯଥା ଧୂପ, ବାଉଁଶ କାରିଗର, ବିଭିନ୍ନ ସରକାରୀ ବିଭାଗ ମତ୍ସ୍ୟ, ଉଦ୍ୟାନ, କୃଷି, ପ୍ରାଣୀ ବିଭାଗ ତରଫରୁ ଷ୍ଟଲ କରାଯାଇଥିଲା। ଏହି ଅବସରରେ ଅତିଥିଗଣ କୁଳିଅଣାର ପ୍ରଦୀପ କୁମାର ପରିଡା ମହାନ୍ତି, କୁଳିଅଣା କେଉଟୁଣୀମାରିର ଓମ ସାଇ ସ୍ୱୟଂସହାୟିକା ଗୋଷ୍ଠୀ, ବଡସାହିର ଶୁଭ ଲକ୍ଷ୍ମୀ ମହାନ୍ତି, କରଞ୍ଜିଆର ମାକାଳୀଜାଇ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସଫଳ ଚାଷୀଭାବେ ପ୍ରୋତ୍ସାହନ ରାଶି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ-କର୍ମଚାରୀ, ବ୍ୟାଙ୍କ କର୍ମକର୍ତ୍ତା, ବୀମା କର୍ମଚାରୀ, ଆଗ୍ର ଇଣ୍ଡଷ୍ଟ୍ରିଜର କର୍ମକର୍ତ୍ତା, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ ବର୍ଗର ଚାଷୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଜିଲାନ୍ସ ହାତରେ ଅତିରିକ୍ତ ତହସିଲଦାର



ବିଞ୍ଝାରପୁର,(ସବ୍ୟୁ): ବାଲିଘାଟକୁ ସଂଯୋଗ କରୁଥିବା ସରକାରୀ ଜମି ମାପଚୁପରେ ହେରାଫେରୀ କରିବା ପାଇଁ ଜନୈକ ବ୍ୟକ୍ତିଙ୍କ ଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିବାକୁ ନେଇ ବିଞ୍ଝାରପୁରରେ ଚର୍ଚ୍ଚା ଲାଗି ରହିଛି. ପ୍ରକାଶ ଯେ ବିଂାରପୁରର ଅତିରିକ୍ତ ତହସିଲଦାର ପ୍ରଦୀପ୍ତ ସେଠୀ ଯେକି ଭାରପ୍ରାପ୍ତ ତହସିଲଦାର ଭାବରେ. କାର୍ଯ୍ୟକରୁଥିଲେ .୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ ମାଡିବସି ଥିଲା। ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତ ଅନ୍ତର୍ଗତ ମନେଇ ବାଲିଘାଟକୁ ନେଇ ବିବାଦ ଲାଗି ରହିଛି। ଅତୀତ ଦିନରେ ଏଠାରେ ବୋମାମାଡ ଓ ହତ୍ୟାକାଣ୍ଡ ଭଳି ମାମଲା ଏଠାରେ ଘଟିଥିଲା। ତେବେ ନଦୀରୁ ବାଲି ଗାଡି ଯାତାୟାତ କରିବା ରାସ୍ତାକୁ ନେଇ ସମସ୍ୟା ଲାଗି ରହିଥିଲା। ତେବେ ସରକାରୀ ଜମି ଚିହ୍ନଟ ପାଇଁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

ସୂଚନା ଯୋଗ୍ୟ ଯେ ନଦୀପଠୀରେ ଥିବା ନଦୀ ସଂଲଗ୍ନ ଜମିକୁ ଜନୈକ ବ୍ୟକ୍ତିଙ୍କ ଠାରୁ ଲିଜ ସୂତ୍ରରେ ଜମିନେଇ ନିରଞ୍ଜନ ମଲିକ ସେଠାରେ ଚାଷବାସ କରିଥାଏ। ସରକାରୀ ମାପଚୂପ ବେଳେ ନିରଞ୍ଜନ ଲିଜ ନେଇଥିବା ଜମି ର ମୁଖ୍ୟ ଜାଗା ଚାଲିଯାଉଥିବାକୁ ନେଇ ନିରଞ୍ଜନ ଘଟଣାରେ ତହସିଲଦାରଙ୍କ ଫେବର ପାଇବା ପାଇଁ ଯୋଗାଯୋଗ କରିଥିଲା। ମାପଚୁପରେ ହେରାଫେରୀ କରିବା ପାଇଁ ଅତିରିକ୍ତ ତହସିଲଦାର ପ୍ରଦୀପ୍ତ ସେଠୀ ୩୦ହଜାର ଟଙ୍କା ଦାବୀ କରିଥିଲେ। ଅତିରିକ୍ତ ତହସିଲଦାର ପ୍ରଦୀପ୍ତ ସେଠୀଙ୍କୁ ଟଙ୍କା ଦେବାକୁ କଥାଦେଇ ନିରଞ୍ଜନମଲିକ ଯାଜପୁର ଭିଜିଲାନ୍ସ ସହିତ ଯୋଗାଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ନିରଞ୍ଜନ ମଲିକଙ୍କ ଠାରୁ ଅତିରିକ୍ତ ତହସିଲଦାର ପ୍ରଦୀପ୍ତ ସେଠୀ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଘଟଣା ସ୍ଥଳରୁ ଶ୍ରୀ ସେଠୀଙ୍କୁ ଗିରଫ କରିବାସହ ତାଙ୍କ ବାସଭବନରୁ ୨ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ ।

ପ୍ରକାଶ ବିଂଝାରପୁର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ମନେଇ ବାଲିଘାଟ ରାସ୍ତା ସେଠାରୁ ଶ୍ରୀ ସେଠୀଙ୍କୁ ଗିରଫକରି ଅଲାରପୁର ସ୍ଥିତ ତାଙ୍କ ବସଭବନାକୁ ନେଇଥିଲେ । ସେଠାରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହିତ ଭିଜିଲାନ୍ସ ଟିମ ନଗଦ ୨ ଲକ୍ଷ ଟଙ୍କା ଜବତ କରିଥିଲା । ପରେ ଶ୍ରୀ ସେଠୀଙ୍କୁ କଟକ ନେଇଯାଇଥିବା ବେଳେ ଯାଜପୁର ଭିଜିଲାନ୍ସର ଡ଼ିଏସପି ସୁଶୀଲ ଏକ୍କାଙ୍କ ସମେତ କଟକ ଭିଜିଲାନ୍ସର ଅନ୍ୟମାନେ ଉପସ୍ଥିତ ଥିଲେ ।

# ଧାନ କଟାକୁ ନେଇ ଉତ୍ତେଜନା : ପୋଲିସ ମୁତୟନ



ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ତହସିଲ ଅଧୀନ ପେଟଛେଲା ରାଜସ୍ୱ ସର୍କଲ ଅନ୍ତର୍ଗତ ସଦର ପେଟଛେଲା ଗାଁ ରେ ଧାନ କଟାକୁ ନେଇ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା କରି ପୋଲିସ ମୁତୟନ ହୋଇଥିବାର ଜଣାପଡିଛି । ପେଟଛେଲା ର କାର୍ତିକ କଟାଳ, ସୁବାସ ମାନ୍ନା, ବାଦଲ ମଣ୍ଡଳ ଓ ଇନ୍ଦ୍ରଜିତ ପାତ୍ରଙ୍କ ସମେତ ୧୯ପରିବାର ୨୦୯ ଖାତାର ୨୪ଏକର ଚାଷ କରିଆସୁଥିଲେ । ହରିସାଧନ ଓରଫ ଘନଶ୍ୟାମ ନନ୍ଦ ମାଲିକାନାରେ ଉପରୋକ୍ତ ବ୍ୟକ୍ତିମାନେ ଭାଗ ଚାଷୀ ଭାବେ ଚାଷ କରିଆସୁଥିବାର କହନ୍ତି । ମାଲିକାନା ଜାହିର କରୁଥିବା ନନ୍ଦ ପରିବାର ଭାଗଚାଷୀମାନଙ୍କୁ ଚାଷ କରୁଥିବା ଜମି ବିକ୍ରୟ କରିବେ ବୋଲି କହି ପରବର୍ତ୍ତୀ ସମୟରେ ଅନ୍ୟ ଲୋକଙ୍କୁ କ୍ଷମତା ପତ୍ର ପ୍ରଦାନ କରିଥିବାର ଚାଷୀ ମାନେ ଅଭିଯୋଗ କରୁଛନ୍ତି ।

ଏପରିକି ଉପରୋକ୍ତ ଖାତାରେ ଥିବା ୨୪, ଏକର ଜମିକୁ ପୂର୍ବ ବର୍ଷ ଭଳି ଭାଗରେ ଚାଷ କରିଥିଲେ । ଚାଷୀ ମାନେ ମାଲିକାନା ହାସଲ କରିବା ଲକ୍ଷ୍ୟରେ ରଜାକୁ ଅବମାନନା କରି ଅତିରିକ୍ତ ଜିଲ୍ଲାପାଳଙ୍କୁ ଧାନ ଅମଳ ସମ୍ବନ୍ଧେ ଅଭିଯୋଗ କରିଛନ୍ତି । କିନ୍ତୁ ବିନା ରଜା ଭାଗରେ ଧାନ କାଟି ନେବାକୁ ଉଦ୍ୟମ କରିବାରୁ ନନ୍ଦ ପରିବାର ପକ୍ଷରୁ କ୍ଷମତା ପତ୍ର ପ୍ରାପ୍ତ ବ୍ୟକ୍ତି ଜମ୍ମୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ । ତଦନୁଯାୟୀ ସ୍ଥାନୀୟ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଆପୋଷ ଆଲୋଚନା ହୋଇଥିଲା ।

ଉଲ୍ଲେଖ ଥାଉକି ଚାଷୀ ପରିବାର ଦୀର୍ଘ ଦିନର ଭାଗ ଚାଷୀ ବୋଲି ଦାବି କରୁଥିବା ବେଳେ ଖଣ୍ଡିଏ ହେଲେ ବି ଜମିଜମା ସଂକ୍ରାନ୍ତୀୟ କାଗଜ ବା ଖଜଣା ପାଉତି ହାସଲ କରିନଥିବା କଥା କହନ୍ତି । କିନ୍ତୁ ଶୁକ୍ରବାର କ୍ଷମତା ପତ୍ର ପ୍ରାପ୍ତ ବ୍ୟକ୍ତି ଙ୍କ ଅଗୋଚର ରେ ସମ୍ପୃକ୍ତ ଚାଷୀଙ୍କ ପରିବାରର ମହିଳାମାନେ ଜୋର ଜବରଦସ୍ତ ଧାନ କାଟୁଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ବେଆଇନ ଧାନ କଟାଳି ଙ୍କୁ ବାରଣ କରିବା ସହିତ ଏକ ପ୍ଲାଟୁନ ଫୋର୍ସ ମୁତୟନ କରିଥିଲେ । ପରିସ୍ଥିତି ଶାନ୍ତ ପଡିବା ପରେ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ଆଲୋଚନା ଜାରିରହିଥିବାର ଜଣାପଡିଛି । ଘଟଣା ସ୍ଥଳରେ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ସଦଳବଳେ ଉପସ୍ଥିତ ରହିଥିବା ବେଳେ ସହଯୋଗୀ ଭାବେ ମହାକାଳପଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଏସଡ଼ିପିଓ ଜ୍ୟୋତିରଞ୍ଜନ ଗୌଡା ପହଂଚି ତଦାରଖା କରିଥିଲେ ।


ସେହିପରି ରାଜସ୍ୱ ସର୍କଲ ରାଜସ୍ୱ ନିରୀକ୍ଷକ (ଆରଆଇ)ମଞ୍ଜୁଲତା ମାଝୀ ପହଂଚି ବିବାଦୀୟ ଜମିର ସନ୍ଦୁସନ୍ଧାନ କରିଥିଲେ । ଶଶାଙ୍କ ଶେଖର ନନ୍ଦ, ଶୁଭଙ୍କର ନନ୍ଦ ଓ ଦୀପଙ୍କର ନନ୍ଦ ,ପି -ହରିସାଧନ ଓରଫ ଘନଶ୍ୟାମ ୨୦୯ ଖାତା ର ୨୪ଏକର ଜମି ର ମାଲିକାନା ପାଇଁ ନ୍ୟାୟାଳୟରେ ନ୍ୟାୟ ଭିକ୍ଷା କରିଛନ୍ତି । ନ୍ୟାୟଧିସ ରାଜସ୍ୱ ଅଧିକାରୀଙ୍କୁ ଆବେଦନ କାରୀଙ୍କ ସବିଶେଷ ତଥ୍ୟ ତନଖିବା ନେଇ ନିର୍ଦ୍ଦେଶ ଦେଇଥିବା କଥା କ୍ଷମତା ପତ୍ର ପ୍ରାପ୍ତବ୍ୟକ୍ତି କହନ୍ତି ।

# ବାଲି ବୋଝେଇ ୩ ହାଇଓ୍ୱା, ୨ ଟିପ୍ପର ଜବତ

ପାଣିକୋଇଲି, (ସବ୍ୟୁ): ଅବୈଧ ବାଲି ଉତୋଳନ ଓ ଚୋରା ଚାଲାଣ ସମ୍ବନ୍ଧୀୟ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। କୋରେଇ ବ୍ଲକ ମିଳିତ ଜନଶୁଣାଣୀରେ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବୈଠକ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା। ତଦନୁଯାୟୀ ଗୁରୁବାର ରାତିରେ ବ୍ୟାସନଗର ତହସିଲ, ଖଣି ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢାଉ ହୋଇଥିଲା। କୋରେଇ ଥାନା ଅନ୍ତର୍ଗତ ବୈତରଣୀ ନଦୀର ରଣପୁର, ମଥୁରାପୁର ବ୍ରିଜ, ନିଶଙ୍ଗପୁର ଠାରେ ଚଢାଉ କରାଯିବା ସହ ବରୁଣ୍ଡାଇ ଓ ସଠିପୁର ଠାରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ବେଆଇନ ବାଲି ଚାଲାଣ କରୁଥିବା ଦୁଇଟି ଟିପର ( ଓଆର୦୯ଜେ୫୬୬୪, ଓଆର ୦୯କେ ୪୬୮୬ ଓ ୩ଟି ହାଇଓ୍ୱା( ଓଆର ୨୨ଆର ୨୨୬୬, ଓଡି ୦୯କେ ୧୭୭୬, ଓଡି ୨୨ କେ ୨୨୯୫)ଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଜବତ ଗାଡି ଗୁଡିକୁ ପାଣିକୋଇଲି ଥାନା ଜିମା ଦିଆଯାଇଛି। ଏଥି ସହିତ ଜଣେ ହାଇଓ୍ୱା ମାଲିକ ସହ ଡ୍ରାଇଭରକୁ ଅଟକ ରଖାଯାଇଛି। ଏହି ଚଢାଉରେ ଖଣିବିଭାଗ ଜୁନିୟର ମାଇନିଂଗ ଅଫିସର ବିଶ୍ୱଜିତ ସ୍ୱାଇଁ, ଛାୟାକାନ୍ତ ମହାନ୍ତ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, କୋରେଇ ଥାନାଧିକାରୀ ରାକେଶ ତ୍ରୀପାଠୀ ଓ ପାଣିକୋଇଲି ପୁଲିସ ସହ ପୁଲିସ ମୁଖ୍ୟାଳୟର କର୍ମଚାରୀ ସାମିଲ ହୋଇଥିଲେ। ଅପରପକ୍ଷେ ଏହି ଚଢାଉ ଫଳରେ ଅନେକ ଗାଡି ଭୟଭୀତ ହୋଇ ରାସ୍ତା କଡରେ ଓ ରାସ୍ତା ଉପରେ ବାଲି ଢାଳି ପଳାଇଥିବା ଦେଖାଯାଇଥିଲା। ଫଳରେ ଆଜି ଏହି ସବୁ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଚୋରା ଚାଲାଣକାରୀ ନିଜକୁ ବଂଚାଇବାକୁ ରାସ୍ତାରେ ସିନା ବାଲି ଢାଳି ପଳାଇଥିଲେ। ଜିଲ୍ଲା ପ୍ରଶାସନର ଏଭଳି ଅର୍ତର୍କିତ ଚଢାଉ କେବଳ ଅଭିଯୋଗ ପରେ ଲୋକଦେଖାଣିଆ ବୋଲି ମତ ପ୍ରକାଶ ପାଇଛି। କେତେ ଦିନ ଚଢାଉ ଜାରି ରହିବ ଓ କେତେ ଗାଡି ଧରାହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଚଢାଉକୁ ସାଧାଣରେ ସ୍ୱାଗତ କରାଯାଇଛି।

## ନାଉଗାଁ ବ୍ଲକ ବିଜେଡ଼ି ସଭାପତିଙ୍କ ବିୟୋଗରେ ଶୋକ

ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତର ଜାମୁଗାଁ ଗ୍ରାମର ବର୍ଷିୟାନ ରାଜନେତା ତଥା ବିଜୁ ଜନତା ଦଳ (ବିଜେଡ଼ି) ନାଉଗାଁ ବ୍ଲକ ସଭାପତି ନଟବର ପ୍ରଧାନଙ୍କ ବିୟୋଗ ଖବର ସମଗ୍ର ନାଉଗାଁ ବ୍ଲକ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ପ୍ରଧାନ ଜାମୁଗାଁ ଗ୍ରାମ ପଞ୍ଚାୟତର ଏକାଧିକ ଥର ସରପଞ୍ଚ ଭାବେ ର୍ନିବାଚିତ ହେବା ସହିତ ନାଉଗାଁ ବ୍ଲକର ଜନତା ଦଳ ଓ ପରେ ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତା ଭାବେ ଘରେ ଘରେ ପରିଚିତ ଥିଲେ । ସରଳ, ସ୍ନେହଶୀଳ ଓ ନୀତିନିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ଥିବା ସ୍ୱର୍ଗତ ପ୍ରଧାନ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ଆଦର୍ଶ ଲୋକପ୍ରତିନିଧି ଭାବେ ପରିଚିତ ଥିଲେ । ତାଙ୍କ ବିୟୋଗ ସମ୍ବାଦ ପାଇବା ପରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନିରଞ୍ଜନ ବେହୁରା, ଦୋଳଗୋବିନ୍ଦ ରାଉଳ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମମତା ପରିଡା, ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କା, ବ୍ଲକ ଉପଧକ୍ଷ ସୁଜିତ ପୁହାଣ, ସମାଜ ସେବୀ ଦିଲୀପ ଲେଙ୍କା, ପୂର୍ବତନ ବ୍ଲକ ସଭାପତି ସୁଜିତ ମଲ୍ଲିକ, ତରୁଣ କାନ୍ତ ବାରିକ, ନିହାର ରଞ୍ଜନ ବସ୍ତିଆ, ପ୍ରଶାନ୍ତ ଜେନା, ଦିଲୀପ ଲେଙ୍କା, ସାସ୍ୱତ ରଞ୍ଜନ ନାୟକ, ସୁନିଲ କୁମାର ମାଟିଆ, ପଦ୍ମଚରଣ ରାଉତ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହା ସହିତ ବିଭିନ୍ନ ରାଜନୈତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ ତାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି । ଏହି ଦୁଃଖଦ ମୁହୂର୍ତ୍ତରେ ତାଙ୍କ ପବିତ୍ର ଆତ୍ମାଙ୍କୁ ଶାନ୍ତି କାମନା କରାଯାଇଥିବାବେଳେ, ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଯାଇଛି ।



# ବିଦ୍ୟୁତ ଉପଭୋକ୍ତାଙ୍କୁ ସଚେତନତା

ରଘୁନାଥପୁର, (ସବ୍ୟୁ) : ସମଗ୍ର ରାଜ୍ୟରେ ବିଦ୍ୟୁି ବିତରଣ ସଂସ୍ଥା ଟିପିସିଓଡିଏଲର ମନମାନୀକୁ ନେଇ ବିରୋଧଭାସ ସୃଷ୍ଟି ହୋଇଥିବା ବେଳେଶୁକ୍ରବାର ଦିଦି ରଘୁନାଥପୁରରେ କମ୍ପାନୀର ବିଦ୍ୟୁି ଉପଭୋକ୍ତା ମାନଙ୍କୁ, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମା ମାଧ୍ୟମରେ କରୁଥିବା ଲୁଟ ବିରୋଧରେ ଆଡ଼ଭୋକେଟ ବାସୁଦେବ, ନବ ର୍ନିମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ଟଂଜନ ସ୍ୱାଇଁ ଏବଂ ନବର୍ନିମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ ହାତରେ ଠେଙ୍ଗା ଏବଂ ତ୍ରିରଙ୍ଗା ପତାକା ଧରି ଲୋକମାନେ ରାଜରାସ୍ତାକୁ ଓହ୍ଲାଇବ ପାଇଁ ଆହ୍ୱାନ ଦେଇଛନ୍ତି । ଏହି ପଥପ୍ରାନ୍ତ ସଭା ମାନଙ୍କରେ ଆଡଭୋକେଟ ବାସୁଦେବ କହିଥିଲେ ଯେ ବିଦ୍ୟୁତ ବିତରଣ କମ୍ପାନୀ ବିଦ୍ୟୁି ଉପଭୋକ୍ତାମାନଙ୍କୁ ଶୋଷଣ କରିବା ସହିତ ଆମ ପିଲାମାନଙ୍କୁ କମ ଦରମା ଦେଇ ଗୋଡି ଖଟାଉଛନ୍ତି । ଦେବି ପ୍ରସାଦ ମହାରଣା କହିଥିଲେ କି ଆମ ପାଣି ଆଉ ଖଣି ନେଇ କମ୍ପାନୀ ଯେଉଁ ବିଦ୍ୟୁତ୍ତି ଉତ୍ପାଦନ କରୁଛି ସେଥିରୁ ଆମକୁ କିଛିୟୁନିଟ ବିଜୁଳି ମାଗଣା ଦେବା ପରିବର୍ତ୍ତେ ଆମ ଠାରୁ ବିଜୁଳି ବାବଦରେ ପଇସା ଠକିନେଉଛି । ବାସ୍ତବିକ କମ୍ପାନୀ ବେନିୟମ ଭାବେ ଅତିରିକ୍ତ ସୁରକ୍ଷା ଜମା ରାଶି, ଉପଭୋକ୍ତାମାନଙ୍କ ଠାରୁ କାହିଁକି ଆଦାୟ କରିବ ? ଚୁକ୍ତି ଅନୁଯାୟୀ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ସମୟରେ, ଉପଭୋକ୍ତାଙ୍କର ଏକ ବର୍ଷର ବିଦ୍ୟୁତ ବ୍ୟବହାରକୁ ହିସାବ କରାଯିବ ଏବଂ ଉପଭୋକ୍ତାଙ୍କ ଦାରା ପୂର୍ବ ସୁରକ୍ଷା ଜମା ରାଶି ଠାରୁ ୧୦% ଅଧିକ ହେଲେ ଅତିରିକ୍ତ ସୁରକ୍ଷା ଜମା, କମ୍ପାନୀ ନେଇ ପାରିବ । କିନ୍ତୁ ଗତ ଚାରି ବର୍ଷ ଧରି ବିଦ୍ୟୁତ ଦେୟ ବୃଦ୍ଧି ପାଇଁ ନଥିବା ବେଳେ ଟାଟା କମ୍ପାନୀ କାହିଁକି ଉପଭୋକ୍ତା ମାନଙ୍କ ଉପରେ ଆର୍ଥିକ ଚାପ ପ୍ରୟୋଗ କରୁଛନ୍ତି । ଟାଟା କମ୍ପାନୀ ଉପଭୋକ୍ତା ମାନଙ୍କୁ ଯେତିକି ସେବା ପ୍ରଦାନ କରିବା କଥା ତାହା ନକରି କେବଳ ପଇସା ପାଇବା ପାଇଁ ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ଇତର କାର୍ଯ୍ୟ । ତେଣୁ ଅତିରିକ୍ତ ସୁରକ୍ଷା ଜମା ସମ୍ପୂର୍ଣ୍ଣ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଏବଂ ବେଆଇନ ବିଜୁଳିକାଟ ବିରୋଧରେ ଜଗତସିଂହପୁର ଜିଲ୍ଲାବାସୀ ଏକଜୁଟ ହୋଇ ଆନ୍ଦୋଳନ ରେ ସାମିଲ ହେବା ପାଇଁ ପଥପ୍ରାନ୍ତ ସଭା ମାଧ୍ୟମରେ ରଘୁନାଥପୁର ବଜାର ରେ ଉପସ୍ଥିତ ଥିବା ସାଧାରଣ ଜନତାଙ୍କୁ ଆହାନ ଦେଇଥିଲେ ।

# ନାତି ଗାଡ଼ି ଧକ୍କାରେ ଜେଜେମା ମୃତ୍ୟୁ ମାମଲା, ମୁଖ୍ୟ ଅଭିଯୁକ୍ତ ଫେରାର

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଖାନ୍ଦରାପୁର(ସିଂଗଡା ) ଗ୍ରାମରେ ନାତିର ଗାଡି ଧକ୍କାରେ ଜେଜେମାର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାହାକୁ ନେଇ ସମଗ୍ର ଅଂଚଳରେ ଏହା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏ ଘଟଣାରେ ପୁଲିସ ଅଭିଯୁକ୍ତର ବାପା ଓ ସାନଭାଇକୁ ଥାନାକୁ ଆଣି ତଦନ୍ତ ଚଳାଇଥିବା ବେଳ ମୁଖ୍ୟ ଅଭିଯୁକ୍ତ ଫେରାର ରହିଛି। ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଆଜି ସାଇନିଟିଫିକ ଟିମ ଦ୍ୱାରା ତଦନ୍ତ କରିଛି। ଘଟଣାସ୍ଥଳେ ସାଇନଟିଫିକ ଟିମ ପହଚି ଯାଂଚ କରିଛି।

ପ୍ରକାଶଯେ ସିଂଗଡା ଗ୍ରାମର ପୋଇନ ସାହୁ ଓ ତାଙ୍କ ସ୍ତ୍ରୀ ଜୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ନାରାୟଣ ତାଙ୍କ ବାପ ଓ ମାଙ୍କୁ ଖାଇବାକୁ ନଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ। ପୋଇନର ମୃତ୍ୟୁ ପରେ ଜୁଳି ଅଧିକ ନିର୍ଯ୍ୟାତନାର ଶିକାର ହୋଇ ଝିଅ ଘରେ ଯାଇ ରହୁଥିଲେ। ଏହି ମାମଲାକୁ କେନ୍ଦ୍ର କରି ଥାନାରେ ମାମଲା ହୋଇଥିଲା। ଯେଉଁଥି ପାଇ ମା ଓ ଝିଅ ଆଜି ଗାଁକୁ ଆସିଥିଲେ। ବୁଧବାର ଅପରାହ୍ନ ସାଢେ ୩ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ମା ଓ ଝିଅ ଯାଉଥିବା ବେଳେ ନାରାୟଣଙ୍କ ବଡ ପୁଅ କାର୍ତିକ ଏକ ପିକଅପ (ଓଡି ୦୪ଇ୮୫୪୭) ନେଇ ଜୁଳିକୁ ଧକ୍କା ଦେଇଥିବା ବେଳେ ଅନିତା ଡେଇଁ ପଡି ଅଳ୍ପକେ ବର୍ତି ଯାଇଥିଲା। ଫଳରେ ଘଟଣାସ୍ଥଳରେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିଲା।

ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା । ବାପ ପୁଅ ମିଶି ସମ୍ପତି ଲୋଭରେ ମାକୁ ଷଡଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ କରିଛନ୍ତି ଅନିତା ଥାନାରେ କରିବା ସହ ଆଜି ଶବ ବ୍ୟବଚ୍ଛେଦ ପରେ ଅନିତାଙ୍କୁ ହସ୍ତାନ୍ତର କରାଯାଇଛି। ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଷକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି। ସମ୍ପତି ପାଇଁ ପରିବାର ଲୋକ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ସ୍ଥାନୀୟ ଅଂଚଳରେ ଆଲୋଚନାର ବିଷୟ ପାଲଟିଛି ।

## ଆନ୍ତଃ କଲେଜ କ୍ରିକେଟ

# ମା' ତାରିଣୀ କଲେଜ ବିଜୟୀ

ବ୍ୟାସନଗର,(ଜିପ୍ର): ବୟାସନଗର କଲେଜ ଠାରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଖେଳ ମା'ତାରିଣୀ କଲେଜ.ପାଣିକୋଇଲି ଓ ମାର୍ଶାଘାଇ କଲେଜ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ନିର୍ଧାରିତ ୨୦ଓଭରରୁ ମାତ୍ର ୧୪ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୬୯ ରନ କରିଥିଲା। ପାଣିକୋଇଲିର ଆନନ୍ଦ ବିଶ୍ୱକର୍ମା ୪ଟି ଓ୍ୱିକେଟ ନେଇଥିଲେ। ଏହାର ଜବାବରେ ମାତ୍ର ୬ ଓଭରରେ ୨ ଓ୍ୱିକେଟ ହରାଇ ୬୯ ରନ କରି ୮ ଉଇକେଟ ବିଜୟୀ ହୋଇଥିଲା। ଦଳତରଫରୁ ଅଭିଷେକ କୁମାର ୨୪ରନ କରିଥିଲେ। ତେଜ ହୋଣ୍ଡା ତରଫରୁ ପାଣିକୋଇଲିର ଆନନ୍ଦ ବିଶ୍ୱକର୍ମାଙ୍କୁ ମଯାନ ଅଫ ଦ ମଯାଚ ପୁରସ୍କାର ଦିଆଯାଇ ଥିଲା। ଖେଳକୁ ପବିତ୍ର ମଲ୍ଲିକ. ଶୁଭମ ବିଶ୍ୱାଳ. ଅନିକେତ ଧୀର ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ମାହାଙ୍ଗା, (ସବ୍ୟୁ): ଏନ୍ ଟୁ ହୋମ୍ସ ପ୍ରାଃ.ଲି ସହିଦ୍‌ନଗର ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ତଥା କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଦ୍ରେଶ୍ୱର ପଞ୍ଚାୟତର ଯୁବ ସମାଜସେବୀ ନିବାସ ନାୟକ ଓ କମଳାକାନ୍ତ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଦ୍ରେଶ୍ୱର ପଂଚାୟତର ୨ଶହରୁ ଉର୍ଦ୍ଧ୍ୱର୍ ମହିଳା ଓ ପୁରୁଷ(ବରିଷ୍ଠ ନାଗରିକ)ଙ୍କୁ ତୀର୍ଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ନେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରାଇଛନ୍ତି । ପ୍ରଥମେ ସ୍ଥାନୀୟ ଅଂଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସ୍ଥାନୀୟ ପଂଚାୟତର ସରପଂଚ କମଳାକାନ୍ତ ରାଉତ, ସମିତିସଭ୍ୟଲଳିତ କୁମାର ରାଉଳ, ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ସମସ୍ତ ତୀର୍ଥଯାତ୍ରୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱର୍ ଯୁବ ସ୍ୱେଚ୍ଛାସେବୀ ତୀର୍ଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ତୀର୍ଥଯାତ୍ରାରେ ଯାଇଥିବା ସମସ୍ତ ବରିଷ୍ଠ ନାଗରିକମାନଙ୍କ ଦୀର୍ଘାୟୁ ଓ ସୁସ୍ଥ ନିରାମୟ ଜୀବନ କାମନା କରି ଦୁଇଭାଇ ଶ୍ରୀ ଜଗନ୍ନାଥଙ୍କ ଆର୍ଶ୍ରୀବାଦ କାମନା କରିଥିଲେ ।

# ଆଦର୍ଶ କୃଷକ ଅମୀୟ କୁମାର ସାମଲଙ୍କ ବିୟୋଗରେ ଶୋକ



ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ର ଜଣେ ଉତ୍ତମ ଓ ଆଦର୍ଶ ଚାଷୀ ଭାବେ ଜଣାସୁଣା ସ୍ଥାନୀୟ ନିଶିମଳା ଗ୍ରାମର ଅମୀୟକୁମାର ସାମଲ(୬) ଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାମଲ ବଡଚଣାରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିଥିଲା ବେଳେ ନିଶିମଳା ବାହାଦୂର କ୍ଲବର ପ୍ରତିଷ୍ଠାତା ଥିଲେ । ଜୀବନର ଶେଷ ବେଳକୁ ସେ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଚଣ୍ଡିଖୋଲ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା ।

ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇ ଥିଲ । ତାଙ୍କ ବଡପୁଅ ଆକାଶଜ୍ୟୋତି ସାମଲ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମରକୁମାର ନାୟକ,ପୂର୍ବତନ ବିଧାୟକ ଅମରପ୍ରସାଦ ଶତପଥୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରେସକ୍ଲବ ଚଣ୍ଡିଖୋଲ ସଭାପତି ବେଣୁଧର ପଣ୍ଡା, ଯାଜପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ, କଂଗ୍ରେସ ଯୁବ ନେତା ଚର୍ଚ୍ଚିତ ମାହାଲା, ପ୍ରେସକ୍ଲବ ଚଣ୍ଡିଖୋଲ ସମ୍ପାଦକ ହେମଶକୁମାର ଜେନା, ସାମ୍ବାଦିକ ସମରେନ୍ଦ୍ର ମାହାଲା, ପ୍ରସନ୍ନକୁମାର ବିଶ୍ୱାଳ, ବାହାଦୁର କ୍ଲବ ସଭାପତି କମ୍ରେଡ ରଞ୍ଜନକୁମାର ଜେନା, ବଡ଼ଚଣା ନବର୍ନିବାଣ ସଂଯୋଜକ ନାଗେଶ ଜେନା, ଚଣ୍ଡିଖୋଲ ଦୁର୍ଗାକମିଟି ସଭାପତି ବିଭୁତିଭୂଷଣ ଜେନା, ନିଶିମଳା ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟକୁମାର ସ୍ୱାଇଁ,ଉତ୍ତମକୁମାରଜେନା,ସୁଙ୍ଗୁଡା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ୧୨ଫୁଟ୍ ଲମ୍ବର ଅଜଗର ଉଦ୍ଧାର

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ ଗଡମଧୁପୁର ଗ୍ରମ ନିକଟରୁ ଏକ ୧୨ଫୁଟ୍ ଲମ୍ବର ଅଜଗର ଶୁକ୍ରବାର ଦିନ ଉଦ୍ଧାର କରାଯାଇଛି । ଏହି ଗ୍ରାମରେ ଥିବା ଏକ ଫାର୍ମ ହାଉସ୍ ନିକଟରେ ବୁଲୁଥିବା ବେଳେ ଅଜଗର ସାପଟିକୁ କିଛି ଲୋକେ ଦେଖିଥିଲେ । ଏନେଇ ଗ୍ରମବାସୀ ସରେକ ହେଲ୍‌ଲାଇନକୁ ସମ୍ପର୍କ କରିଥିଲେ। ଖବର ପାଇ ନିକଟସ୍ଥ ଆରୁହା ଗ୍ରାମର ସାପ ଉଦ୍ଧାର କାରୀ ପ୍ରଭାସ ସାହାଣୀ ଏବଂ ତାଙ୍କର ଦୁଇ ଜଣ ସହଯୋଗି ପହଂଚି ଦୀର୍ଘ ସମୟ ପରିଶ୍ରମ ପରେ ଅଜଗରକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଏହାର ଲମ୍ବ ପାଖାପାଖି ୧୨ଫୁଟ୍ ରୁ ଉର୍ଦ୍ଧ ହୋଇଥିବା ଜଣାଯାଇଛି । ଅଜଗରକୁ ଦେଖିବାକୁ ସ୍ଥନୀୟ ଲୋକଙ୍କ ବେଶ ଭିଡ଼ ଦେଖିବାକୁ ଲାଗିଥିଲା । ତେବେ ସାପଟି ଆହାର ଅନ୍ୱେଷଣରେ ନିକଟସ୍ଥ ଗଡମଧୁପୁର ପାହାଡରୁ ତଳକୁ ଆସିଯାଇଥିବା ଅନୁମାନ କରାଯାଉଛି। ସାପ ଉଦ୍ଧାରକାରୀ ଦଳ ଅଜଗରଟିକୁ ଉଦ୍ଧାର କରିବା ପରେ ନିକଟସ୍ଥ ଗଡମଧୁପୁର ଜଙ୍ଗଲରେ ଛାଡ଼ି ଦେଇଥିବା ସୁଚନା ମିଳିଛି ।

# ଆରମ୍ଭ ହେଲା ପୁସ୍ତକ ସମୀକ୍ଷା ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ) : କଳିଙ୍ଗ ଲିଟରାରି ଫେଷ୍ଟିଭାଲ (କେଏଲଫ)ଓ "ସମ୍ବାଦ'ର ମିଳିତ ପ୍ରୟାସରେ କଳିଙ୍ଗ ଲିଟରାରି ଫେଷ୍ଟିଭାଲ ଓ ସମ୍ବାଦ- ପୁସ୍ତକ ସମୀକ୍ଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିପାଇଁ ନିର୍ବାଚିତ ୧୨ଟି ଓଡ଼ିଆ ପୁସ୍ତକ ମଧ୍ୟରୁ ଯେକୌଣସି ଗୋଟିଏର, ୧୦୦୦ ଶବ୍ଦ ମଧ୍ୟରେ ସମୀକ୍ଷା କରି ୦୫ ଜାନୁୟାରୀ ୨୦୨୬ ତାରିଖ ଭିତରେ ପଠାଇବାକୁ ହେବ । ପରେ ବିଚାରକମଣ୍ଡଳୀଙ୍କ ଦ୍ୱାରା ବିଜେତାଙ୍କୁ ଚୟନ କରାଯିବ ଏବଂ ଜାନୁଆରୀ ୯ ତାରିଖରେ ବିଜେତାଙ୍କ ନାମ ଘୋଷଣା କରାଯିବ । ଏଥିରେ ପ୍ରଥମ ବିଜେତାଙ୍କୁ ୧୦ହଜାର ଏବଂ ଉଭୟ ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ତିନି ଜଣ ସମୀକ୍ଷକଙ୍କୁ ୧୧ ଜାନୁଆରୀ୨୦୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ମଂଚରେ ସମ୍ମାନିତ କରାଯିବ । ସମୀକ୍ଷା ହେବାକୁ ଥିବା ପୁସ୍ତକଗୁଡ଼ିକ ମଧ୍ୟରେ ବିଜୟ କୁମାର ଶତପଥୀଙ୍କ ନାଟକ ଅନ୍ଧାରର ବିଭୀଷିକା, ଶଶିକାନ୍ତ ମିଶ୍ରଙ୍କ ବିପତୌ ମଧୁସୂଦନମ୍ (ଇତିହାସ ଆଧାରିତ ଉପନ୍ୟାସ), ଅଧ୍ୟାପକ ବିଶ୍ୱରଂଜନଙ୍କ ଏକା ଏକା ଏକାଠି (ରମ୍ୟରଚନା ସଂକଳନ), ମମତା ଦାଶଙ୍କ ଭୂମିସ୍ପର୍ଶ (କବିତା ସଂକଳନ), ତରୁଣକାନ୍ତି ମିଶ୍ରଙ୍କ ଛାୟାଲୋକ (କ୍ଷୁଦ୍ରଗଳ୍ପ ସଂକଳନ), ଜ୍ୟୋତି ନନ୍ଦଙ୍କ ଏକ ଶରୀରାଂଶର କୁହୁକ ଓ ଅନ୍ୟାନ୍ୟ (ପ୍ରବନ୍ଧ ସଂକଳନ), ଅସିତ ମହାନ୍ତିଙ୍କ ଲକ୍ଷ୍ମୀପୁରାଣ କଥା (ପୌରାଣିକ କାହାଣୀ), ଦେବଦାସ ଛୋଟରାୟଙ୍କ ମ୍ୟାଟିନି ସୋ (ଗଳ୍ପ ସଂକଳନ), ସ୍ୱ୍ୱରାଜ ମିଶ୍ରଙ୍କ ପୁନଶ୍ଚ ଅବୋଲକରା (ଫିଚର ସଂକଳନ), ନନ୍ଦ କିଶୋର ଦାସଙ୍କ ମୋ ଜୀବନ ଓ ଜଞ୍ଜାଳ କାହାଣୀ (ଆତ୍ମଜୀବନୀ), ଶଙ୍କର ତ୍ରିପାଠୀ ଓ ପ୍ରତିମା ହୋତାଙ୍କ ଆହେ ନୀଳଶୈଳ (ନାଟକ) ଏବଂ ବିଜୟାନନ୍ଦ ସିଂହଙ୍କ ଅଶେଷ ଅନୁରାଗ (ଗଳ୍ପ ସଂକଳନ) ଅନ୍ତର୍ଭୁକ୍ତ ।

## ପଞ୍ଚାୟତ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା

କୋରେଇ (ସବ୍ୟୁ):କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ସରପଞ୍ଚ ଲିଜ୍ଞା ପରିଡା ଯୋଗଦେଇ କ୍ରୀଡା ପତାକାକୁ ଉତୋଳନ କରି ବାର୍ଷିକ କ୍ରୀଡାକୁ ଆନୁଷ୍ଠାନିକ ଭାବେ ଉଦାଘଟନ କରିଥିଲେ । ଅନ୍ୟତମ ଅତିଥି ମାନେ ସମିତି ସଭ୍ୟ ରଶ୍ମୀରଂଜନ ପରିଡା, ପରିଚାଳନା କମିଟିର ସଭାପତି ଗଦାଧର ମହାନ୍ତି ଯୋଗଦେଇଥିଲେ। ଛାତ୍ରୀଙ୍କ ମଧ୍ୟରେ ୧ ଶହ ଓ ୨ ଶହ ମିଟର ଦୌଡ, ହାଇଜମ୍ପ, ଲଙ୍ଗଜମ୍ପ, ସଟଫୁଟ ଥ୍ରୋ, ଡିସକ୍ସ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରୀ ଭାଗ ନେଇ କ୍ରୀଡା ପଦର୍ଶନ କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ ସୁକାନ୍ତୀ ପ୍ରଭା ଦାସ କ୍ରୀଡା ପରିଚଳାନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପବିତ୍ରା ସାମଲ, ଶିକ୍ଷୟିତ୍ରୀ କବିତା ରାୟ, ଅମ୍ବୁଜା ପଣ୍ଡା, ଅଫସର ରୁଦିନ ଓ କର୍ମଚାରୀ ଲକ୍ଷ୍ମୀଧର ବିଶ୍ୱାଳ, ରମେଶ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରଥିଲେ।

# ବନ୍ୟାଜଳ ନିଷ୍କାସନ ପ୍ରକଳ୍ପର ଶିଳାନ୍ୟାସ



ବରୀ, (ସବ୍ୟୁ): ବରୀ ଅଞ୍ଚଳର ସାରଦାପାଟ ଭାବେ ପରିଚିତ ସହ ସହ ହେକଟର ଚାଷ ଜମିରେ ବନ୍ୟା ଜଳ ଜମି ରହିବା ଯୋଗୁଁ ଚାଷୀ ମାନେ ସେହି ଜମି ଉପରେ ଚାଷ କରିବା ସମ୍ଭବ ହେଉନଥିଲା । ବିଭିନ୍ନ ସମୟରେ ଏହି ଅଞ୍ଚଳର ଚାଷୀ ତଥା ବୁଦ୍ଧିଜୀବୀ ମାନେ ବନ୍ୟା ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବାକୁ ଦାବି କରି ଆସୁଥିଲେ । ସ୍ଥାନୀୟ ଚାଷୀ ମାନଙ୍କ ଦାବି କୁ ଗୁରୁତ୍ୱ ଦେଇ ବରୀ ବିଧାୟକ ବିଶ ରଞ୍ଜନ ମଲ୍ଲିକ ଡ୍ରେନେଜ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ଘଟଣା ସ୍ଥଳକୁ ଆଣି କିଭଳି ଭାବରେ ବନ୍ୟା ଜଳ ନିଷ୍କାସନ ହେବା ସହିତ ବୁଡି ରହୁଥିବା ଜମି ଗୁଡ଼ିକ ଚାଷ ଉପଯୋଗୀ ହୋଇ ପାରିବ ବ୍ୟାପକ ଆଲୋଚନା କରିଥିଲେ ।

ଶୁକ୍ରବାର ଦିନ ସରକାରଙ୍କ ଡ୍ରେନେଜ ବିଭାଗ ପକ୍ଷରୁ ୮୨ ଲକ୍ଷ୍ୟ ମଞ୍ଜୁର ହୋଇ ଟେଣ୍ଡର ହେବା ପରେ ବିଧାୟକ ଶ୍ରୀ ମଲ୍ଲିକ ଏହି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମ ସମୟରେ ବିଧାୟକଙ୍କ ସମେତ ଉପାଦକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲାପରିଷଦ ସଭ୍ୟ ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ବରୀ ବିଜେଡି ସଭାପତି କେଦାର ସାମଲ ଜିଲ୍ଲାପରିଷଦ ପ୍ରତିନିଧି ବୁଲୁ ଯାଦବ, ସମାଜସେବୀ ଅରବିନ୍ଦ ମହାନ୍ତି,ମାନଗୋବିନ୍ଦ ସାମଲ, ଦିଲୀପ ବେହେରା, ପ୍ରସନ ସାମଲ, ରତିକାନ୍ତ ଜେନା, ସୁଶାନ୍ତ ବେହେରା, ସାଗର ରାଏ, ପ୍ରଫୁଲ୍ଲ ସାମଲ,ପ୍ରମୋଦ ନାଥଶର୍ମା,ପ୍ରମୁଖ ଉପସ୍ଥିତ ଥିଲେ ।

## ସମାଜସେବୀ ବିଭୁ ପୃଷ୍ଟିଙ୍କ ଅକାଳ ବିୟୋଗ

ବାଲିଚନ୍ଦ୍ରପୁର,(ସବ୍ୟୁ): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଂଚାୟତ ଅନ୍ତର୍ଗତ ପିରମାଟଣା ଗ୍ରାମର ସମାଜସେବୀ ବିଭୁ ଶଙ୍କର ପୃଷ୍ଟି (୫୪)ଙ୍କର ଶୁକ୍ରବାର ଅପରାହ୍ନରେ ହୃଦଘାତରେ ପରଲୋକ ହୋଇଛି । ଖବରରୁ ପ୍ରକାଶ ବିଭୁ ଶଙ୍କର ପୁରା ସୁସ୍ଥ ଥାଇ ଦିନ ତମାମ ବୁଲାବୁଲି କରିଥିଲେ । ମଧ୍ୟାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଡ଼ାକ୍ତର ସେଠାରେ ମୃତ ଘୋଷଣା କରିବା ପରେ ଚାରିଆଡ଼େ ପ୍ରଚାରିତ ହେବା ପରେ ଅଂଚଳବାସୀ ସ୍ତବ୍ଧ ହୋଇଯାଇଥିଲେ । ସେ ଜଣେ ପରୋପକାରୀ, ମେଳାପି, ମିଷ୍ଟଭାସି ସର୍ବୋପରି ସବୁ ବର୍ଗର ଲୋକଙ୍କ ପ୍ରିୟ ଥିଲେ । ମର ଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିଲା । ଶହ ଶହ ସଂଖ୍ୟାରେ ଲୋକ ତାଙ୍କ ଗ୍ରାମରେ ପହଞ୍ଚି ପୁଷ୍ପମାଲ୍ୟ ଦେଇ ଶେଷଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଚାରିନଙ୍ଗଳ ସରପଂଚ ନୁରଜାନ ବେଗମ, ସମିତି ସଭ୍ୟା ଚନ୍ଦ୍ରକଳା ଜେନା, ଶିକ୍ଷାବିତ୍ ଅଜୟ କୁମାର ସାମଲ, ରବୀନ୍ଦ୍ରନାଥ ସାମଲ, ସାମ୍ବାଦିକ ଉକିଳ କେଶରୀ ସାମଲ, ପ୍ରବାସ କୁମାର ଦାଶ, ସେକ୍ ଇକବାଲ ହୁସେନ୍, ବାଲିଚନ୍ଦ୍ରପୁର ଶଯାମସୁନ୍ଦର ବଜାର କମିଟି ପକ୍ଷରୁ ପ୍ରତିନିଧି ଅକ୍ଷୟ କୁମାର ପରିଡ଼ା, ରଶ୍ମିରଞ୍ଜନ ବଳ, ଭିମସେନ୍ ରାଉତ, ଅଶୋକ କୁମାର ରାଉତ, ଶରତ ଚନ୍ଦ୍ର ସାହୁ, ଅଶୋକ କୁମାର ବେହେରା, ସଂଜୟ କୁମାର ସାମଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପ୍ରକାଶ ଥାଉକି ବିଭୁ ଶଙ୍କରଙ୍କ ପନୀ ୧୦ ବର୍ଷ ପୂର୍ବରୁ ପରଲୋକ ଗମନ କରିଛନ୍ତି । ୧୮ ବର୍ଷର ଏକାମାତ୍ର ପୁତ୍ର ମୋହିତକୁ ଏକାକି କରି ବାପା ମାଆ ଦୁହେଁ ଆରପାରିକୁ ଚାଲିଗଲେ । ସେହି ଏକ ମାତ୍ର ପୁତ୍ର ବିଭୁ ଶଙ୍କରଙ୍କୁ ମୁଖାଗ୍ନି ଦେଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ।



# ପେଟ୍ରୋଲ ପକାଇ ନବବଧୂ ହତ୍ୟା :ସ୍ୱାମୀ, ଶାଶୂ ଅଟକ



କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ତଇଲା ଗ୍ରାମରେ ନବବଧୂଙ୍କୁ ଯୌତୁକ ପାଇଁ ପେଟ୍ରୋଲ ପକାଇ ହତ୍ୟା କରାଯାଇଛି । ପେଟ୍ରୋଲ ନିଆଁରେ ଛାଟିପିଟି କଟକ ଏସିବି ମେଡିକାଲରେ ଆଖିବୁଜିଛନ୍ତି ନବବଧୂ ସୁଜାତା ।ପ୍ରାପ୍ତ ଖବର ଅନୁଯାୟୀ କଳାପଦର ଗ୍ରାମର ଅଛବ ସାହୁଙ୍କ ମଧ୍ୟମା କନ୍ୟା ସୁଜାତା ସାହୁଙ୍କ ଗତ ୧୯/୦୬/୨୦୨୫ ରିଖରେ ଗଡିଶାଗୋଦା ଥାନା ଅନ୍ତର୍ଗତ ତଇଲା ଗ୍ରାମର ଅନନ୍ତ ମାଝୀଙ୍କ କନିଷ୍ଠ ପୁତ୍ର ସୁଜିତ ମାଝିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବାହାଘର ପରଠାରୁ ଶାଶୁ,ଶ୍ୱଶୁର ଓ ଜ୍ୱାଇଁ ଏକ ଲକ୍ଷ ଟଙ୍କା ଦାବି କରି ବିଭିନ୍ନ ସମୟରେ ଝିଅକୁ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି ମୃତା ଝିଅର ଘର ଲୋକ । ଝିଅର ଫୋନ ପାଇ ପିତା ଓ ଅନ୍ୟମାନେ ପୁଅ ଘରେ ପହଞ୍ଚି ବିଭିନ୍ନ ସାଆୟାରେ ବୁଝା ସୁଝା କରି ସମାଧାନ କରିଆସନ୍ତି ।ହେଲେ ଗତ ବୁଧବାର ବିଳମ୍ବିତ ରାତ୍ରରେ ଝିଅ ସୋଇଥିବା ସମୟରେ ପରିବାର ଲୋକ ପେଟ୍ରୋଲ ଢାଳି ଝିଅକୁ ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ଝିଅର ପରିବାର ଲୋକ ଜାଣିବାକୁ ପାଇଥିଲେ ।ଘଟଣା ସ୍ଥଳରେ ପହଞ୍ଚିବା ପରେ ପୁଅଘର ଲୋକେ ଝିଅକୁ ମେଡିକାଲ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସିବି ମେଡିକାଲରେ ଚିକିତ୍ସାତ ହେଉଥିଲେ ନବବଧୂ ସୁଜାତା । ଏନେଇ ଝିଅର ବୋଉ କମଳିନୀ ସାହୁ ଗୁରୁବାର ଦିନ ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ହେଲେ ଶୁକ୍ରବାର ଦିନ ନବବଧୂ ସୁଜାତା କଟକ ଏସିବି ମେଦିକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ସେପଟେ ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ କହିଛନ୍ତି ନବବଧୂଙ୍କର ଶରୀର ୮୦ ଭାଗ ପୋଡିଯାଇଥିଲା ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।ଅଭିଯୋଗକୁ ଭିତ୍ତିକରି ସ୍ୱାମୀ ସଜିତ ମାଝି ଓ ଶାଶୂ ଦ୍ରପଦି ମାଝିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚାଲିଥିବା ଥାନା ଅଧିକାରୀ କହିଛନ୍ତି। ଏନେଇ ୨୦୨/୨୦୨୫ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି । ମୃତା ନବବଧୂ ସୁଜାତାର ଶବ ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଦାସ କହିଛନ୍ତି ।

# ବିଦ୍ୟାଳୟକୁ ଫେରିଲେ ୧୩୫ ଜଣ ଛାତ୍ରଛାତ୍ରୀ

ଦଶପଲ୍ଲା,(ସବ୍ୟୁ): ସରକାର ଙ୍କ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ରେ ୪୭୧ ଜଣ ଛାତ୍ର ଛାତ୍ରୀଙ୍କୁ ଚିହ୍ନଟ କରାଯାଇଛି । ଏଥିରେ ୬ ବର୍ଷ ରୁ ୧୪ ବର୍ଷ ର ୧୩୫ ଜଣ ଛାତ୍ର ଛାତ୍ରୀ ଚିହ୍ନଟ ହୋଇଥିବା ବେଳେ ୧୫ ରୁ ୧୮ ବର୍ଷ ମଧ୍ୟରେ ୩୩୬ ଜଣ ଛାତ୍ର ଛାତ୍ରୀ ଥିବା ଜଣାପଡିଛି । ଏହି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ କିଏ ମାଟ୍ରିକ ଫେଲ ତ କିଏ ପାସ କରି ପାଠ ଛାଡିଛନ୍ତି । ତେବେ ଗୁରୁବାର ଦିନ ଦଶପଲ୍ଲା ବ୍ଲକର ୧୧ ଟି କ୍ଲଷ୍ଟର ରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷକମାନଙ୍କ ଦ୍ୱାରା ଚିହ୍ନଟ କରାଯାଇ ବିଦ୍ୟାଳୟ ଫେରାଇ ଅଣାଯାଇଛି । ସେମାନଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାବେ ନାମ ଲେଖାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ମିଳୁଥିବା ସମସ୍ତ ସହାୟତା ପ୍ରଦାନ କରାଯାଇଛି । ଏଭଳି ଅଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଉତ୍ସାହିତ କରିବା ପାଇଁ ଦଶପଲ୍ଲା ବ୍ଲକର ୧୧ ଟି କ୍ଲଷ୍ଟରରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସି ଆର ସି ସି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ସିମିଳିସାହି ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ପଟନାୟକ ,ବିଦ୍ୟାଳୟ କମିଟି ସଭାପତି ଅନ୍ତରୀଆମୀ ପ୍ରଧାନ, ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଜଗାପୁର କ୍ଲଷ୍ଟର ସ୍ତରରେ ଚିହ୍ନଟ ହୋଇଥିବା ୫ ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଯିବା ସହ ସମାନଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇ ବିଦ୍ୟାଳୟକୁ ଆସି ଶିକ୍ଷା ଲାଭ କରିବା ପାଇଁ ଉତ୍ସାହିତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆସ ସ୍କୁଲ ଯିବା ନୃତ୍ୟ ପରିବେଷଣ କରାଯାଇଥିଲା ।

## ସଭାମଣ୍ଡପ ରନ୍ଧବଟ ମଠର ପୂଜକଙ୍କ ପରଲୋକ

ନିମାପଡ଼ା,(ସବ୍ୟୁ): ଚରିଛକ ନିକଟସ୍ଥ ସାନହୁଲି ଗ୍ରାମ ନିକଟ ରନ୍ଧବଟ ମଠର(ସଭାମଣ୍ଡପ) ପୂଜକଙ୍କ ପରଲୋକ ଘଟିଛି। ପୂଜକ ରାଜେନ୍ଦ୍ର ଶତପଥି (୭୪) ତୁଳସୀପୁର ନିକଟସ୍ଥ ସଭାମଣ୍ଡପ ରନ୍ଧବଟ ମଠରେ ପୂଜାକରି ଆସୁଥିଲେ । ଦୀର୍ଘଦିନ ହେବ ଆଜମା ରୋଗରେ ପୀଡ଼ିତ ହୋଇ ସେ କିଛିଦିନ ହେବ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ପୂଜକ ରଜେନ୍ଦ୍ର ଶତପଥିଙ୍କ ଦେହାନ୍ତ ହୋଇଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର, ପୁତ୍ରବଧୁ, ନାତି, ନାତୁଣୀ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ରହିଥିଲେ । ଗ୍ରାମରୁ ସଂକୀର୍ତନ କରି ଶୋଭାଯାତ୍ରା ରେ ନିଆଯାଇ ଗ୍ରାମ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ହରେକୃଷ୍ଣ ଶତପଥି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ବିଧାୟକ , ମନ୍ତ୍ରୀଙ୍କ ଦରମାବୃଦ୍ଧିକୁ ସିପିଏମର ବିରୋଧ

ରଣପୁର,(ସବ୍ୟୁ): ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କ ବିଶାସ ପ୍ରତି ବିଶ୍ୱାସଘାତକତା କରି ଗତ ୯ ଡିସେମ୍ବର ରେ ବିଧାସଭାରେ ବିଧାୟକ ଓ ମନ୍ତ୍ରୀଙ୍କ ଦରମା ଓ ଭତ୍ତା ମାସିକ ତିନିଗୁଣା କରି ୩,୪୫,୦୦୦ ଟଙ୍କା କୁ ବୃଦ୍ଧି କରିଛନ୍ତି। ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା।୧୪୭ ବିଧାୟକ ମଧ୍ୟରୁ ସିପିଆଇ (ଏମ) ଏକ ମାତ୍ର ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଧାନସଭାରେ ଦୃଢ଼ ବିରୋଧ କରିଥିଲେ ମଧ୍ୟ ସରକାର ଆଇନ ପାରିତ କରିଥିଲେ । ଏହି ନିଷ୍ପତ୍ତି କୁ ସିପିଆଇ (ଏମ) ରାଜ୍ୟ କମିଟି ଦୃଢ଼ ବିରୋଧ କରିବା ସହ ରାଜ୍ୟପାଳଙ୍କୁ ଭେଟି ଅନୁମୋଦନ ନ କରିବା ପାଇଁ ନିବେଦନ କରିବା ସହ ସରକାର ଏଭଳି ଜନ ବିରୋଧି ଆଇନକୁ ପ୍ରତ୍ୟାହାର କରିବା ପାଇଁ ଦାବୀ କରିଛନ୍ତି। ଏହି ପରିପ୍ରେକ୍ଷୀ ରେ ରଣପୁର ଆଞ୍ଚଳିକ କମିଟି ତରଫରୁ ରଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ମନୋରଂଜନ ବେହେରାଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇ ଥିଲା ବେଳେ ଅପରାହ୍ନ ୪ ଟାରେ ରଣପୁର ସିଂହଦାର ଓ ପଞ୍ଚୁଡୋଳ ପଡ଼ିଆରେ ଶିକ୍ଷକ ନେତା ନିଳାଦ୍ରୀ ସୁବୁଦ୍ଧିଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ କାର୍ଯ୍ୟ କ୍ରମରେ ପାର୍ଟି ର ଜିଲ୍ଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡ଼ା, ଦୁଃଶାସନ ଜେନା,ସୁରେଶ ସ୍ୱାଇଁ, ଭିକାରୀ ସାହୁ,ଶୁଷୀଲ ମହାନ୍ତି, ସ ସେଠୀ, ସୁକାନ୍ତି ଜେନା, କୁଳମଣି ପଲେଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଶିଶିଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ



ବାଲିଅନ୍ତା,(ସବ୍ୟୁ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ବାଲିଅନ୍ତା ବ୍ଲକ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ-୨୦୨୫ ସ୍ଥାନୀୟ ଶିଶିଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହାର ଉଦଘାଟନୀ ଉତ୍ସବର ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ରାଧାନାଥ ପ୍ରହରାଜଙ୍କ ସଭାପତିତ୍ୱ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟବକ୍ତା ଭାବେ ରାଜ୍ୟ ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ମାଗୁଣି ଚରଣ ସେଠି, ବାଲିପାଟଣା ବ୍ଲକ ଓଷ୍ଟା ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ , ଖୋର୍ଦ୍ଧା ଜିଲ୍ଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ପୂରଣ ପ୍ରଧାନ ଗ୍ରାମ ପଞ୍ଚାୟତର ସରପଞ୍ଚ ଦୁର୍ଯ୍ୟା ଧନ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା କୁନ ମୁନ ଲେଙ୍କା, କାକରୁଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ନବ କିଶୋର ମଲ୍ଲିକ, ଓ ମୁଖ୍ୟବକ୍ତା ଭାବରେ ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ପୂରଣ ପ୍ରଧାନ ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ, ବରିଷ୍ଠ ଶିକ୍ଷାବିତ ତଥା ସତ୍ୟଭାମାପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବେହେରା, ବିନୋଦ କୁମାର ସାହୁ, ବିଦ୍ୟାଳୟ ଆଲୁମିନି କମିଟି ସଭାପତି ଉପେନ୍ଦ୍ର କୁମାର ବାରିକ, ନୃସିଂହ ଚରଣ ସ୍ୱାଇଁ, ପ୍ରତାପରୁଦ୍ରପୁର ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରହରାଜ ପ୍ରଭୃତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓଷ୍ଟାର ବାଲିଅନ୍ତା ବ୍ଲକ ସମ୍ପାଦକ ସର୍ବେଶ୍ୱର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ବିଷ୍ଣୁ ନାରାୟଣ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ହୃଦାନନ୍ଦ ପାଢ଼ୀ ଧନ୍ୟବାଦ ଦେଇଥିଲେ । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଉନ୍ନୟନ ନିମନ୍ତେ ସ୍ୱତନ୍ତ୍ର ସର୍ଭେ ଆରମ୍ଭ

ସାକ୍ଷୀଗୋପାଳ , (ସବ୍ୟୁ): ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିର ଓ ଏହାର ବାହ୍ୟ ପରିସର ବିକଶିତ କରାଯିବା ନିମନ୍ତେ ବୁଧବାର ଠାରୁ ଏକ ସ୍ୱତନ୍ତ୍ର ସର୍ଭେ ଆରମ୍ଭ କରାଯାଇଛି । ସାକ୍ଷୀଗୋପାଳ ମନ୍ଦିରକୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ପଟୁ ଆସୁଥିବା ଯାନବାହାନ ଓ ଭକ୍ତଙ୍କ ସୁବିଧା ଲାଗି ସାକ୍ଷୀଗୋପାଳର ପ୍ରସିଦ୍ଧ ଠାକୁରାଣୀ ମା ମଉନେଇ ମନ୍ଦିର ତଥା ହୋତା ସାହି ତଥା ଗୋପାଳ ପୁର ପାଟଣା ଛକ ଠାରୁ ଏକ ସ୍ୱତନ୍ତ୍ର କରିଡର ନିର୍ମାଣ କରାଯିବା ସହ ରନ୍ଚିରା ନଦୀ ଉପରେ ଏକ ନୂତନ ବ୍ରିଜ ନିର୍ମାଣ କରାଯିବ । ପୁରାତନ ଧର୍ମଶାଳାକୁ ଭଙ୍ଗା ଯାଇ ସେଠାରେ ଏକ ନୂତନ ଭକ୍ତ ନିବାସ ସହ ଉନ୍ନତ ମାନର ଅତିଥି ଭବନ ନିର୍ମାଣ କରାଯିବ । ସେବାୟତମାନଙ୍କ ଜାଗାଘର,ସେଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ , ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଉଚ୍ଛେଦ କରାଯିବା ସହ ସେଠାରେ ମନ୍ଦିରର ସମୁଖ ପାର୍କିଂ ସ୍ଥାନ ହେବ । ମନ୍ଦିର ଶୌଚାଳୟକୁ ସ୍ଥାନାନ୍ତରିତ କରାଯାଇ ସେଠାରେ ଏକ ଅତ୍ୟାଧୁନିକ ଗ୍ରନ୍ଥାଗର ନିର୍ମାଣ କରାଯିବ । ସର୍ଭେ ଅନୁଯାୟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ମନ୍ଦିର ପଛ ପାର୍ଶ୍ ପର୍ଯ୍ୟନ୍ତ ସରକାରୀ , ଦେବୋତ୍ତର ,ଓ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହୋଇଥିବା ଗୃହ ଦୋକାନ ଉଚ୍ଛେଦ କରାଯିବ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ର ନବକଳେବର କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଏକ ଅଂଶ ବିଶେଷ ହେବ ବୋଲି ଜଣା ପଡ଼ୁଛି । ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତି ବିଶେଷ, ମନ୍ଦିର ସମ୍ମୁଖ ଓ ଏହାର ବାହ୍ୟ ପରିସର କଳେବର ବୃଦ୍ଧି ପାଇଁ ନିଯୋଗ କୋଠା , ଦୋକାନ, ଗୃହ, ଜମିର , ସଠିକ ବିବରଣୀ ଜାଣିବା ନିମନ୍ତେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହି ସର୍ଭେ କାର୍ଯ୍ୟରେ ସାକ୍ଷୀଗୋପାଳ ମନ୍ଦିରରର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି ,ଅମିନ ସୁବାସ ଗଜେନ୍ଦ୍ର , ସତ୍ୟବାଦୀ ରାଜସ୍ୱ ନିରକ୍ଷକ ପ୍ରଶାନ୍ତ ମାଝୀ , ରାଜସ୍ୱ ସୁପରଭାଇଜର ମୋନାଲିସା ବରାଳ , ଦେବସ୍ମିତା ପାଣ୍ଡେ ,ପ୍ରମୁଖ ନିୟୋଜିତ ହୋଇଛନ୍ତି ।

## ରାଧାଗୋବିନ୍ଦ ଜୁଏଲାରୀର ଲକି ଡ୍ର: ୨ ଗ୍ରାହକ ଜିତିଲେ ସ୍କୁଟି




କାକଟପୁର ,(ସବ୍ୟୁ): କାକଟପୁର ମୁଖ୍ୟ ବଜାରର ଅଗ୍ରଣୀ ଜୁଏଲାରୀ ଦୋକାନ ରାଧାଗୋବିନ୍ଦ ଜୁଏଲାରୀର ଗତ ଦଶହରା ଓ ଦୀପାବଳୀରେ ଗ୍ରାହକ ମାନଙ୍କ ଆକର୍ଷଣ ପାଇଁ ଲକି ଡ୍ର କୁପନ ଯୋଜନା ମାଧ୍ୟମରେ ୨ ଗୋଟି ସ୍କୁଟି ରଖିଥିଲେ । ଏହି ପ୍ରରିପେକ୍ଷୀରେ ସ୍ଥାନୀୟ ମୋତି ମଣ୍ଡପ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଗ୍ରାହକଙ୍କ ଉପସ୍ଥିତିରେ ଲକି ଡ୍ର କରାଯାଇ ୨ ଜଣ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ଥାନାର ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁ, କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତଥା ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ କୁମାର ଜେନା , ଅଶୋକ କୁମାର ଦୀକ୍ଷିତ,ମଙ୍ଗଳା କ୍ରିକେଟ କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ,ରାଧାଗୋବିନ୍ଦ ଜୁଏଲାରୀର ସତ୍ୱାଧିକାରୀ ଶ୍ରୀଧର କୁମାର ସାହୁ ପ୍ରମୁଖ ଯୋଗଦେଇ ୨ ବିଜେତାଙ୍କୁ ସ୍କୁଟି ଚାବି ପ୍ରଦାନ କରିଥିଲେ। ଏହି ଲକି ଡ୍ର କାର୍ଯ୍ୟକ୍ରମ ଚଳିତ ବର୍ଷ ଭଳି ପ୍ରତିବର୍ଷ ଚାଲିବାକୁ ଥିବାବେଳେ ରାଧାଗୋବିନ୍ଦ ଜୁଏଲାରୀ ଆଗାମୀ ଦିନରେ ଗ୍ରାହକ ମାନଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି ସତ୍ୱାଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

# ପ୍ରତିଶୃତି ପରେ ବିଦ୍ୟାଳୟ ଫାଟକରୁ ଖୋଲିଲା ତାଲା

ନିମାପଡା,(ସବ୍ୟୁ):ଗତ ୧୭ ତାରିଖରୁ ଏହି ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅଳକୁଣ୍ଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨ଟି ସମସ୍ୟାକୁ ନେଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଚାଲିଥିଲା । ଦାବୀ ପୁରଣ ହେବ ବୋଲି ଡିଇଓଙ୍କ ପ୍ରତିଶୃତି ପରେ ଶୁକ୍ରବାର ସଂଧ୍ୟାରେ ବିଦ୍ୟାଳୟ ଫାଟକରୁ ଧାରଣାକାରୀ ମାନେ ତାଲା ଖୋଲିଛନ୍ତି । ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନର୍ଭା ପ୍ରଧାନଙ୍କୁ ଏଠାରୁ ଅନ୍ୟତ୍ର ବଦଳୀ କରାଯିବା ସହିତ ବିଦ୍ୟାଳୟରେ ଖାଲି ପଡିଥିବା ତିନୋଟି ଶିକ୍ଷକ ପଦବୀକୁ ପୁରଣ କରିବା ଦାବୀ ନେଇ ଅଭିଭାବକ,ପରିଚାଳନା କମିଟୀ ସଦସ୍ୟ,ଛାତ୍ରଛାତ୍ରୀ ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ୩ ଦିନ ଧରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଯାହା ଫଳରେ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହୋଇଥିଲା । ଶୁକ୍ରବାରଦିନ ଏବିଇଓ ସୁଦର୍ଶନ ଭୋଇ ଓ ସିଆର୍‌ସିସି ମିସକିନ୍ ଖାନ୍ ଘଟଣା ସ୍ଥଳରେ ପହଂଚି ଡିଇଓ ଦୀପକ କୁମାର ପାଢୀଙ୍କ ସହିତ ଫୋନରେ ଧାରଣା କାରୀଙ୍କ ସହିତ ସିଧାସଳଖ କଥା ହୋଇଥିଲେ । ଦାବୀ ପୁରଣ ନେଇ ଡିଇଓଙ୍କ ପ୍ରତିଶୃତୀ ପରେ ଏହି ଧାରଣା ପ୍ରତଯାହୃତ ହୋଇଥିବା ଜଣାପଡିଛି ।

# ଆଠଗଡ ମହୋତ୍ସବ ଉଦ୍‌ଘାଟିତ

ଆଠଗଡ ,(ସବ୍ୟୁ): ଆଠଗଡ଼ ମହୋତ୍ସବ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ପୂର୍ତ୍ତ ବିଭାଗ ମନ୍ତ୍ରୀ ପଥ୍ୱୀରାଜ ହରିଚନ୍ଦନ ଏହାକୁ ଉଦ୍ଘାଟନ କରିଥିଲେ । ସନ୍ଧ୍ୟାରେ ଆଠଗଡ଼ ମହୋତ୍ସବ ପଡିଆରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଲୋକକଳା ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହୋତ୍ସବ କମିଟିର ଉପଦେଷ୍ଟା ଅଭୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗ ଦେଇଥିବା ବେଳେ ନିମନ୍ତ୍ରଣ ପତ୍ର ରେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନାମ ଥିଲେ ବି ସେ ଯୋଗ ଦେଇ ନ ଥିଲେ।ସମ୍ମାନୀୟ ଅତିଥି ଭାବେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା , ବିଡ଼ିଓ ଆକାଶ କୁମାର ପଣ୍ଡା, ବିଜେପି ନେତା ବ୍ରଜେନ୍ଦ୍ର ରାୟ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଆବାହକ ଆଇନଜୀବୀ ଫଣୀଭୂଷଣ ରଥ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ପାର୍ଥ ସାରଥୀ ପଟ୍ଟନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୀତିକାର ରାଧାନାଥ ଦାସଙ୍କ ଲିଖିତ ଏବଂ ଗୁରୁଦତ୍ତ ନାୟକଙ୍କ ସ୍ୱର ସଂଯୋଜନାରେ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପରେ କୁଳଦୀପ ପଟ୍ଟନାୟକ ଓ ସାଥୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ଓ ଥାନା ଅଧିକାରୀ ସୁମନ୍ତୀ କୁମାରୀ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସହାୟତାରେ ଆଠଗଡ଼ ମହୋତ୍ସବରେ ଶୃଙ୍ଖଳା ରକ୍ଷା କରାଯାଇଥିଲା ।

## ଧନୁଯାତ୍ରା ମେଳା ଉଦଯାପିତ

ବୋଲଗଡ଼ ,(ସବ୍ୟୁ): ବୋଲଗଡ଼ ନିକଟପାଞ୍ଚଗଡ଼ପାହାଡ଼ ପାଦଦେଶରେ ପୂଜିତ ମା ଭୁୟାଂଣୀଠାକୁରାଣୀପୀଠରେ ଗତ ୪ ଦିନ ଧରି ଚାଲିଥିବା ଧନୁଯାତ୍ରା ମେଳା ଗୁରୁବାରଦିନ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନ ହୋମଯଜ୍ଞ ଦିତୀୟ ଦିନ କାଳୀୟଦଳନ, ତୃତୀୟ ଦିନ ରାମନାଟକ ଓ ଚତୁର୍ଥ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ଏହିସବୁ ଦିନରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲବପଟ୍ଟନାୟକ ସମେତ ବିଭିନ୍ନ ରାଜନୈତିକ ନେତା, ଜନପ୍ରତିନିଧି ଯୋଗ ଦେଇଥିଲେ । ବୋଲ ଗଡ଼ ଥାନା ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ଉପସ୍ଥିତ ଥିଲେ ।

## ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା




ବାଙ୍କୀ ,(ସବ୍ୟୁ): ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ଶୁକ୍ରବାର ଦିନ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀର ତ୍ରିଶୁଳିଆ ଛକ ଠାରୁ ବାଙ୍କୀ କଲେଜ ଖେଳ ପଡିଆ ପର୍ଯ୍ୟନ୍ତ ହଜାର ହଜାର ଦଳୀୟ କର୍ମୀ ମାନେ ବିରାଟ ବାଇକ ରାଲି ମାଧ୍ୟମରେ ପାଛୋଟି ନେଇ ଥିଲେ। ପରେ ସଭା ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।ଖୋଲା ସଭାରେ କଟକ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳ ମନ୍ତ୍ରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ କଟକ ଗ୍ରାମାଞ୍ଚଳ ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ବରିଷ୍ଠ ବିଜେପି ନେତା ସୁବଳ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ବାଙ୍କୀ ନେତାଙ୍କୁ ରାଜ୍ୟ ବିଜେପି ଦଳ ଯେଉଁ ଗୁରୁ ଦାୟିତ୍ୱ ଦେଇଛି ତାକୁ ସୁଚାରୁ ରୁପେ ନିର୍ବାହ କରିବା ସହିତ ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାର୍ଷିକ କ୍ରୀଡା ଉଦଯାପିତ



ଫୁଲନଖରା , (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ କୋରକରା ପଞ୍ଚାୟତ ଅଧୀନସ୍ଥ ଶହିଦ ସ୍ମୃତି ନୋଡ଼ାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ପଞ୍ଚଶଖା ଶିକ୍ଷା ସେତୁ ସଭାପତି ନରୋତ୍ତମ ପାତ୍ର,ଜିଲ୍ଲା ପରିଷଦ ପ୍ରଦୀପ କୁମାର ଭୋଇ, ସରପଞ୍ଚ ଅଶୋକ କୁମାର ପାତ୍ର, ପ୍ରଦୀପ କୁମାର ରାୟ, ସାମ୍ବାଦିକ ଅମିତ କୁମାର ପରିଜା,ଚିନ୍ମୟ ମହାରଣା, ସତ୍ୟ ରଞ୍ଜନ ଦାସ ମହାପାତ୍ର, ଶଶି ଭୂଷଣ ଦାଶ, ହେମନ୍ତ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ଭୋଇ, ବୁଲୁ ପାତ୍ର,ଓ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ କ୍ରୀଡା ତଥା ଦୌଡ,ଉଚ୍ଚ ଡିଆଁ, ଲମ୍ବା ଡିଆଁ, ସଙ୍ଗୀତ ଆସନ, ଭଳି ନାନାଦି କ୍ରୀଡାରେ ଅଂଶ ଗ୍ରହଣ କରି ସମସ୍ତ ଛାତ୍ର ଛାତ୍ରୀ ନିଜ ନିଜର ଦକ୍ଷତାପ୍ରତିପାଦନ କରିଥିବା ଦେଖିବାକୁ ମିଳିଥିଲା ।ସ୍ମୃତି ରଞ୍ଜନ ନାୟକ ସମସ୍ତ କ୍ରୀଡା ପରିଚାଳନା କରିଥିବା ବେଳେ ପ୍ରିୟ ଦର୍ଶନୀ ନାୟକ,ଅହଲ୍ୟା ନାୟକ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଅଭିଷେକ ମାଝୀ, ସୁମନ୍ତ କୁମାର ପରିଡ଼ା, ସାଗତିକା ପ୍ରଧାନ, ସ୍ୱର୍ଣ୍ଣଲତା ବରାଳ, ଜୟଶଙ୍କର ପ୍ରଧାନ,ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆଶା କର୍ମୀ ମଞ୍ଜୁଲତା ଦାସ ପ୍ରମୁଖ ବଳିଷ୍ଠସହଯୋଗ କରିଛନ୍ତି ।

# ହାଇକୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ
# ୨୩ରୁ ଆମରଣ ଅନଶନରେ ବସିବେ ଶିକ୍ଷକ

ଡେଲାଙ୍ଗ,(ସବ୍ୟୁ): ବାରମ୍ବାର ଶିକ୍ଷା ଅଧିକାରୀ ଓ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଭେଟି ନିରାଶ ହେଲାପରେ ଦୀର୍ଘ ଦଶ ବର୍ଷ ଧରି ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇ ନିଜ କର୍ତ୍ତବ୍ୟରେ ଆଗେଇ ଚାଲିଥିବା ଜଣେ ଶିକ୍ଷକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲା ପରେ ବିଳମ୍ବ ହେଲେ ବି ନ୍ୟାୟାଳୟରୁ ମିଳିଲା ଉପଯୁକ୍ତ ନ୍ୟାୟ । ହେଲେ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କ'ଣ ପାଇଁ ବୋଲି ଶିକ୍ଷକ ବାରମ୍ବାର ଅଧିକାରୀ ବୃନ୍ଦଙ୍କୁ ଗୁହାରି କରି ଅସଫଳ ହେବାରୁ ବୁଧବାର ଦିନ ଡେଲାଙ୍ଗ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯାଳୟ ସମ୍ମୁଖରେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଭୟ ଚରଣ ସାହୁ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ମିଳିଥିବା ସୂଚନାନୁସାରେ ସେ ଚାକିରି ନିୟମିତ କାରଣ ଓ ସମସ୍ତ ବକେୟା ପ୍ରାପ୍ୟ ପାଇବା ପାଇଁ ଶିକ୍ଷା ବିଭାଗର ଅଧିକାରୀ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଆଗରୁ ବାର ବାର ଜଣାଇ ଆସୁଥିଲେ। ପୂର୍ବରୁ ଶ୍ରୀ ସାହୁଙ୍କୁ ଚାକିରି କାଳ ଭିତରେ ଉଦ୍ଦେଶ୍ୟ ମୂଳକ ଭାବେ ନିର୍ମାଣାଧୀନ କାମରୁ ଦାଦାବଟି ନ ଦେବାରୁ ବାରମ୍ବାର ଅସୁବିଧାରେ ମଧ୍ୟ ପକିଆ ଯାଇଥିଲା ।ଏପରିକି ଆକ୍ରୋଶମୂଳକ ଭାବେ ୨୦୧୧ରୁ ୨୦୧୩ ମଧ୍ୟରେ ୧୮ ମାସ ଧରି ଦରମା ବନ୍ଦ କରାଯାଇ ଉଚ୍ଚ ପଦସ୍ଥ ଅଧିକାରୀ ଓ କୋର୍ଟଙ୍କ ହସ୍ତକ୍ଷେପ ପରେ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ପୁଣି ୨୦୧୪/୧୫ରେ ଦରମା ବନ୍ଦ କରାଯିବାରୁ ଏ ସମ୍ବନ୍ଧରେ ମଧ୍ୟ ସେ ବାରମ୍ବାର ଜିଲ୍ଲାପାଳ ଓ ଶିକ୍ଷା ଅଧିକାରୀଙ୍କୁ ଭେଟିଥିଲେ।୨୦୧୪ ମସିହାରେ ନ୍ୟାୟାଳୟ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି ପ୍ରକାର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଜିଲ୍ଲାପାଳଙ୍କୁ ଦେଇଥିବା ନିର୍ଦ୍ଦେଶ ଆଧାରରେ ପ୍ରଥମେ ୨୦୧୫ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଶିକ୍ଷା ଅଧିକାରୀଙ୍କୁ ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ସେ ସମୟରେ ଶିକ୍ଷକଙ୍କୁ ଉପଯୁକ୍ତ ନ୍ୟାୟ ମିଳିବାରେ ବିଳମ୍ବ ହେବାରୁ ପରେ ପୂର୍ଣ୍ଣ ଭାବରେ ଅଗଷ୍ଟ ୨୦୧୮ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଘଟଣାର ଅନୁସନ୍ଧାନ କରି ଚାକିରି ନିୟମିତୀକରଣ ସହ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଏହାକୁ କାର୍ଯକାରୀ କରିବାକୁ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏ ବାବଦରେ କୌଣସି ପଦକ୍ଷେପ ନ ନେଇ ଶିକ୍ଷକଙ୍କ ସହ ଲୁଚକାଳି ଖେଳିଥିଲେ। ଶିକ୍ଷକ ଶ୍ରୀ ସାହୁ ବାଧ ହୋଇ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଧିଶ ଅଗଷ୍ଟ ୧୬ ,୨୦୨୪ ରେ ଶିକ୍ଷକ ଙ୍କ ଚାକିରି ନିୟମିତ କରଣ ସହ ସମସ୍ତ ପ୍ରାପ୍ୟ ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନାୟାଳୟର ନିର୍ଦ୍ଦେଶ ପରେ ତାଙ୍କୁ କିଛି ମାତ୍ରାରେ ବକେୟା ପ୍ରାପ୍ୟ ମିଳିଥିଲା । ହେଲେ ଅଦ୍ୟାବଧି ତାଙ୍କ ସେବା ପୁସ୍ତିକା ନିୟମିତ କରାଯାଇନଥିବା ହେତୁ ଏମ୍‌ଏସିପି ସହ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଶ୍ରୀ ସାହୁ ବ୍ଲକ୍ ଶିକ୍ଷାଧିକରୀ ଓ କାର୍ଯ୍ୟାଳୟ କର୍ମଚାରୀଙ୍କୁ ବାରମ୍ବାର ଭେଟି ନିବେଦନ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ।ଏନେଇ ସେ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓ ପରେ ସ୍ଥାନୀୟ ବିଧାୟକଙ୍କୁ ଭେଟି ଶିକ୍ଷାଧିକାରୀ ଓ କାର୍ଯ୍ୟାଳୟ ଅଧସ୍ତନ କର୍ମଚାରୀଙ୍କ କଥାରେ କୌଣସି ତାଳମେଳ ରହୁନଥିବାରୁ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟାଳୟ କର୍ମଚାରୀ ଆଖିଠାର ମାରୁଥିବା ଶ୍ରୀ ସାହୁ ଅଭିଯୋଗ କରି ବିଧାୟକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଶିକ୍ଷକଙ୍କ ପ୍ରତି ଅନ୍ୟାୟ ହୋଇଥିବା ଘଟଣା ଜାଣିଲା ପରେ ଖୁବ୍ ଶୀଘ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ମଧ୍ୟ ଫୋନ୍ ଯୋଗେ ଏ ସମ୍ବନ୍ଧରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ୀ ଛୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେଛ ଆଜକୁ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ବାର ବାର ଶିକ୍ଷକ ଜଣକ ନ୍ୟାୟ ଭିକ୍ଷାକରି ବିଭିନ୍ନ ଦପ୍ତର ଓ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଆସିଥିଲେ ବି ଅନ୍ୟାୟ ଆଗରେ ମଥାନତ କରିନାହାନ୍ତିଛଶେଷରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରୁ ଗତ ଅଗଷ୍ଟ ୨୦୨୪ରେ ତାଙ୍କୁ ଉପଯୁକ୍ତ ନ୍ୟାୟ ମିଳିଲା। ହେଲେ ନିର୍ଦ୍ଦେଶ କାର୍ଯ୍ୟକାରିତାରେ ବିଳମ୍ବ ହେତୁ ସେ ବାଧ ହୋଇ ହୋଇ ଗତ ୧୬ ଡିସେମ୍ବରରେ ଶାନ୍ତିପୂର୍ଣ୍ଣ ଉପାୟରେ ଡେଲାଙ୍ଗ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ।ଖବର ପାଇ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଧାରଣାରତ ଶିକ୍ଷକ ଅଭୟ ଚରଣ ସାହୁଙ୍କ ନିକଟରେ ପହଁଚି ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଶିକ୍ଷକ ଶ୍ରୀ ସାହୁ ଧାରଣାରୁ ଉଠି ଥିଲେ। ଅନ୍ୟପଟେ ପ୍ରତିଶ୍ରୁତି ପାଳନରେ କାଳକ୍ଷେପଣ ନୀତି ଅବଲମ୍ବନ କରାଗଲେ ଆଗାମୀ ୨୩ ତାରିଖରୁ ସେ ବାଧ ହୋଇ ପାରିବାର ସହିତ ପୁର୍ନବାର ଆମରଣ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି।

### ଅର୍ଜ୍ଜୁନ–ବିଷାଦଯୋଗଃ

ସଞ୍ଜୟ ଉବାଚ

**ଅଧର୍ମାଭିଭବାନ୍ କୃଷ୍ଣ ! ପ୍ରଦୂଷ୍ୟନ୍ତି କୁଳସ୍ତ୍ରିୟଃ ।**
**ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ! ଜାୟତେ ବର୍ଣ୍ଣସଙ୍କରଃ ॥ ୪୧ ॥**

ହେ କୃଷ୍ଣ ! ଅଧର୍ମାଭିଭବାନ୍ (ଅନାଚାରବୃଦ୍ଧେଃ) କୁଳସ୍ତ୍ରୀୟଃ ପ୍ରଦୂଷ୍ୟନ୍ତି (ନଷ୍ଟଚରିତ୍ରା ଭବନ୍ତି), ହେ ବାର୍ଷ୍ଣେୟ ! (ବୃଷ୍ଣିବଂଶାବତଂସ) ସ୍ତ୍ରୀଷୁ ଦୁଷ୍ଟାସୁ (ସତୀଷୁ) ବର୍ଣ୍ଣସଙ୍କରଃ ଜାୟତେ ॥ ୪୧ ॥

**(ଶ୍ରୀମଦ୍ଭଗବଦ୍ ଗୀତା ୧/୪୧)**

# ଓଡ଼ିଶାରେ ନୂତନ ଆଞ୍ଚଳିକ ଦଳର ସମ୍ଭାବନା

ପୂର୍ବତନ ବିଧାୟକ ତଥା କଂଗ୍ରେସ ଦଳର ନେତା ମହମ୍ମଦ ମୋକିମଙ୍କ ବିରୋଧରେ କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କାରଣରୁ ସେ ବିଭିନ୍ନ ରାଜନୀତିକ ଦଳର ଅସନ୍ତୁଷ୍ଟ ନେତାମାନଙ୍କୁ ନେଇ ଏକ ଆଞ୍ଚଳିକ ଦଳ ଗଠନ କରିବେ ବୋଲି କିଛି ଦିନ ହେଲା କଳ୍ପନାଜଳ୍ପନା ଚାଲିଛି । ଆମ ରାଜ୍ୟ ଓଡ଼ିଶାରେ ଅନେକ ଆଞ୍ଚଳିକ ଦଳ ଥିଲା, ମାତ୍ର ସେ ସବୁର ସ୍ଥାୟିତ୍ୱ ନଥିଲା। । ଅନେକ ଆଞ୍ଚଳିକ ଦଳ ଗଢ଼ି ଉଠିଛି ଓ ପରେ ଭାଙ୍ଗି ବି ଯାଇଛି । ଅବଶ୍ୟ ଗୋଟିଏ ଆଞ୍ଚଳିକ ଦଳ ଏବେ ବିରୋଧୀ ଆସନରେ ରହିଛି । ଏହି ଆଞ୍ଚଳିକ ଦଳ ଯଦିଓ ବିଜେଡି, ତାହାର ସ୍ଥାୟିତ୍ୱ ଉପରେ ଏବେ ସନ୍ଦେହ ସୃଷ୍ଟି ହେଲାଣି । ସେ ଦୃଷ୍ଟିରୁ ଏକ ନୂତନ ଆଞ୍ଚଳିକ ଦଳ ନୂଆବର୍ଷ ୨୦୨୬ରେ ଗଢ଼ା ଯାଇପାରେ ବୋଲି ମଧ୍ୟ କୁହାଯାଉଛି । ମହମ୍ମଦ ମୋକିମ ଇତି ମଧ୍ୟରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କୁ ଭେଟିଥିଲେ । ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମଧ୍ୟ ଏହି ଆଞ୍ଚଳିକ ଦଳରେ ସାମିଲ ହେବା ବିଷୟରେ କଥାବାର୍ତ୍ତା ଚାଲିଥିବା ଜଣା ପଡ଼ିଛି । ଆହୁରି ଅନେକ ବିଭିନ୍ନ ରାଜନୀତିକ ଦଳର ନେତା ଓ କର୍ମୀ ଏହି ନୂତନ ଆଞ୍ଚଳିକ ଦଳରେ ସାମିଲ ହେବେ ବୋଲି କୁହାଯାଉଛି । ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବି.ଜେ.ଡି ଓ କଂଗ୍ରେସରୁ ଆହୁରି ଅନେକ ଯୋଗଦେବେ ବୋଲି ଚର୍ଚ୍ଚା ମଧ୍ୟ ଜୋର ଧରିଛି । ସମ୍ବାଦପତ୍ରମାନଙ୍କରେ ହେଉ ବା ବିଭିନ୍ନ ଟିଭି ବା ୱେବ ଚାନେଲରେ ହେଉ ଏ ସବୁ ବିଷୟରେ ଚର୍ଚ୍ଚା ହେଲେ ମଜା ଲାଗେ । ରାଜନେତାମାନେ ମଧ୍ୟ ଏପରି ଚର୍ଚ୍ଚାରୁ ମଜା ନିଅନ୍ତି । ମାତ୍ର ଆଞ୍ଚଳିକ ଦଳ ଗଠନ ପାଇଁ ପ୍ରଚୁର ପାଣ୍ଠିର ଆବଶ୍ୟକତା ଥାଏ । ଅନ୍ୟାନ୍ୟ ରାଜ୍ୟରେ ପାଣ୍ଠିର ସମସ୍ୟା ନଥାଏ । କିନ୍ତୁ ଓଡ଼ିଶା ପରି ଏକ ବିକାଶଶୀଳ ରାଜ୍ୟରେ ରାଜନୀତିକ ଦଳ ପାଇଁ ପାଣ୍ଠି ସଂଗ୍ରହ ବେଶ୍ ଆୟସସାଧ୍ୟ ହୋଇପାରେ ।

ଅତୀତରେ, ଷାଠିଏ ଦଶକରେ ଓଡ଼ିଶାର ରାଜନେତାମାନେ କୋଲକାତା ଯାଇ ନିର୍ବାଚନ ଖର୍ଚ୍ଚ ଆଣୁଥିଲେ । ସେତେବେଳେ ଓଡ଼ିଶାରେ ବଡ଼ ବଡ଼ ଶିଳ୍ପ ବା ବାଣିଜ୍ୟ ଗଢ଼ି ଉଠି ନଥିଲା । ବଡ଼ ବଡ଼ ରାଜନୀତିକ ଦଳ ବ୍ୟତୀତ ଆଞ୍ଚଳିକ ଦଳ ବି ପ୍ରାୟ ନ ଥିଲା । ଏବେ ପରିସ୍ଥିତି ବଦଳି ଗଲାଣି । କିନ୍ତୁ ଶାସକ ଦଳ ସହିତ ସମ୍ପର୍କ ଯୋଡି ଯଦି ନୂତନ ଆଞ୍ଚଳିକ ଦଳ ଗଠନ କରାଯାଏ, ତେବେ ହୁଏତ ଏହି ଆଞ୍ଚଳିକ ଦଳ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଆଉ କେତେକ ମଧ୍ୟ କହୁଛନ୍ତି, ଯଦି ଓଡ଼ିଶାରେ ଏକ ନୂତନ ଆଞ୍ଚଳିକ ଦଳ ଗଢ଼ାଯାଏ, ତେବେ ତାହା ଶାସକ ବିଜେପି ଦଳ ଓ ବିରୋଧୀ କଂଗ୍ରେସ ଦଳଠାରୁ ସମଦୂରତା ରକ୍ଷା କରିବ ଏବଂ ଜନସାଧାରଣ ସେହି ଦଳ ଉପରେ ବିଶ୍ୱାସ ମଧ୍ୟ କରି ପାରିବେ । ଦିଲ୍ଲୀରେ ଓ ପଞ୍ଜାବରେ 'ଆମ୍ ଆଦମୀ ପାର୍ଟି' ମଧ୍ୟ ଆଞ୍ଚଳିକ ଦଳ ଭାବରେ ଖୁବ୍ ଉପରକୁ ଉଠିଥିଲା । ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଏହି ଦଳ ସ୍ୱର ଉତ୍ତୋଳନ ମଧ୍ୟ କରୁଥିଲା । ମାତ୍ର ମଦ ଓ ଅନ୍ୟାନ୍ୟ ଦୁର୍ନୀତିରେ ଛନ୍ଦି ହୋଇ ଏହାର ନେତାମାନେ ଜେଲ ଯିବା ପରେ ଏହି ଦଳ ଏବେ ଆଉ ବେଶୀ ମୁଣ୍ଡ ଟେକି ପାରୁ ନାହିଁ । ଶିବ ସେନା ୧୯୬୬ରୁ ମରହଟ୍ଟାବାସୀଙ୍କ ସ୍ୱାର୍ଥକୁ ନେଇ ଏକ ରାଜନୀତିକ ଦଳ ହୋଇଥିଲେ ମଧ୍ୟ ଏବେ ଶାସକ ବିଜେପି ଦଳ ସହିତ ମେଣ୍ଟ କରି ରହି ଆସିଛି । ଏବେ ଶାସକ ବିଜେପି ଦଳ ନେତୃତ୍ୱରେ ଗଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟରେ ତେଲୁଗୁ ଦେଶମ ପାର୍ଟି, ଜନତା ଦଳ ୟୁନାଇଟେଡ୍, ଶିବ ସେନା, ଲୋକ ଜନଶକ୍ତି ପାର୍ଟି, ଜନତା ଦଳ ସିକ୍ୟୁଲାର, ରାଷ୍ଟ୍ରୀୟ ଲୋକ ଦଳ, ଜନସେନା ପାର୍ଟି, ଆସାମ ଗଣ ପରିଷଦ, ଆଜସୁ ପାର୍ଟି, ୟୁନାଇଟେଡ ପିପୁଲସ ପାର୍ଟି, ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା, ଆପନା ଦଳ, ନେସନାଲ କଂଗ୍ରେସ ପାର୍ଟି ଓ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା ପ୍ରଭୃତି ଥିବା ବେଳେ କଂଗ୍ରେସ ନେତୃତ୍ୱରେ ଗଠିତ ଇଣ୍ଡିମେଣ୍ଟରେ ସମାଜବାଦୀ ପାର୍ଟି, ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ, ଦ୍ରାଭିଡ ମୁନେତ୍ରା କାଜଗମ୍, ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ), ନେସ୍‌ନାଲ କଂଗ୍ରେସ ପାର୍ଟି, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, କେରଳ କଂଗ୍ରେସ ପ୍ରଭୃତି ଅନେକ ଆଞ୍ଚଳିକ ଦଳ ସମେତ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ ଆଦି ଜାତୀୟ ଦଳ ମଧ୍ୟ ରହିଛନ୍ତି ।

ମାତ୍ର ଓଡ଼ିଶା ମାଟିରେ ଆଉ ଏକ ଆଞ୍ଚଳିକ ଦଳ ଗଠନ ପ୍ରକ୍ରିୟା ଦାନା ବାନ୍ଧିବ କି ନାହିଁ, ସେ ସମ୍ପର୍କରେ ଏବେଠାରୁ ବେଶୀ କିଛି ଜଣା ପଡୁନାହିଁ । କଂଗ୍ରେସ ଦଳ ବିରୋଧରେ ଏକ ଆବଶ୍ୟକତାକୁ ଚାହିଁ ବିଜୁ ଜନତା ଦଳ ଗଠିତ ହୋଇଥିଲା । ତାହାର ଭବିଷ୍ୟତ ବିଷୟରେ ମଧ୍ୟ ଲୋକେ ଏବେ ଦ୍ୱନ୍ଦରେ ଥିବା ପରିଲକ୍ଷିତ ହେଉଛି ।

### ସଙ୍କଳ୍ପ


**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗ୍ରାମୀଣ ଭାରତକୁ ସଶକ୍ତ କରିବା ଲାଗି ବିକଶିତ ଭାରତ ଜି ରାମ ଜି – ରୋଜଗାର ଗ୍ୟାରେଣ୍ଟି



**ଶ୍ରୀ ଶିବରାଜ ସିଂ ଚୌହାନ**
**କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ**

ବିକାଶମୂଳକ ସଂସ୍କାରକୁ ନେଇ ବିତର୍କ ହେବା ଜରୁରୀ ଏବଂ ଭଲ କଥା। ବର୍ତ୍ତମାନ ବିକଶିତ ଭାରତ–ରୋଜଗାର ଓ ଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ)–(ଭିବି–ଜି ରାମ ଜୀ)କୁ ନେଇ କିଛି ଲୋକ ଚିନ୍ତା ବ୍ୟକ୍ତ କରିବା ସ୍ୱାଭାବିକ। ଏପରି ଏକ ରୋଜଗାର ଗ୍ୟାରେଣ୍ଟି ଯୋଜନାରେ କୌଣସି ପରିବର୍ତ୍ତନ ଶ୍ରମିକମାନଙ୍କୁ ଅତି କଷ୍ଟ ମିଳିଥିବା ଅଧିକାରକୁ ଦୁର୍ବଳ କରିଦେବ ନାହିଁ ତ? ଅନେକଙ୍କ ମନରେ ଏଭଳି ପ୍ରଶ୍ନ ଉଠିପାରେ। ଏହି ଚିନ୍ତାକୁ ସମସ୍ତେ ସମ୍ମାନ କରିବା ଉଚିତ୍ । ତେବେ ବିକଶିତ ଭାରତ ଜି ରାମ ଜି ବିଲରେ ପ୍ରକୃତରେ କେଉଁ ବ୍ୟବସ୍ଥା କରାଯାଇଛି ତାହା ଧ୍ୟାନର ସହକାରେ ଜାଣିବା ପରିବର୍ତ୍ତେ ଅମୂଳକ ଅନୁମାନ ଲଗାଇବା ଅନୁଚିତ । ବିଲ୍ ର ସବୁଠୁ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନ ଶ୍ରମ ଆଧାରିତ ରୋଜଗାରର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିଥାଏ। ଏହି ବିଲ୍ ଏମଜିଏନଆରଇଜିଏ କାଳରେ ଅଯୋଗ୍ୟତା ଆଧାରିତ ବ୍ୟବସ୍ଥାକୁ ଉଚ୍ଛେଦ କରିଥାଏ ଏବଂ ଆବେଦନର ୧୫ ଦିନ ଭିତରେ ରୋଜଗାର ଦିଆ ନଗଲେ ବେକାରୀ ଭତ୍ତା ଦେବାର ବ୍ୟବସ୍ଥା ମଧ୍ୟ କରିଥାଏ। ଭାରତର ଗ୍ରାମୀଣ ରୋଜଗାର ଢାଞ୍ଚାରେ ଦୁର୍ବଳତା ଏହାର ଉଦ୍ଦେଶ୍ୟରେ ନୁହେଁ, ବରଂ ଢାଞ୍ଚାଗତ ଦୁର୍ବଳତାରେ ରହିଥିଲା। ଏଥିରେ ସୁଧାର ଆଣିବା ଅତି ଆବଶ୍ୟକ ଥିଲା। ଏହି ବାସ୍ତବତାକୁ ଆଧାର କରି ଭିବି–ଜି ରାମ ଜିର ମୂଲ୍ୟାଙ୍କନ କରାଯିବା ଉଚିତ । ଅଧିକାର ଗୁଡ଼ିକୁ ଦୁର୍ବଳ କରିବା ପରିବର୍ତ୍ତେ ପ୍ରସ୍ତାବିତ ଢାଞ୍ଚା ସିଧାସଳଖ ଏମଜିଏନଆରଇଜିଏର ଦୁର୍ବଳତାକୁ ଦୂର କରିଥାଏ। ଶ୍ରମିକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବାର ଯେଉଁ ବ୍ୟବସ୍ଥା ପୂର୍ବରୁ ରହିଥିଲା ସେଗୁଡ଼ିକୁ ଏବେ ଉଚ୍ଛେଦ କରାଯାଇଛି। ସ୍ୱଚ୍ଛତା, ସାମାଜିକ ଅଡିଟ୍ ଏବଂ ଅଭିଯୋଗ ସମାଧାନ ସଂକ୍ରାନ୍ତ ଆଇନଗତ ଉତ୍ତରଦାୟିତ୍ୱକୁ ମଜବୁତ କରାଯାଇଛି। ଏହି ବିଲ୍ ରୋଜଗାର ଗ୍ୟାରେଣ୍ଟିର ବିଶ୍ୱସନୀୟତାକୁ ବଜାୟ ରଖିବାକୁ ଦୃଢ ବ୍ୟବସ୍ଥା କରିଛି । ଉନ୍ନତ ଉତ୍ତରଦାୟୀ ବ୍ୟବସ୍ଥା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗ ସମାଧାନ କରାଯିବା ସାଧାରଣ କଥା ନୁହେଁ । ଏହା ତୃଣମୂଳ ସ୍ତରରେ ଏହି ଅଧିକାରକୁ ସାକାର କରିବା ଲାଗି ଅତ୍ୟନ୍ତ ଜରୁରୀ ଅଟେ। ଏହି ଦୃଷ୍ଟିରୁ, ଭିବି–ଜି ରାମ ଜି ସାମାଜିକ ସୁରକ୍ଷାରୁ ପଛଘୁଞ୍ଚା ଦିଏ ନାହିଁ। ଏହା ପ୍ରାୟତଃ ଅଣଦେଖା କରାଯାଉଥିବା ଅଧିକାରକୁ ଏକ ବାସ୍ତବ, କାର୍ଯ୍ୟକାରୀ ଯୋଗ୍ୟ ଗ୍ୟାରେଣ୍ଟିରେ ବଦଳାଇଥାଏ।

**କାଗଜକଲମରେ ଅଧିକାର ଠାରୁ ପ୍ରକୃତ ସଶକ୍ତିକରଣ**

ଭିବି–ଜି ରାମ ଜି ଗ୍ରାମୀଣ ରୋଜଗାରର ଦାବି ଆଧାରିତ ପ୍ରକୃତିକୁ ଦୁର୍ବଳ କରୁଛି ବୋଲି ପ୍ରାୟତଃ ସମାଲୋଚନା କରାଯାଉଛି। କିନ୍ତୁ ବିଲ୍ କୁ ସରଳ ଭାବେ ପିଲେ ଏପରି ଅଭିଯୋଗ ଭିତ୍ତିହୀନ ବୋଲି ଜଣାପଡ଼ିଥାଏ। ଧାରା ୫(୧) ସରକାରଙ୍କ ଉପରେ ଏକ ସ୍ପଷ୍ଟ ଆଇନଗତ ଉତ୍ତରଦାୟିତ୍ୱ ଲଦିଥାଏ ଏବଂ ତାହା ହେଉଛି ପ୍ରତ୍ୟେକ ଆର୍ଥିକ ବର୍ଷରେ ଯେକୌଣସି ଗ୍ରାମୀଣ ପରିବାରକୁ ଅତିକମରେ ୧୨୫ ଦିନର ଶ୍ରମ ଆଧାରିତ ରୋଜଗାର ଗ୍ୟାରେଣ୍ଟି ମିଳିବ। ଯେଉଁ ପରିବାରର ବୟସ୍କ ସଦସ୍ୟ ଅଣକୁଶଳୀ ଶ୍ରମ ଆଧାରିତ କାମ କରିବାକୁ ସ୍ୱେଚ୍ଛାକୃତ ଭାବେ ଆଗ୍ରହୀ ଥିବେ ସେମାନଙ୍କୁ ଏହି କାମ ମିଳିବ। ଏହି ବିଲ ଦାବି ଆଧାରିତ ଏହି ଅଧିକାରକୁ ଦୁର୍ବଳ କରିବା ପରିବର୍ତ୍ତେ ଏହାକୁ ଆହୁରି ମଜବୁତ କରିବ। ସୁତରାଂ ଦାବି ଅଧିକାରକୁ ଦୁର୍ବଳ କରିବା ପରିବର୍ତ୍ତେ ଏହି ବିଲ ଗ୍ୟାରେଣ୍ଟିଯୁକ୍ତ ରୋଜଗାରକୁ ୧୨୫ ଦିନକୁ ବାଢ଼ି ଏହାକୁ ସୁଦୃଢ କରିଥାଏ। ଏହା ଏମଜିଏନଆରଇଜିଏ ସମୟର ଅଯୋଗ୍ୟତା ବ୍ୟବସ୍ଥାକୁ ଉଚ୍ଛେଦ କରିଥାଏ। ଏହା ବେକାରି ଭତ୍ତାକୁ ଏକ ବାସ୍ତବିକ ବୈଧାନିକ ସୁରକ୍ଷା ରୂପରେ ସୁଦୃଢ଼ କରିଥାଏ। ଆଇନଗତ ଗ୍ୟାରେଣ୍ଟି ଏବଂ କାର୍ଯ୍ୟକାରୀ ହେଉଥିବା ଉତ୍ତରଦାୟୀ ବ୍ୟବସ୍ଥାରେ ନିହିତ ଅଧିକାର ସ୍ୱାଭାବିକ ଭାବେ ଅଧିକ ମଜବୁତ ହୋଇଥାଏ। ଭିବି–ଜି ରାମ ଜି ପ୍ରକୃତରେ ଏହା କରିଥାଏ ।

**ଜୀବିକା ଗ୍ୟାରେଣ୍ଟିର ସୁଦୃଢୀକରଣ**

ଏହି ଯୋଜନା ରୋଜଗାର ପରିବର୍ତ୍ତେ ସମ୍ପତ୍ତି ସୃଷ୍ଟିକୁ ଗୁରୁତ୍ୱ ଦେଉଛି ବୋଲି କିଛି ଲୋକ ସମାଲୋଚନା କରିଥା'ନ୍ତି । କିନ୍ତୁ ଏହି ବିଲ୍ ସ୍ପଷ୍ଟ ଭାବେ ଜୀବିକାର ବୈଧାନିକ ଗ୍ୟାରେଣ୍ଟି ସୁନିଶ୍ଚିତ କରିଥାଏ। ଅନୁରୂପ ଭାବେ ଏହା ରୋଜଗାରକୁ ଫଳପ୍ରଦ ଏବଂ ଦୀର୍ଘସ୍ଥାୟୀ ସାର୍ବଜନୀନ ସମ୍ପତ୍ତି ସୃଷ୍ଟି ସହ ଯୋଡ଼ିଥାଏ।

ଧାରା ୪(୨) ଏବଂ ଅନୁସୂଚୀ ୧ରେ ଚାରିଟି ପ୍ରମୁଖ ବିଷୟବସ୍ତୁ କ୍ଷେତ୍ରକୁ ଚିହ୍ନଟ କରାଯାଇଛି । ସେଗୁଡ଼ିକ ହେଲା–ଜଳ ସୁରକ୍ଷା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସହ ଜଡ଼ିତ ଭିତ୍ତିଭୂମି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟ। ତେଣୁ ମଜୁରି ଆଧାରିତ ରୋଜଗାର କେବଳ ଆୟ ସମର୍ଥନ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଗ୍ରାମୀଣ ଦୃଢତା ଏବଂ ଉତ୍ପାଦକତାକୁ ବଢାଇବ। ତେଣୁ ନିଯୁକ୍ତି ଏବଂ ସମ୍ପତ୍ତି ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି ବରଂ ଉଭୟ ମିଶି ଏକ ସମୃଦ୍ଧ ଏବଂ ଦୀର୍ଘସ୍ଥାୟୀ ଗ୍ରାମୀଣ ଭାରତ ପାଇଁ ମୂଳଦୁଆ ସ୍ଥାପନ କରୁଛନ୍ତି ।

**ଧ୍ରୁବୀକରଣ ନୁହେଁ ସମନ୍ୱୟ ମାଧ୍ୟମରେ ବିକେନ୍ଦ୍ରିକରଣ**

ଏହି ଯୋଜନା ଧ୍ରୁବୀକରଣ କରିବ ବୋଲି କିଛି ଲୋକ ଅଭିଯୋଗ କରୁଛନ୍ତି ଯାହାକି ସମ୍ପୂର୍ଣ୍ଣ ଭୁଲ। ଧାରା ୪(୧)ରୁ ୪(୩)ରେ ଥିବା ବ୍ୟବସ୍ଥା ମୁତାବକ ସବୁ କାମ ଗାଁ ସ୍ତରରେ ହେବ। ଗ୍ରାମସଭାର ମଞ୍ଜୁରି ଆଧାରରେ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା (ଭିଜିପିପି) ପ୍ରସ୍ତୁତ କରାଯିବ। ଏହି ବିଲ୍ ପୂର୍ବ ବ୍ୟବସ୍ଥାର ଏକ ଗଭୀର ଢାଞ୍ଚାଗତ ତ୍ରୁଟି ଏବଂ ବିଖଣ୍ଡନର ମଧ୍ୟ ସମାଧାନ କରିବ। ଏହା ସମସ୍ତ କାର୍ଯ୍ୟକୁ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକରେ ଏକତ୍ରିତ କରିବାକୁ ବାଧ୍ୟତାମୂଳକ କରିବା ସହିତ ଗୋଟିଏ ଏକୀକୃତ ଯୋଜନା ଏବଂ ଦୃଶ୍ୟମାନ ଢାଞ୍ଚା ସୃଷ୍ଟି କରିବ। ଏହା ଏକତରଫା ଭାବେ ଧ୍ରୁବୀକରଣ କରିବ ନାହିଁ । ଧାରା ୧୬, ୧୭, ୧୮ ଏବଂ ୧୯ରେ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଏବଂ ଅନୁଧ୍ୟାନ ଅଧିକାର ସଠିକ ସ୍ତରରେ ପଞ୍ଚାୟତ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲ୍ଲା ଅଧିକାରୀଙ୍କୁ ପ୍ରଦାନ କରିଥାଏ। ଏହି ବିଲ୍ ନିଷ୍ପତ୍ତି ନେବାର ଅଧିକାରକୁ ଧ୍ରୁବୀକରଣ କରିବା ପରିବର୍ତ୍ତେ ଯେଉଁ ସୁବିଧା ଦେଇଥାଏ, ତାହା ପାରଦର୍ଶିତା, ସମନ୍ୱୟ ଏବଂ ତାଳମେଳ ପ୍ରତିଷ୍ଠା କରିଥାଏ।

**ଶ୍ରମିକଙ୍କ ସୁରକ୍ଷା ଏବଂ କୃଷି ଉତ୍ପାଦକତା ମଧ୍ୟରେ ସନ୍ତୁଳନ**

ଅଧିକ ଚାହିଦା ଥିବା କୃଷି ଋତୁରେ କୃଷି ଶ୍ରମିକ ଅଭାବ ସମ୍ପର୍କରେ ସ୍ପଷ୍ଟ ଭାବରେ ଏଥିରେ ଆଲୋକପାତ କରାଯାଇଛି। ବିଲ୍ ର ଧାରା ୬ ଗୋଟିଏ ଆର୍ଥିକ ବର୍ଷର ଚାହିଦା ଋତୁ ଏବଂ ଫସଲ ଅମଳ ଋତୁକୁ ଅନ୍ତର୍ଭୁକ୍ତ କରୁଥିବା ଷାଠିଏ ଦିନ ପର୍ଯ୍ୟନ୍ତ ସମୟ ସମ୍ପର୍କରେ ଆଗୁଆ ସୂଚନା ଦେବାର କ୍ଷମତା ରାଜ୍ୟ ସରକାରଙ୍କୁ ଦେଇଥାଏ, ଯେଉଁ ସମୟରେ କାମ ବନ୍ଦ ରଖାଯାଇପାରିବ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଧାରା ୬(୩) ରାଜ୍ୟଗୁଡ଼ିକୁ କୃଷି–ଜଳବାୟୁ ପରିସ୍ଥିତିକୁ ଆଧାର କରି ଜିଲ୍ଲା, ବ୍ଲକ କିମ୍ବା ଗ୍ରାମ ପଞ୍ଚାୟତ ସ୍ତରରେ ପୃଥକ ବିଜ୍ଞପ୍ତି ଜାରି କରିବାକୁ ଅନୁମତି ଦେଇଥାଏ । ଏହି ଅନ୍ତର୍ନିହିତ ନମନୀୟତା କାରଣରୁ ବର୍ଦ୍ଧିତ ନିଯୁକ୍ତି ଗ୍ୟାରେଣ୍ଟି କୃଷି କାର୍ଯ୍ୟକୁ ବାଧା ଦେବା ପରିବର୍ତ୍ତେ ପରିପୂରକ କରିଥାଏ। ଏହା ଏପରି ଏକ ସନ୍ତୁଳନ ଯାହା ଅନ୍ୟ ଆଇନଗୁଡିକରେ କ୍ୱଚିତ ଦେଖିବାକୁ ମିଳିଥାଏ।

**ନିୟମ ଆଧାରିତ ନିୟମ କରିଆରେ ଇକ୍ୟୁଟି**

ସମାଲୋଚକମାନେ ମଧ୍ୟ ଆର୍ଥିକ ନିଅଣ୍ଟ ଆଡ଼କୁ ଇଙ୍ଗିତ କରିଥା'ନ୍ତି। ଧାରା ୪(୫) ଏବଂ ଧାରା ୨୨(୪) ସ୍ପଷ୍ଟ କରିଥାଏ ଯେ ରାଜ୍ୟଗୁଡ଼ିକ ଲାଗି ବଜେଟ୍ ଧାର୍ଯ୍ୟ ଏବଂ ସ୍ୱଚ୍ଛ ମାନଦଣ୍ଡ ଅନୁଯାୟୀ ଆବଣ୍ଟନ କରାଯିବ। ଅନୁରୂପ ଭାବେ ଏହି ଢାଞ୍ଚା ରାଜ୍ୟଗୁଡ଼ିକୁ କେବଳ କାର୍ଯ୍ୟକାରୀ ସଂସ୍ଥା ପରିବର୍ତ୍ତେ ବିକାଶରେ ଅଂଶୀଦାର ଭାବରେ ବ୍ୟବହାର କରେ। ରାଜ୍ୟ ସରକାରମାନଙ୍କୁ ବିଲରେ ଥିବା ସର୍ବନିମ୍ନ ବୈଧାନିକ ଢାଞ୍ଚା ସହିତ ସୁସଙ୍ଗତ ଭାବରେ ରାଜ୍ୟ ମଧ୍ୟରେ ସେମାନଙ୍କର ନିଜସ୍ୱ ଯୋଜନାଗୁଡ଼ିକୁ ସୂଚିତ ଏବଂ କାର୍ଯ୍ୟକାରୀ କରିବାକୁ କ୍ଷମତା ଦିଆଯାଇଛି। ଯାହାଫଳରେ ଆବଣ୍ଟନ ନିୟମ–ଆଧାରିତ ଏବଂ ସମାନ ହେଲେ ମଧ୍ୟ କାର୍ଯ୍ୟକାରିତାରେ ନମନୀୟତା ବଜାୟ ରହିବ ଏବଂ ଅଭ୍ୟାସରେ ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ବଜାୟ ରଖାଯାଇପାରିବ।

**ପ୍ରଯୁକ୍ତିବିଦ୍ୟାର ସଦୁପଯୋଗ**

ପ୍ରଯୁକ୍ତିକୁ ଆଧାର କରି ବାଦ୍ ଦିଆଯିବା ବିଲରେ ଥିବା ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବାୟୋମେଟ୍ରିକ, ମୋବାଇଲ ଆପ୍ ଏସବୁ ଗରିବ ଶ୍ରମିକଙ୍କ ପାଇଁ କଷ୍ଟକର ହେବ ବୋଲି କୁହାଯାଉଛି। କିନ୍ତୁ କାହାରିକୁ ବାଦ୍ ଦେବା ନୁହେଁ, ବରଂ ବ୍ୟବସ୍ଥାକୁ ପାରଦର୍ଶୀ କରିବା ଲାଗି ପ୍ରଯୁକ୍ତିର ବ୍ୟବହାର କରାଯାଉଛି। ଧାରା ୨୩ ଏବଂ ୨୪ ବାୟୋମେଟ୍ରିକ, ଜିଓ ଟ୍ୟାଗ୍ କରାଯାଇଥିବା କାମ, ରିୟଲ ଟାଇମ୍ ଡ୍ୟାଶବୋର୍ଡ ଏବଂ ନିୟମିତ ସାର୍ବଜନୀନ ସୂଚନାକୁ ବାଧ୍ୟତାମୂଳକ କରିଛି ।

ପ୍ରଯୁକ୍ତିବିଦ୍ୟାକୁ ଜଣେ କଠୋର ଦ୍ୱାରପାଳ ରୂପରେ ପରିକଳ୍ପନା କରାଯାଇ ନାହିଁ ବରଂ ଏକ ସହାୟକ ଉପକରଣ ଭାବରେ ଗ୍ରହଣ କରାଯାଇଛି। ବ୍ୟତିକ୍ରମକୁ ପରିଚାଳନା କରିବାକୁ ଏକ ମୁଖ୍ୟ ଡିଜାଇନ୍ ବୈଶିଷ୍ଟ୍ୟ ଭାବରେ ଗ୍ରହଣ କରାଯାଇଛି। ଧାରା ୨୦ ଗ୍ରାମସଭା ଦ୍ୱାରା ସାମାଜିକ ଅଡିଟ୍ କୁ ସୁଦୃଢ଼ କରିଥାଏ, ଯାହା ଗୋଷ୍ଠୀ ତଦାରଖକୁ ସୁଦୃଢ଼ କରିଥାଏ। ଏଠାରେ ପ୍ରଯୁକ୍ତିବିଦ୍ୟା ଉତ୍ତରଦାୟିତ୍ୱକୁ ଅଣଦେଖା କରେ ନାହିଁ ବରଂ ଏହା ଏହାକୁ ଦୃଢ କରିଥାଏ।

**ନବୀକରଣ ରୂପେ ସଂସ୍କାର**

ଏହି ବିଲ୍ ନିଯୁକ୍ତି ଗ୍ୟାରେଣ୍ଟି ବୃଦ୍ଧି କରି, ସ୍ଥାନୀୟ ଯୋଜନାକୁ ସଂଯୋଜିତ କରି, କୃଷି ଉତ୍ପାଦକତା ସହିତ ଶ୍ରମିକ ସୁରକ୍ଷାକୁ ସନ୍ତୁଳିତ କରି, ଯୋଜନାଗୁଡ଼ିକୁ ଏକତ୍ର କରି, ବର୍ଦ୍ଧିତ ପ୍ରଶାସନିକ ସହାୟତା ମାଧ୍ୟମରେ ଆଗଧାଡ଼ିର କ୍ଷମତାକୁ ସୁଦୃଢ଼ କରି ଏବଂ ଶାସନକୁ ଆଧୁନିକୀକରଣ କରି ବିଶ୍ୱସନୀୟତାର ପ୍ରତିଶ୍ରୁତିକୁ ଫେରାଇ ଆଣିବାକୁ ପ୍ରୟାସ କରିଛି ଯାହା ଅଧିକାଂଶ ଅଭ୍ୟାସରେ ଦେଖିବାକୁ ମିଳିନଥାଏ। ଏଠାରେ ସଂସ୍କାର ଏବଂ ଅନୁକମ୍ପା ମଧ୍ୟରେ ଚୟନ କରାଯାଉନାହିଁ ବରଂ ଏକ ଦୀର୍ଘସ୍ଥାୟୀ ଅଧିକାର ପ୍ରଦାନ କରାଯାଇଛି। ଏହା ଏକ ଆଧୁନିକ ଢାଞ୍ଚା ପ୍ରଦାନ କରିଥାଏ ଯାହା ସମ୍ମାନ, ପୂର୍ବାନୁମାନ ଏବଂ ଉଦ୍ଦେଶ୍ୟ ସୁନିଶ୍ଚିତ କରେ। ଏହି ପରିପ୍ରେକ୍ଷୀରେ ଭିବି–ଜି ରାମ ଜି ସାମାଜିକ ସୁରକ୍ଷାରୁ ପଛଘୁଞ୍ଚା ଦେଉନାହିଁ ବରଂ ଏହାର ନବୀକରଣ କରୁଛି।

# ଦରଦାମ୍ ବୃଦ୍ଧି: ଏକ ସାମାଜିକ ସମସ୍ୟା

**ଶ୍ରୀବସ୍ତ ନାୟକ**

ଯେଉଁ ସମସ୍ୟାଗୁଡିକ ସମାଜର ସାଧାରଣ ଲୋକଙ୍କ ଜୀବନ, ସୁବ୍ୟବସ୍ଥା, ନୀତି–ନିୟମ, ସମାନତା ଓ ଉନ୍ନତିକୁ ବାଧା ଦେଇ ସମାଜର ଗଠନ, ଆଚରଣ, ଅର୍ଥନୀତି ଓ ନୀତିରେ ନକରାତ୍ମକ ପ୍ରଭାବ ସୃଷ୍ଟି କରେ, ତାହାକୁ ସାମାଜିକ ସମସ୍ୟା ରୂପେ ପରିଗଣିତ କରାଯାଏ । ଦରିଦ୍ରତା, ବେକାରୀ, ଅଶିକ୍ଷା, ପ୍ରଦୂଷଣ, ମାଦକଦ୍ରବ୍ୟ ସେବନ, ଅପରାଧ ଓ ସାମାଜିକ ଅସୁରକ୍ଷା, ଯୌତୁକ ପ୍ରଥା, ଦୁର୍ନୀତି, ଲିଙ୍ଗ ବିଷମତା, ଶିଶୁଶ୍ରମ, ଜନସଂଖ୍ୟା ବୃଦ୍ଧି, ଘରୋଇ ହିଂସା, ନିର୍ବାସିତତା, ଜାତିଗତ ପାର୍ଥକ୍ୟ, କଳା ବଜାରୀ, ଅସମାନତା ଆୟ ଅସମାନ, ଆଦି ଯେତେସବୁ ସାମାଜିକ ସମସ୍ୟା ଆମ ଦେଶରେ ରହିଛି, ତନ୍ମଧ୍ୟରୁ ସମ୍ପ୍ରତି ଦରଦାମ୍ ବୃଦ୍ଧି ଅନ୍ୟତମ, ଯାହା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଏହି ଦରବୃଦ୍ଧି କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ସମସ୍ୟା ସୃଷ୍ଟି କରିଛି । ଏହାର ପ୍ରଭାବରେ ଗରିବ, ଖଟିଖିଆ, ଉପଭୋକ୍ତାମାନେ ପ୍ରଭାବିତ ହୋଇଥାନ୍ତି । କେବଳ ସେତିକି ନୁହଁ ବରଂ ଦରଦାମ୍ ବୃଦ୍ଧି ଅର୍ଥ ବ୍ୟବସ୍ଥାରେ ବିପର୍ଯ୍ୟୟ ସୃଷ୍ଟି କରିଥାଏ । ଏହାର ସୁଦୂରପ୍ରସାରୀ ପ୍ରଭାବ ଦେଶର ସାମାଜିକ, ରାଜନୈତିକ ଓ ନୈତିକ କ୍ଷେତ୍ରରେ ପରିଦୃଷ୍ଟ ହୋଇଥାଏ । ଯଦି ଦରଦାମ୍ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ତାହା ଦେଶର ସଞ୍ଚୟ, ନିବେଶ ଉତ୍ପାଦନ ଓ ଜୀବନ ଧାରଣର ମାନ ଉପରେ ଶକ୍ତ ଆଘାତ ଦିଏ, ତେଣୁ ସେଥିପାଇଁ କୁହଯାଏ, ଦରଦାମ୍ ବୃଦ୍ଧି ଆର୍ଥିକ ଦୃଷ୍ଟିରୁ କ୍ଷତିକାରକ ଓ ସାମାଜିକ ଦୃଷ୍ଟିରୁ ଅନ୍ୟାୟ ।

ଦରଦାମ୍ ବୃଦ୍ଧି ଭାରତୀୟ ଅର୍ଥନୀତିର ଚିର ସହଚର । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା (୧୯୫୧–୫୬) ପରଠାରୁ ଭାରତ କ୍ରମାଗତ ଭାବେ ଏହି ସମସ୍ୟାର ସମୁଖୀନ ହେଉଛି, ବିଶେଷ କରି ଭାରତ ଭଳି ଏକ ଉଚ୍ଚ ଜନସଂଖ୍ୟା ବିଶିଷ୍ଟ ଦେଶରେ ନିମ୍ନ ରୋଜଗାର ଅର୍ଥନୀତି ନିମନ୍ତେ ଦରଦାମ୍ ବୃଦ୍ଧି ଏକ ଉତ୍କଟ ସମସ୍ୟା ଭାବେ ଉଭା ହୋଇଛି । କୌଣସି ଅର୍ଥବ୍ୟବସ୍ଥାରେ ଦରଦାମ୍ ସ୍ତରରେ ସ୍ଥିରତା ପରିଲକ୍ଷିତ ହୁଏନାହିଁ ସତ । କିନ୍ତୁ ହୁ ହୁ ହୋଇ ଦରଦାମ ବଢ଼ିଯିବା ଏବଂ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବା ନିହାତି ଚିନ୍ତାର ବିଷୟ ।

ଅବଶ୍ୟ ଏଥିରେ ରୋକ ଲଗାଇବା ପାଇଁ ଭାରତ ସରକାର ମୁଦ୍ରା ନୀତି, ଆର୍ଥିକ ନୀତି, ବ୍ୟାପାର ନୀତି (Trade policy)ରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିଛନ୍ତି । ମହାଙ୍ଗାକୁ ନିୟନ୍ତ୍ରଣ ଆଣିବା ପାଇଁ ସରକାର ପ୍ରାଇସ୍ ମନିଟରିଂ ସେଲ୍ (Price Monitoring Cell) ଓ ଡିରେକ୍ଟ ବେନିଫିଟ୍ ଟ୍ରାନ୍ସଫର (DBT) ଉପରେ ଗୁରୁତ୍ୱାରୋପ କରିବା, ଆବଶ୍ୟକ ସମଗ୍ରୀ ଆଇନ୍ (Essential Commodities Act) କୁ କଡାକଡି ଲାଗୁ କରିବା,ଅନ୍ନଯୋଜନା (PDS) ଶକ୍ତିକରଣ ମାଧ୍ୟମରେ ଗରିବମାନଙ୍କୁ ଶସ୍ତା ଦାମରେ ଚାଉଳ, ଗହମ, ଚିନି ଦେଇ ସାଧାରଣ ବଜାରର ଚାହିଦା କମାଇ ଇ–ନାମ୍ ଓ କୃଷି ମଣ୍ଡି ବ୍ୟବସ୍ଥାରେ ସୁଧାର ଆଣିଛନ୍ତି ସତ, ମାତ୍ର ତାହା ସେତେଟା ସୁଫଳ ବୋଲି ମନେ ହେଉନାହିଁ । ଦରଦାମ୍ ଆକାଶଛୁଆଁ ଯୋଗୁଁ ସାଧାରଣ ଜନଜୀବନ ଦୁର୍ବିସହ ହୋଇଗଲାଣି । ଲୋକେ ଅତିଷ୍ଠ ହେଲେଣି । ସାଧାରଣରେ ଏହା ଚର୍ଚ୍ଚା ହେଉଛି ଯେ କେନ୍ଦ୍ର ସରକାର ଯେଉଁ ମହାଙ୍ଗା ଓ ବେକାରମୁକ୍ତ ଭାରତର ସ୍ୱପ୍ନ ଦେଖାଇଥିଲେ, ତାହା ପ୍ରତାରଣାରେ ପରିଣତ ହୋଇଛି ।

ଦିନକୁ ଦିନ ସାମଗ୍ରୀର ଦରଦାମ୍ ବଢିବାରେ ଲାଗିଛି । ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ଫଳରେ ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସାମ୍ନା କରୁଛନ୍ତି । ସେମାନେ ମୌଳିକ ଆବଶ୍ୟକତାକୁ ପୂରଣ କରିବାରେ ବିଫଳ ହେଉଛନ୍ତି । କେବଳ ସେତିକି ନୁହଁ ଏହାର ପ୍ରଭାବ ମଧ୍ୟ ଅର୍ଥନୀତିରେ ପଡୁଛି । ଅତ୍ୟାବଶ୍ୟକ ସାମଗ୍ରୀ ଭିତରେ ଦେଖିଲେ ପେଟ୍ରୋଲ ହେଉଛି ଅନ୍ୟତମ । ୨୦୨୪–୨୫ ଆର୍ଥିକ ବର୍ଷ ତୁଳନାରେ ୨୦୧୩–୨୦୧୪ ଆର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳଦର ବହୁତ ଅଧିକ ଥିଲା । ଏହା ସତ୍ତ୍ୱେ ସେତେବେଳେ ପେଟ୍ରୋଲ ଲିଟର ପିଛା ୭୧ ଟଙ୍କା ଏବଂ ଡିଜେଲ ୫୫ ଟଙ୍କାରେ ବିକ୍ରି ହୋଇ ପାରୁଥିଲା ବେଳେ ଏବେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଯଥାକ୍ରମେ ୪୦ ପ୍ରତିଶତ ଓ ୭୫ ପ୍ରତିଶତ ବୃଦ୍ଧିପାଇଛି । ଗତ କିଛିମାସ ଧରି ଆର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳ ଦର କମୁଥିବା ବେଳେ ଏହାର ସୁଫଳ କୋଟି କୋଟି ଉପଭୋକ୍ତାଙ୍କ ନିକଟରେ ପହଞ୍ଚି ପାରୁ ନାହିଁ । ୨୦୦୫ ମସିହାରେ ପେଟ୍ରୋଲର ଲିଟର ପିଛା ମୂଲ୍ୟ ୩୮ ଟଙ୍କା ଥିବାବେଳେ ୨୦୧୫ରେ ୩୫ ପ୍ରତିଶତ ବୃଦ୍ଧି ପାଇ ୬୦ ଟଙ୍କାରେ ପହଞ୍ଚିଥିଲା । ୨୦୨୫ ମସିହା ଶେଷ ଆଡକୁ ଏହା ୬୮ ପ୍ରତିଶତ ବୃଦ୍ଧିପାଇ ୧୦୧ ଟଙ୍କାରେ ପହଁଞ୍ଚିଛି, ଅର୍ଥାତ୍ ବିଗତ ଦୁଇ ଦଶନ୍ଧି ମଧ୍ୟରେ ପେଟ୍ରୋଲର ଲିଟର ପିଛା ଦର ପାଖାପାଖି ତିନିଗୁଣ ବୃଦ୍ଧି ପାଇଛି । ଅନୁରୂପ ଭାବେ ୨୦୦୫ ମସିହାରେ ଘରୋଇ ସିଲିଣ୍ଡର ପିଛା ଏଲପିଜି ଗ୍ୟାସ ୨୮୧ ଟଙ୍କା ଥିବାବେଳେ ୨୦୨୫ ମସିହା ବେଳକୁ ଏହା ପାଖାପାଖି ଚାରିଗୁଣ ବୃଦ୍ଧିପାଇ ଏବେ ସିଲିଣ୍ଡର ପିଛା ୯୦୦ ଟଙ୍କା ହେଲାଣି । ସାଧାରଣ ଲୋକଙ୍କ

**ଅର୍ଥନୈତିଜ୍ଞଙ୍କ ମତରେ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ କମିଯିବାରୁ ଦରବୃଦ୍ଧି ଘଟୁଛି । ଏହାକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରମ୍ବାର ତା'ର ମୁଦ୍ରା ନୀତିରେ ପରିବର୍ତ୍ତନ ଆଣି ଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ହେଉନାହିଁ ।**

ଅତ୍ୟାବଶକୀୟ ହେଉଛି ସୋରିଷ ତେଲ, ଯାହାର ଲିଟର ପ୍ରତି ଦର ୨୦୦୫ ମସିହାରେ ୬୦ ଟଙ୍କା ଥିଲା, ତାହାର ଦର ମଧ୍ୟ ପାଖାପାଖି ଚାରିଗୁଣ ବୃଦ୍ଧି ପାଇଁ ୨୫୦ ଟଙ୍କା ଅତିକ୍ରମ କଲାଣି । ସେହିପରି ଅଟା ୮୧ ପ୍ରତିଶତ ବୃଦ୍ଧି ପାଇ ୧୮ ଟଙ୍କାରୁ ୪୫ ଟଙ୍କାରେ ପହଞ୍ଚିଲାଣି । ୨୦୦୫ ମସିହାରେ କ୍ଷୀର ଲିଟର ପିଛା ୨୦ ଟଙ୍କାରୁ ବୃଦ୍ଧି ପାଇ ୨୦୨୫ରେ ୬୦ ଟଙ୍କାରେ ପହଞ୍ଚିଲାଣି । ପନିପରିବାର ଦର ନକହିବା ଭଲ । ଏହି ଅହେତୁକ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି । ସରକାରଙ୍କର ତ୍ରୁଟିପୂର୍ଣ୍ଣ ନୀତି ଓ ପ୍ରତାରଣା ଲୋକମାନଙ୍କ ଉପରେ ଯନ୍ତ୍ରଣାର ବୋଝ ଲଦିଦେଇଛି । ପ୍ରଧାନମନ୍ତ୍ରୀ ୨୦୧୯ରେ ଦାମ୍ଭିକତାର ସହ ଘୋଷଣା କରିଥିଲେ ଯେ ଖାଦ୍ୟଶସ୍ୟ, ଦହି, ଲସି, ଲହୁଣୀ ଇତ୍ୟାଦିରେ ଅତ୍ୟାବଶକୀୟ ବସ୍ତୁ ଜିଏସଟି ପରିସର ବାହାରେ ରହିବ, ହେଲେ ମାତ୍ର ତିନିବର୍ଷ ପରେ ୨୦୨୨ ମସିହାରେ ତାଙ୍କର ସମସ୍ତ ପ୍ରତିଶ୍ରୁତି ପାଣିର ଗାର । ଉପରୋକ୍ତ ଅତ୍ୟାବଶକୀୟ ସାମଗ୍ରୀ ଉପରେ ସରକାର ଅତ୍ୟନ୍ତ ଅମାନବୀୟ ଭାବେ ଜିଏସଟି ଲାଗୁ କଲେ । ୨୦୧୯ ମସିହାରେ ଗରିବ ଜନସାଧାରଣମାନଙ୍କୁ କେନ୍ଦ୍ର ସରକାର ରିହାତି ଦରରେ ରନ୍ଧନ ଗ୍ୟାସ୍ ଯୋଗାଇ ଦେବାପାଇଁ 'ଉଜ୍ଜଳା ଯୋଜନା' ପ୍ରଣୟନ କରିଥିଲେ ହେଲେ ପରବର୍ତ୍ତୀ ସମୟରେ ଅତ୍ୟନ୍ତ ସମ୍ବେଦନହୀନ ଭାବେ ରନ୍ଧନ ଗ୍ୟାସ ଉପରୁ ସବସିଡ୍ ପ୍ରତ୍ୟାହାର କରିନେଲେ, ତେଣୁ ରନ୍ଧନ ଗ୍ୟାସ୍‌ର ଦର ଦ୍ୱିଗୁଣିତ ହୋଇଗଲା । ଫଳ ସ୍ୱରୂପ କୋଟି କୋଟି ଉପଭୋକ୍ତା ଆଜି ନିଜ ଖାଲି ସିଲିଣ୍ଡର ଭର୍ତ୍ତି କରିବାକୁ ସମର୍ଥ ନୁହଁନ୍ତି ।

ଅର୍ଥନୈତିଜ୍ଞଙ୍କ ମତରେ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ କମିଯିବାରୁ ଦରବୃଦ୍ଧି ଘଟୁଛି । ଏହାକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରମ୍ବାର ତା'ର ମୁଦ୍ରା ନୀତିରେ ପରିବର୍ତ୍ତନ ଆଣି ଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ହେଉନାହିଁ । ବଜାରକୁ ଯେତେବେଳେ ସୀମିତ ଖାଉଟି ସାମଗ୍ରୀ ବିକ୍ରି ପାଇଁ ଆସେ, ଆଉ ଖାଉଟିମାନଙ୍କ ପାଖରେ ତୁଳନାତ୍ମକ ଭାବେ ଅଧିକ ଅର୍ଥ ଥାଏ, ସେମାନେ ସାମଗ୍ରୀ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଏହି ସୁଯୋଗ ନେଇ ବିକ୍ରେତା ଦର ବୃଦ୍ଧି କରିଥାନ୍ତି । ଏହାଦ୍ୱାରା ଅତି ଗରିବ ଲୋକେ ହଇରାଣ ହୁଅନ୍ତି । ଗରିବ ଲୋକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନ ଧାରଣ ନିମନ୍ତେ ମୌଳିକ ଆବଶ୍ୟକତାକୁ ପୂର୍ଣ୍ଣ କରିବାପାଇଁ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଆଇନ କରି ମୋଟ ଲୋକସଂଖ୍ୟାର ୭୦ ଭାଗ ଲୋକଙ୍କୁ ନାମକୁ ମାତ୍ର ଦାମରେ ମୁଣ୍ଡ ପିଛା ମାସିକ ୫କେଜି ଲେଖାଏଁ ଖାଦ୍ୟଶସ୍ୟ ଯୋଗାଇ ଦେଉଛନ୍ତି । ଓଡ଼ିଶା ସରକାର ଏକ ପାଦ ଆଗକୁ ଯାଇ ୩ଟଙ୍କିଆ ଖାଦ୍ୟଶସ୍ୟକୁ ଆଉ ଦୁଇ ଟଙ୍କା ଛାଡ କରି ଦେଇ ଟଙ୍କାକରେ ଯୋଗାଉଛନ୍ତି । କେନ୍ଦ୍ର ସରକାର ୭୦ ପ୍ରତିଶତ ଲୋକଙ୍କୁ ଦେବା ପାଇଁ କହିଥିଲେ ମଧ୍ୟ ଓଡ଼ିଶା ସରକାର ୧୦ ପ୍ରତିଶତ ବଢାଇ ନିଜ ଅର୍ଥରୁ ଯୋଗାଇ ଦେଉଛନ୍ତି । ଆମ ଦେଶରେ କ'ଣ ୭୦/୮୦ ଭାଗ ଲୋକ ନିଜ ଖାଦ୍ୟଶସ୍ୟ ନିଜେ ଯୋଗାଡ଼ କରି ପାରୁ ନାହାନ୍ତି ? ଖୁବ୍ ବେଶୀ ହେଲେ ୨୫ ଭାଗ ଲୋକ ଯାହାର ଜମିବାଡି ନାହିଁ କିମ୍ବା ଆୟର କିଛି ସ୍ଥାୟୀ ପନ୍ଥା ନାହିଁ, ସେହିମାନେ ହିଁ ଏହି ଖାଦ୍ୟଶସ୍ୟର ବ୍ୟବହାର କରନ୍ତି । କିନ୍ତୁ ଅନ୍ୟମାନେ ଏହାକୁ ବାହାରେ ବିକ୍ରି କରନ୍ତି । ଗ୍ରାମାଞ୍ଚଳରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । କିନ୍ତୁ ଆଧୁନିକତାର ଚାପରେ ଆଜିର ଯୁବସମାଜ କୃଷି କ୍ଷେତ୍ରରେ କାମ କରିବାକୁ ନାରାଜ । ସେମାନେ ସହଜ ଅର୍ଥ ପଛରେ ଗୋଡାଉଛନ୍ତି । ଠିକାଦାର ପଛରେ, କୁଜି ରାଜନେତାଙ୍କ ପଛରେ ଅବା କେଉଁଠି ଅଳ୍ପ କାମକରି କିଛି ମିଳିଗଲେ ଦୈନିକ ମଟର ସାଇକଲ ତେଲ ଖର୍ଚ୍ଚ ଉଠିଗଲେ ସେମାନେ ଖୁସି, କିନ୍ତୁ ନିଜ ଜମିରେ ଫସଲ କରିବାକୁ ଆଗ୍ରହ ନାହିଁ।

ଆଗେ ଚାଳଘର ସବୁ ଥିଲା । ପିଢାରେ କଖାରୁ, ପାଣି କଖାରୁ, ଲାଉ ଆଦି ପରିବା ଫଳାଉ ଥିଲେ । ଆଜି କୋଠାଘରର ଛାତ ଅଛି । କୋଠାଘର ଛାତରେ ଏସବୁ ପରିବା ମଡ଼େଇ ଫଳାଇ ହେବ, କିନ୍ତୁ ଏପରି ପରିବା ଫଳାଇବା ପ୍ରାୟ ଆଗ୍ରହ କରୁନାହାନ୍ତି । ଯୁବ ସମାଜ ମାଟିକାଦୁଅ ହୋଇ କୃଷି ଉତ୍ପାଦନ ପାଇଁ ଇଚ୍ଛା କରୁନି । ଉତ୍ପାଦନ ନ ବଢିବା ଯୋଗୁଁ ଦରଦାମ ବଢୁଛି । ସରକାରୀ ବୃତ୍ତି କରୁଥିବା ବ୍ୟକ୍ତି,ବଡ଼ ବଡ଼ ବ୍ୟବସାୟୀ, ପେନ୍‌ସନ ପାଉଥିବା ଲୋକଙ୍କର ତ ବ୍ୟୟ ତୁଳନାରେ ଆୟ ଅଧିକ ଏବଂ ବେତନ ଓ ପେନସନ ପାଉଥିବା ଲୋକଙ୍କର ତ ଦରଦାମ ବଢିଲେ ମହଙ୍ଗା ଭତ୍ତା ବଢୁଛି । ଦରଦାମ୍ ବୃଦ୍ଧି ସେମାନଙ୍କୁ ସେମିତି ବାଧୁ ନାହିଁ । ଯେଉଁମାନେ ଖଟିଖିଆ, ଗରିବ, ଯେଉଁମାନଙ୍କର ନିୟମିତ ଆୟ ନାହଁ ସେହିମାନଙ୍କୁ ଦରଦାମ ବୃଦ୍ଧି ବିଶେଷ ବାଧୁଛି । କୋଭିଡ –୧୯ ପ୍ରଭାବରେ ନିଶ୍ଚିତ ଭାବରେ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ କମାଇ ଦେବାରୁ ସମଗ୍ର ବିଶ୍ୱ ସମେତ ଭାରତରେ ଦରଦାମ ବୃଦ୍ଧି ପାଉଛି, କିନ୍ତୁ ଆମର ବୋଝ ଉପରେ ନଳିତା ବିଡା ପରି ଯେଉଁସବୁ ମାଗଣା ବଣ୍ଟନ ଯୋଜନା କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରୁଛନ୍ତି, ସେସବୁ ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ ନକରି ଲୋକଙ୍କ ହାତକୁ ଅକାରଣରେ ଅନାବଶ୍ୟକ ପଇସା ଯାଉଛି, ଯାହା ଦରଦାମ ବୃଦ୍ଧିରେ ନିଆଁରେ ଘିଅ ଢାଳିବା ପରି କାମ କରୁଛି । ଦେଶରେ ବ୍ୟାପକ କର ଫାଙ୍କୁଥିବା ବ୍ୟକ୍ତି ଚୋରା ବେପାରୀ ଦୁର୍ନୀତି ଗ୍ରସ୍ତ ରାଜନୈତିକ ବ୍ୟକ୍ତି ଓ କତିପୟ ସରକାରୀ କର୍ମଚାରୀମାନଙ୍କ ନିକଟରେ ବିପୁଳ ପରିମାଣରେ କଳାଧନ ଗଚ୍ଛିତ ଅଛି । ଏହି ହିସାବ ବର୍ହିଭୂତ ମୁଦ୍ରା ସହରାଞ୍ଚଳରେ ମୂଲ୍ୟବାନ ଭୂସମ୍ପତ୍ତି, କୋଠାବାଡି ତଥା ଅତ୍ୟାବଶ୍ୟକ ଦ୍ରବ୍ୟ କ୍ରୟ କରି ମହଜୁଦ କରି ରଖିବା ପାଇଁ ବ୍ୟୟ କରାଯାଉଥିବାରୁ ଦର ସ୍ତର ବୃଦ୍ଧି ପାଉଛି । ସମ୍ପ୍ରତି ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଲୋକମାନଙ୍କର ମୁଣ୍ଡ ପିଛା ଆୟ ବୃଦ୍ଧି ହେବା ଯୋଗୁଁ ଡାଲି ଜାତୀୟ ପଦାର୍ଥ, ଫଳ, ପନିପରିବା, କ୍ଷୀର ଜାତୀୟ ପଦାର୍ଥର ଚାହିଦା ବଢୁଛି । କିନ୍ତୁ ସେହି ସବୁ ଦ୍ରବ୍ୟର ସ୍ୱଳ୍ପ ଉତ୍ପାଦନ ଏବଂ ଉତ୍ପାଦନ ହେଉଥିବା ସ୍ଥାନରୁ ବଜାରକୁ ସ୍ଥାନାନ୍ତରିତ କରିବାର ପ୍ରକ୍ରିୟା ଧୀର ହେଉଥିବାରୁ ଦର ଅତ୍ୟଧିକ ବୃଦ୍ଧି ପାଉଛି । ସରକାରଙ୍କର ତ୍ରୁଟିପୂର୍ଣ୍ଣ ସାଧାରଣ ବଣ୍ଟନ ବ୍ୟବସ୍ଥା, ଅଶୋଧିତ ତୈଳର ଅତ୍ୟଧିକ ଦର ବୃଦ୍ଧି, ବର୍ଦ୍ଧିତ ଉତ୍ପାଦନ ଶୁଳ୍କ ଓ କର, କଞ୍ଚାମାଲ୍ ର ଦର ବୃଦ୍ଧି, ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦ୍ରବ୍ୟର ଅହେତୁକ ଦର ବୃଦ୍ଧି, ବୈଦେଶିକ ପୁଞ୍ଜିର ବିନିଯୋଗର ଅଭାବ, ପ୍ରତିରକ୍ଷା ବ୍ୟୟ ଭାର ବୃଦ୍ଧି ପ୍ରଯୁକ୍ତି ବିଦ୍ୟା ଓ ଯନ୍ତ୍ରପାତିର ଆମଦାନୀ, ଜନସଂଖ୍ୟାର ବିସ୍ଫୋରଣ, ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ୍ ବୃଦ୍ଧି ନିମନ୍ତେ ଅନେକାଂଶରେ ଦାୟୀ ।

ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ବାହାରକୁ ଗଲେ ଦେଶର ଅର୍ଥ ବ୍ୟବସ୍ଥା କ୍ଷତ ବିକ୍ଷତ ହୋଇଥାଏ । ଏହାକୁ ନିୟନ୍ତ୍ରଣ ଭିତରେ ରଖିବା ପାଇଁ ହେଲେ ସରକାରଙ୍କୁ ମୁଦ୍ରା ନୀତି (କେନ୍ଦ୍ରୀୟ ବ୍ୟାଙ୍କ୍ ସୁଧ ହାର, ରେପୋ ଦର, ନଗଦ ସଂରକ୍ଷଣ ଅନୁପାତ), ବିତ୍ତ ନୀତି (ପ୍ରତ୍ୟେକ୍ଷ ଟିକସ ନୀତି,ସରକାରୀ ବ୍ୟୟ ନିୟନ୍ତ୍ରଣ)ରେ ପରିବର୍ତ୍ତନ ଆଣିବା ଜରୁରୀ । ସରକାର ଉତ୍ପାଦନ ମୂଳକ ଯୋଜନା କାର୍ଯ୍ୟକାରୀ କଲେ, ଉତ୍ପାଦନ ବଢିବ ଏବଂ ଲୋକମାନଙ୍କ ହାତକୁ ପଇସା ଯିବ, ବଜାର ସମତୁଲ ରହି ଓ ଦରଦାମ୍ ନିୟନ୍ତ୍ରଣାଧୀନ ହେବ ଭାରତୀୟ ଖାଦ୍ୟ ନିଗମର ପ୍ରଚଳିତ ବିକ୍ରୟ ବ୍ୟବସ୍ଥା ପରିବର୍ତ୍ତେ ଇଲେକ୍ଟ୍ରୋନିକ ବ୍ୟବସ୍ଥା ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ବିକ୍ରୟ କରିବା ଆବଶ୍ୟକ । ଫଳରେ ଖୋଲା ବଜାରରେ ଖାଦ୍ୟଶସ୍ୟର ନିଅଣ୍ଟିଆ ଅବସ୍ଥା ଦୂର ହୋଇପାରିବ । ଏ ସବୁ ଉପରେ ସରକାର ସଚେତନ ହେବା ଦରକାର। କ୍ରମବର୍ଦ୍ଧିଷ୍ଣୁ ଦରଦାମ୍ ବୃଦ୍ଧିର ସମସ୍ୟାର ସମାଧାନ ନିମନ୍ତେ ସରକାର ସୁଚିନ୍ତିତ ଯୋଜନାମାନ ପ୍ରଣୟନ କରିବା ନିତ୍ୟାନ୍ତ ଆବଶ୍ୟକ ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ , କଟକ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରିଲା...

ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କରିଥିଲେ। ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ ଯେ ଏଥର ଅଧିବେଶନ ବେଶ ଉପାଦେୟ ହୋଇଛି। ବିରୋଧୀଙ୍କ ପ୍ରତିବାଦ ସତ୍ତ୍ୱେ ଅଧିବେଶନରେ ଅନେକ କାର୍ଯ୍ୟ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିରୋଧୀଙ୍କ ସ୍ୱରକୁ କାଟି ଦେବା ତାଙ୍କର ଉଦ୍ଦେଶ୍ୟ ନୁହେଁ। କିଛି ସାଂସଦ କହିଥିଲେ ଯେ, ନୂଆ ସାଂସଦ ଭବନରେ ସ୍ଥାନର ଅଭାବ ଯୋଗୁଁ ଅସୁବିଧା ସୃଷ୍ଟି ହୋଇଛି। କ୍ୱାଣ୍ଟିନକୁ ଛାଡି ଦେଲେ ଅନୋପଚାରିକ ବୈଠକ ପାଇଁ ଆଉ କେଉଁଠି ସ୍ଥାନ ନାହିଁ। ଆଉ କିଛି ସାଂସଦ ମଧ୍ୟ ଶୂନ୍ୟକାଳରେ କହିବାର ସୁଯୋଗ କମ ଥିବାର ନେଇ ଆପତ୍ତି ଉଠାଇଥିଲେ। ତେବେ ଏଥର ସାଂସଦ ଅଧିବେଶନରେ ବନ୍ଦେ ମାତରମରୁ ଆଲୋଚନା ଆରମ୍ଭ ହୋଇ ଭିବି-ଜି-ରାମ-ଜି ବିଲ୍ ପାରିତରେ ଶେଷ ହୋଇଛି।

## ୬୭ ହଜାର...

ଦୃଷ୍ଟିରେ ରଖି ଏହି କାର୍ଯ୍ୟ କରାଯାଉଛି। ବିଶେଷକରି ରାଜ୍ୟରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମି, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପ କରିଡରର ସମ୍ପ୍ରସାରଣ, ବହୁମୁଖୀ ମଡେଲ ଯୋଗାଯୋଗ ବ୍ୟବସ୍ଥା ଯୋଗୁ ଓଡ଼ିଶା ଏବେ ପ୍ରାକୃତିକ ଭାବେ ଘରୋଇ ଓ ବିଶ୍ୱ ବଜାର ଲାଗି ଗେଟ୍‌ୱେ ସାଜିଛି। ସରକାରଙ୍କ ଭୂମିକା ହେଉଛି ଯେ ସ୍ଥାୟୀ ବିକାଶ, ନିର୍ଦ୍ଦିଷ୍ଟ ସମୟରେ ଅନୁମୋଦନ ଓ ନିବେଶକଙ୍କ ପାଇଁ ସ୍ଥାୟୀ ନୀତି ଯୋଗାଇ ଦେବା। ଏହି ସମ୍ମିଳନୀରେ ୨୭,୬୫୦ କୋଟିର ୧୩ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି ଯାହା ୧୫ ହଜାର ୯୦୫ ନିଯୁକ୍ତି ସୃଷ୍ଟି କରିବ। ଏହାଛଡା ୩୯, ୧୩୧ କୋଟିର ନିବେଶ ଆସିଛି ଯାହା ୪୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବିଶେଷକରି ଫାର୍ମାସିଟିକାଲ, ପାରମ୍ପରିକ ଶକ୍ତି, ବୟନ, ଇଲେକ୍ଟ୍ରୋନିକ୍ସ ଆଇଟି ଓ ଡାଟା ସେଣ୍ଟର କ୍ଷେତ୍ରରେ ଅଧିକ ନିବେଶ ଆସୁଛି। ମୂଲ୍ୟଯୁକ୍ତ ବିନିଯୋଗ ଉତ୍ପାଦନ ଓଡ଼ିଶାରେ ଅଭିବୃଦ୍ଧି ଘଟିଛି। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ରହି କହିଥିଲେ ଯେ ନିବେଶକାରୀଙ୍କୁ ସବୁ ପ୍ରକାର ସୁବିଧା ଦେବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

## ଶଙ୍କର...

ଭିଡିଓ ରେକର୍ଡ କରାଯାଇଛି ।

ଶଙ୍କର ପୃଷ୍ଟି ଗିରଫ ସମୟରେ ହଜାରେ କୋଟି ଟଙ୍କାର ଘୋଟାଲା ହୋଇଥିବା ଗଣମାଧ୍ୟମକୁ ସୂଚନା ଦେବା ସହ ପୂର୍ବ ସରକାର କଥା କ'ଣ ସୂଚାଉଥିଲେ ତାହା ସ୍ପଷ୍ଟ କରିନଥିଲେ । ସେହି ହଜାରେ କୋଟି ଟଙ୍କା ଘୋଟାଲାର ପର୍ଦ୍ଦାଫାସ କରିବା ପାଇଁ ସିବିଆଇ ତଦନ୍ତକାରୀ ଟିମ୍ ରିମାଣ୍ଡ ଜେରାରେ ଉଦ୍ୟମ କରିବ । ଜଣେ ପୂର୍ବତନ ଆଇପିଏସ୍ ଅଫିସରଙ୍କ କଥା ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ ଏମାନଙ୍କ ପରେ ହାଜର ହେବାକୁ ନୋଟିସ୍ କରିପାରେ ବୋଲି ସୂଚନା ମିଳିଛି । ଓପିଆର୍‌ବି ଓ ଗୁଜରାଟ ଆଇଟିଆଇ ସମ୍ପର୍କରେ ଏ ପର୍ଯ୍ୟନ୍ତ ତଦନ୍ତକାରୀ ଅଫିସରମାନେ କିଛି ମୁହଁ ଖୋଲୁନାହାନ୍ତି କିମ୍ବା ସେଭଳି କିଛି ପଦକ୍ଷେପ ନେଉନାହାନ୍ତି । ଶଙ୍କରକୁ ଜେରା ସରିବା ପରେ ସେ ସମ୍ପର୍କରେ ପଦକ୍ଷେପ ନିଆଯାଇପାରେ ବୋଲି କୁହାଯାଉଛି ।

## ୫ ଡିଗ୍ରୀ...

କରାଯାଇଥିବାବେଳେ ଚିପିଲିମାରେ ୭.୫°, କୋରାପୁଟରେ ୬.୭°, ଦାରିଙ୍ଗିବାଡ଼ିରେ ୭°, ନବରଙ୍ଗପୁରରେ ୯°, ଅନୁଗୁଳରେ ୯°, ଝାରସୁଗୁଡ଼ାରେ ୮.୨°, ରାଉରକେଲାରେ ୯.୬°, ଭବାନୀପାଟଣାରେ ୯.୬°, ସୁନ୍ଦରଗଡ଼ରେ ୧୦.୬°, କଟକରେ ୧୨.୪° ଓ ଭୁବନେଶ୍ୱରରେ ୧୨.୮° ତାପମାତ୍ରା ରେକର୍ଡ଼ କରାଯାଇଛି ।

ଅନ୍ୟପକ୍ଷରେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଚାଲୁ ରହିଥିବା ଥଣ୍ଡା ୨୦୨୬ ଆରମ୍ଭ ପର୍ଯ୍ୟନ୍ତ ଜାରି ରହିବ । ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨ରୁ ୧୩° ରହିପାରେ । ସାରା ରାଜ୍ୟରେ ବର୍ତ୍ତମାନ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିଥିବାବେଳେ ମଝିରେ ମଝିରେ ୧ରୁ ୨° ସେଲ୍‌ସିୟସ ପର୍ଯ୍ୟନ୍ତ ବଢ଼ିପାରେ କିମ୍ବା କମିପାରେ । ଉପକୂଳ ଜିଲ୍ଲାରେ ମଝିରେ ମଝିରେ ହାଲୁକା କୁହୁଡ଼ି ପଡ଼ିପାରେ । କିନ୍ତୁ ଘନ କୁହୁଡ଼ି ସମ୍ଭାବନା କମ୍ ରହିଥିବା ଜଣାପଡ଼ିଛି । ରାଜ୍ୟରେ ପାଗ ଶୁଖିଲା, ଖରାଟିଆ ଓ ମେଘମୁକ୍ତ ରହିବ । ଖରାଦିନେ ଗ୍ରୀଷ୍ମ ପ୍ରବାହ ଓ ଅଦିନିଆ ପାଗରୁ ରକ୍ଷା ପାଇଁ ଖରାଦିନିଆ ଧାନ ତଳି ପକାନ୍ତୁ । ବିହନକୁ ୭୨ ଘଣ୍ଟା ପାଣିରେ ବତୁରାଇ ଛାଣି ଅଖା ଭିତରେ ଘୋଡ଼ାଇ ରଖିଦିଅନ୍ତୁ । ଗାଲିଗଜା ବାହାରିଲେ କାଦୁଅ ତଳିଘରାରେ ପକାନ୍ତୁ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି ।

## ଦନ୍ତା...

ଭଦ୍ରକ ସ୍ଥାନାନ୍ତର କରାଯାଇଛି। ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି। ସେପଟେ ଏଭଳି ମୃତ୍ୟୁପାଇଁ ଗ୍ରାମବାସୀମାନେ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ,ସୋର ରେଞ୍ଜର ହରିହର ମାଝୀ, ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହଲ୍ଲାଦ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଖଇରା ପୋଲିସ ସହଯୋଗରେ ଗଠିତ ଟିମ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରଖିଛି। ଗୁରୁବାର ସଂଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣ ଶାରିଶୂଆ ପାହାଡ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲେ। ପରେ ଗୋଟିଏ ହାତୀ ଫେରି ଯାଇଥିବା ବେଳେ ଅନ୍ୟଏକ ଦନ୍ତାହାତୀ କଳମଚୁଆ ପ୍ରବେଶ କରିବା ପରେ ସେଠାରୁ ଗ୍ରାମବାସୀ ଘଉଡାଇବାରୁ ହାତୀଟି ପଟ୍ଟାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀରୁ କେନାଲ ରାସ୍ତା ଦେଇ ଖଇରା କୁ ପ୍ରବେଶ କରିଥିଲା। ସକାଳ ହେବା ବେଳକୁ ହାତୀଟି ନଟାପଡା,ଶାଳବଣି, ବଟେଶ୍ୱର ଦେଇ କଣ୍ଟାପଡା ଶାସନରେ ପହଞ୍ଚିଥିଲା । ସୋର-କୁପାରୀ ରାସ୍ତା ରେ ପ୍ରବଳ ଜନଗହଳି ଯୋଗୁଁ ହାତୀ ଅଣନିଶ୍ୱାସୀ ହୋଇ ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲା। ସିଁରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ସିଁରା ପଞ୍ଚାୟତ ସମ୍ମୁଖରେ ହାତୀଟି ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡି ଦେଇଥିଲା ଓ ଅନ୍ୟ ୨ଜଣଙ୍କୁ ଆହତ କରିଥିଲା। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ହାତୀର ଗତିବିଧିକୁ ଲକ୍ଷ୍ୟ କରି ମହତୀପୁର ଓ ସିଣ୍ଡିରା ପଞ୍ଚାୟତର ସମସ୍ତ ୧୦ଗୋଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଛି। ସିଣ୍ଡିରାରେ ବିଭିଷିକା ଘଟାଇ ହାତୀଟି ନୁଆସାହି, ଅଣ୍ଡାଇଲୋ ଗ୍ରାମ ଦେଇ ନନ୍ଦୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶିଯାଇ ସଂଧ୍ୟାପର୍ଯ୍ୟନ୍ତ ବାହାରିନଥିଲା । ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବନ ବିଭାଗ ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛି ।

## ଦମ୍ ଦେଖାଇଲେ...

ସୁରକ୍ଷା ସଂଗଠନ ପକ୍ଷରୁ ଗତ ୧ ଓ ୧୨ ଡ଼ିସେମ୍ବରରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ତେବେ ପ୍ରଶାସନ ଟୋକନ ବଦଳରେ ପୋଲିସ ଦ୍ୱାରା ଆନ୍ଦୋଳନରତ ଚାଷୀଙ୍କୁ ଗିରଫ କରିଥିଲା । ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା, ଟୋକନ୍ ଅବ୍ୟବସ୍ଥା, କଟନି ଛଟନି ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଯାଇଥିବା ବେଳେ ଗତ ୧୬ରେ ଚାଷୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ପ୍ରତିବାଦ କରିଥିଲେ । ଏହାସେ%o ଚାଷୀଙ୍କ ଦାବି ପୂରଣ ହୋଇ ନଥିବାବେଳେ ସେମାନେ ସମ୍ବଲପୁର ବନ୍ଦ କରିଥିଲେ । ଏଥିରେ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଚାଷୀ ନେତା ଆଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ତରଣୀସେନ ଭୋଇ, ଦୋଳଗୋବିନ୍ଦ ନାୟକ, ଉମେଶ ମିଶ୍ର, ଭୈରବ ପ୍ରଧାନ, ଦିଲୀପ ସାହୁ, ବିପିନ ଭୋଇ, ସଂଜୀବ ବାରିକ, ଜୟନାରାୟଣ ସାହୁ, ଦିଲ୍ଲୀପ ମହାପାତ୍ର, ନନ୍ଦଲାଲ ତ୍ରିପାଠି, କାଶୀ ବିଶ୍ୱନାଥ, ସରୋଜ ମହାପାତ୍ର, ରାମ ସାଗର ସାହୁ, ମୁରାରି ପୁରୋହିତ, ଅଶ୍ୱିନୀ ହୋତା, ଅଶ୍ୱିନୀ ମହାପାତ୍ର, ଦାମୋଦର ପ୍ରଧାନ, ସନ୍ତୋଷ ପ୍ରଧାନ, ଶ୍ୟାମ ସୁନ୍ଦର ପ୍ରଧାନ, ମଧୁସୂଦନ ଥାପା, ଜଗଦାନନ୍ଦ ନାୟକ, ଦିଲୀପ ପ୍ରଧାନ, ଶାନ୍ତନୁ ପ୍ରଧାନଙ୍କ ସହ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ୨୩ ରୁ ଉନବିଂଶତମ ୬୪ ଯୋଗିନୀ ମହୋତ୍ସବ

ବାଲିଅନ୍ତା,(ସବ୍ୟ):ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଏବଂ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟପ୍ରତିଭା ମିଳିତ ସହଯୋଗରେ ବାଲିଅନ୍ତା ବ୍ଲକ ହୀରାପୁର ସ୍ଥିତ ବିଶ୍ୱପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ପୀଠରେ ୧୯ ତମ ଆନ୍ତର୍ଜାତିକ ୬୪ ଯୋଗିନୀ ମହୋତ୍ସବ ପ୍ରତିବର୍ଷ ଭଳି ଚଳିତବର୍ଷ ଡିସେମ୍ବର ୨୩ ରୁ ଆରମ୍ଭ ହେବ । ଏହି ମହୋତ୍ସବ ୨୩ ରୁ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବ । ଚଳିତବର୍ଷ ପ୍ରଖ୍ୟାତ ଓଡିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଇଲିଆନ ସୀତାରିଷ୍ଟଙ୍କୁ ୬୪ ଯୋଗିନୀ ନୃତ୍ୟପ୍ରତିଭା ସମ୍ମାନ ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ତଥା ବର୍ଷିଆନ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କୁ ୬୪ ଯୋଗିନୀ ନାଟ୍ୟ ସମ୍ମାନ ପ୍ରଦାନ କରାଯିବ । ସେହିପରି ଡ଼. ଅଦ୍ୟାଶା ଦାସଙ୍କୁ ନୃତ୍ୟ ପ୍ରତିଭା ସଙ୍ଗୀତ, ଡ଼. ଇତିରାଣୀ ସାମନ୍ତଙ୍କୁ ସାହିତ୍ୟ ସମ୍ମାନ, ଶ୍ରୁତକ୍ରିତି ତ୍ରିପାଠୀଙ୍କୁ ଯୁବ ସାହିତ୍ୟ ସମ୍ମାନ ଏବଂ ଇଂ. ଶ୍ରୀନିବାସ ଘଟୁଆରୀଙ୍କୁ ଯୁବ ନୃତ୍ୟପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆୟୋଜକ ନୃତ୍ୟପ୍ରତିଭା ଅନୁଷ୍ଠାନ । ଅନୁଷ୍ଠାନର ସଭାପତି ଡ଼. ରଜନୀ ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିଥିଭାବେ ମହୋତ୍ସବ କମିଟିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ଼ ଅରବିନ୍ଦ ଢ଼ାଲି, ସମ୍ପାଦିକା ପ୍ରତିଭା



ପଣ୍ଡା, ଉପସଭାପତି ବଂକିମ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଏଥିରେ ଉଦଘାଟନ ଦିନ ସନ୍ଧ୍ୟାରେ ଡ଼. ଆଦ୍ୟାଶା ଦାସଙ୍କ ଦ୍ୱାରା ଓଡିଶୀ ସଙ୍ଗୀତ ପରିବେଷଣ କରାଯିବା ସହ ନୃତ୍ୟପ୍ରତିଭାର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ, କଲିକତାର ବିମ୍ବାବତୀ ଦେବୀଙ୍କ ଦ୍ୱାରା ମଣିପୁର ନୃତ୍ୟ, ପୁରୀର ସନାତନ ନାୟକଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ । ସେହିପରି ଦିତୀୟ ଦିନରେ ମହ୍ଲାର ବ୍ୟାଣ୍ଡ ପକ୍ଷରୁ ସତ୍ୟବାନ ସେଠିଙ୍କ ଦ୍ୱାରା ତାଳାଦ୍ୟ, ଟାଟା ନଗରରୁ ତାରିଖ ସରକାରଙ୍କ ଦ୍ୱାରା ଦଳଗତ କଥକନୃତ୍ୟ, ଗୁରୁ ସୋନାଲି ମହାପାତ୍ରଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ଏବଂ ସତ୍ୟବାନ ସାହୁଙ୍କ ଲୋକନୃତ୍ୟ ପରିବେଷଣ କରାଯିବ । ସେହିପରି ଉଦଯାପନୀ ଦିନ ସକାଳେ ବିଶିଷ୍ଟ କବି ଓ ସାହିତ୍ୟିକଙ୍କ ଦ୍ୱାରା କବିତା ପାଠ କରାଯିବା ସହ ସନ୍ଧ୍ୟାରେ ଇଲିଆନ ସୀତାରିଷ୍ଟଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ, ପ୍ରଭାତ ସ୍ୱାଇଁଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଶେଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରନି ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ ମଞ୍ଚ ଅଭିନେତା ଧୀରେନ୍ଦ୍ରନାଥ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଶତାବ୍ଦୀ କଳାକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ପୁରୁଷ ଅଟଳ ଏକ ନାଟକ ମଞ୍ଚସ୍ଥ କରାଯିବ ।ଆଜିର ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ଦିନବନ୍ଧୁ ଭୋଇ, ରୁନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର

କଣାସ,(ସବ୍ୟ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ମଦାରବସ୍ତ ବଜାରରୁ ଜଣେ ଅଚିହ୍ନା ମହିଳାଙ୍କ ମୃତ ଦେହ ଉଦ୍ଧାର ହୋଇଛି ।ତାଙ୍କର ଆନୁମାନିକ ବୟସ ୫୦ ବର୍ଷ ହେବ ହେବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।ମଦାରବସ୍ତ ଫାଣ୍ଡି ଅଧିକାରୀ ରବି କୁମାର ସାମନ୍ତରାୟ କହିଛନ୍ତି ସ୍ଥାନୀୟ ଲୋକ କହିବା କଥା ଗତ କିଛି ଦିନ ହେବ ମହିଳା ଜଣକ ମାଗି ଯାଚି ଚଳନ୍ତି ।ହେଲେ ଶୁକ୍ରବାର ଦିନ ତାଙ୍କର ମୃତ ଦେହ ମଦାରବସ୍ତ ବଜାରରୁ ଜବତ କରାଯାଇ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବା ଜଣାଡିଛି ।


**AFFIDAVIT**

By virtue of an affidavit sworn before Executive Magistrate,Khandapada Odisha on dated 03.12.2025 I Sunita Pradhan W/o -Suresh Pradhan Resident Of Village - Goudabodasa P.O- Bodasa P.S- Khandapada Dist-Nayagarh,PIN-752077 declare that I have changed my minor Daughter's name from Jasmin Pradhan to Jashmini Pradhan Henceforth, She shall be known as Jashmini Pradhan for all purposes.

Sd/- Sunita Pradhan

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 16.12.2025 I,Raul Guru S/o -Chhabi Guru Resident Of Village-Khedapada P.O-Balugaon P.S- Nayagarh Dist-Nayagarh,PIN-752070 declare that I have changed my name from Rahula Guru to Raul Guru Henceforth, I shall be known as Raul Guru for all purposes.

Sd/- Raul Guru

**AFFIDAVIT**

I, LOKANATHA NAYAK, aged about 51 years, S/o- Kasinath Nayak resident of Village-Bijayanagar, P.O.- Bijayanagar, P.S- Mahakalpara, Dist Kendrapara, Pin-754224, Odisha declared by this affidavit No. 76AA012424 dtd. 20.11.2025 that now onwards I shall be known as Trailokya Nayak for all future purposes.

**AFFIDAVIT**

By virtue of an affidavit sworn before EXECUTIVE MAGISTRATE SALIPUR, CUTTACK DATED. 11.12.2025. I Sk Kalimulla Address : At : Jairampur, P.O. s Kood, P.S. : Salipur, Dist-Cuttack, Pin No. 754221, in the State of Odisha declare that I have changed the name of my son from MOHAMMAD SHAYAN to SHAIKH SHAYAN. Henceforth he shall be known as SHAIKH SHAYAN for all purpose.

Sk Kalimulla
APPLICANT NAME

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**

ଧଉଳି ଶାଖା, ସା: ଜଗନ୍ନାଥ ବିହାର, ପୋ: ଶିଶୁପାଳଗଡ଼, ଭୁବନେଶ୍ୱର-୭୫୧୦୦୨

**ଲକର୍ ଭଙ୍ଗା ନୋଟିସ୍**

ଏତଦ୍ୱାରା ଉପରଦର୍ଶିତ ଶାଖାର ଲକରଧାରୀଙ୍କୁ ଜଣାଇ ଦିଆଯାଉଛି କି, ଆମେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ମଧ୍ୟ ସେ ୩ ବର୍ଷରୁ ଅଧିକ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି। ତଦନୁଯାୟୀ ଲକରଧାରୀଙ୍କୁ ବିଧିବଦ୍ଧ ସୂଚନା ଦିଆଯାଇ ନିମ୍ନଲିଖିତ ଲକରକୁ ନୋଟିସ୍ ପ୍ରକାଶନ ତାରିଖ ଠାରୁ ୩ ମାସ ପରେ ବ୍ୟାଙ୍କ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସମ୍ପୃକ୍ତ ଲକରଧାରୀମାନଙ୍କୁ ପରାମର୍ଶ କି ସେମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ବକେୟା ସମାଧାନ ସହିତ ନିଜାମକୁ ଏଡାନ୍ତୁ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀ ବହନ କରିବେ ଏବଂ ବକେୟା ଭଡା/ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ସଂରକ୍ଷିତ ରହିଛି।

| ଲକର ନଂ. | ଲକରଧାରୀମାନଙ୍କ ନାମ ଏବଂ ଠିକଣା |
|---|---|
| ଗୋଦରେଜ୍-୦୮ | ମନୋରମା ମିଶ୍ର, ସ୍ୱାମୀ: ପ୍ରଫୁଲ୍ଲ ଚନ୍ଦ୍ର ସେନାପତି, ଯୋଗାଯୋଗ ଠିକଣା- ସା: ପ୍ଲଟ୍ ନଂ. ୧୩୨୪/୧୩୨୫, ଖରାଖିଆ ବୈଦ୍ୟନାଥ ଲେନ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ସ୍ଥାୟୀ ଠିକଣା- ସା: ବାରକିଶୋରପୁର, ପୋ: ଚନ୍ଦନପୁର, ଜିଲ୍ଲା: ପୁରୀ, ପିନ୍-୭୫୨୦୧୨ |
| ଗୋଦରେଜ୍-୫୨ | ରାକେଶ ପଟ୍ଟନାୟକ, ପିତା: ୰ ଏସ୍ ସି ପଟ୍ଟନାୟକ ଏବଂ କଳ୍ପନା ପଟ୍ଟନାୟକ, ସ୍ୱାମୀ: ରାକେଶ ପଟ୍ଟନାୟକ, ଯୋଗାଯୋଗ ଠିକଣା- ପ୍ଲଟ୍ ନଂ. ୨୧୨୭(ସି), ମହାରଣା ସାହି, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୨.୨୦୨୫ ସ୍ୱା- କ୍ଷମତାପ୍ରାପ୍ତ ଅଧିକାରୀ

I-431

**OFFICE OF THE BLOCK DEVELOPMENT OFFICER, NILGIRI BLOCK**
Dist. Balasore, E-mail : ori-nilgiri@nic.in

**TENDER**

A tender notice of Bid Identification No. 08 / 2025-26/Nilgiri/08 has been published on website **www.tendersorissa.gov.in & https://balasore.odisha.gov.in.** Bidders are requested to visit the above website for more information and are advised to exercise due care and caution while submitting applicants of enlistment.

Sd/- Block Development Officer
Nilgiri, Balasore

OIPR : 19177/11/0006/2526

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 15/12/2025 I, Satyasingh Nayak, Address At: Sarumaha, Simanbadi, Po: Simanbadi, Ps: Daringbadi, District: Kandhamal, Odisha, Pin Code: 762104 declare that I have changed the name of my son from **Santi Mansheed Singh** to **Mansheed Nayak**. Henceforth, he shall be known as **Mansheed Nayak** for all purposes.

Satyasingh Nayak

**AFFIDAVIT**

By virtue of an affidavit sworn before Executive Magistrate, Pattamundai, Kendrapara, Odisha, dated 24-11-2025 Soumya Kanti Dash Address At-Matia, Po-Khadianta Ps-Pattamundai Dist-Kendrapara declare that I have changed my name Soumya Kanta Dash to Soumya Kanti Dash henceforth I shall be known as Soumya Kanti Dash for all purposes.

Soumya Kanti Dash (New Name)

B-871

**GOVERNMENT OF ODISHA**

Email : sernbphulbani@gmail.com

**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI.**

Letter No. 2084 Dated. 19.12.2025

1st Corrigendum to EOI Identification No. CCEPLBC-01/2025-26

Expression of Interest

The following changes are made to EOI Identification No. CCEPLBC-01/2025-26 vide No. 2037 dt. 10.12.2025.

1. Letter of invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from 10:30 A.M of 29.12.2025 to 4:00 P.M of 27.01.2026 Further details with any addendum, corrigendum and cancellation can be seen from www.tendersodisha.gov.in.
2. Expression of Interest (EOI) shall be received only "On-line" latest by 4:00 P.M on 27.01.2026.
3. Proposals received "On-line" shall be opened at 11:00 A.M. on 28.01.2026 in the Office of the Chief Construction Engineer, Phulbani (R&B) Circle, Phulbani-762001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd/- Chief Construction Engineer
Phulbani (R&B) Circle, Phulbani

OIPR : 34129/11/0034/2526

T-117

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 22/12/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0212/2526

**OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR**
AT/P.O: Rajnagar, Dist: Kendrapara-754225, Phone: 06729-242460,
Control Room: 06729-242463, E-mail ID: dfo.rajnagarwl@odisha.gov.in
BID IDENTIFICATION NO- DFO MFD-Construction/01/1F(Accts.)/Tender/497/ Dated. 18/12/2025
Dated, Rajnagar the 18th December, 2025

MM-408

**Tender Call Notice**

| | |
|---|---|
| Name of work: | Construction of Civil Works for Malkhana at Sansarphal of Rajnagar WL Range under Mangrove Forest Division (WL) Rajnagar during the FY-2025-26 |
| Total No. of Works | 01 no. |
| Estimated Cost | Rs. 12.41532 Lakh excluding GSTs |
| Period of completion | Three Calendar Months |
| Date of availability of bid Documents in portal and Office : | Tender Document will be available in the O/o the Divisional Forest Officer, Mangrove Forest Division (WL) Rajnagar on payment of cost of Tender Document in shape of non-refundable Bank Draft in favour of Divisional Forest Officer, Mangrove Forest Division (WL) Rajnagar payable at Rajnagar from 11.00 AM of 19.12.2025 to 5.00 PM of 01.01.2026 or download from the https://odishaforest.in or https://forest.odisha.gov.in & https:// wildlife. odisha.gov.in |
| Last date/time for receipt of bids | Up to 05.00 PM of 01.01.2026 |

a. Further, details can be seen from the portal https://forest.odisha.gov.in or https://odishaforest.in
b. The addendum / Corrigendum if any will be hosted in the website only.
c. The undersigned reserves the right to accept / reject any or all Tender without assigning any reason thereof.

Sd/- Divisional Forest Officer
Mangrove Forest Division (Wildlife) -Rajnagar

OIPR : 08053/11/0049/2526

**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL : BARGARH**
AT/PO/DIST : BARGARH, PIN-768028
No. 5356 / Date. 18.12.25

C-1831

**Tender Call Notice**

The Executive Officer, Bargarh Municipality on behalf of Municipality invites bid in offline mode.

1. Nature of Work : Civil Work
2. No. of works : 10 (TEN) Nos
3. Estimate Cost : Rs. 4,30,674/- to 4,98,319/-
4. Class of Contractor : "C" or "D" Class
5. Date & Time of availability of Tender Paper in the office during office hours : 10.00 AM on dt.18-12-2025 up to 11.00 A.M.
6. Original Bids document received shall be : Before 1.00 PM on dt. 26.12.2025
7. Bid opening Date : Dt. 26.12.2025 at 3.00 P.M.

The details of the tender can be obtained from Works section of Bargarh Municipality during office hours.

Sd/- Executive Officer
Bargarh Municipality

OIPR : 13103/11/0022/2526

**ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**

Together, Let us light up our lives

ପ୍ଲଟ୍ ନମ୍ବର ୪, ଚୁନୋକୋଲି, ଶୈଳଶ୍ରୀ ବିହାର, ଭୁବନେଶ୍ୱର -୭୫୧୦୨୧,
ଟେଲିଫୋନ୍ ନମ୍ବର ୨୭୨୧୦୪୮, ୨୭୨୧୦୪୯
ଇ-ମେଲ୍: oerc@odisha.gov.in / orierc@gmail.com, ୱେବସାଇଟ୍: www.orierc.org

**ସର୍ବସାଧାରଣ ବିଜ୍ଞପ୍ତି**

ମାମଲା ନମ୍ବର ୧୨୭/୨୦୨୫

ବିଷୟ : LT ଉପଭୋକ୍ତାଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ୍ (Opern Access) ଶୁଳ୍କ, ସରଚାର୍ଜ ର ଅନୁମୋଦନ ପାଇଁ ଟିପିଏନଓଡିଏଲର ଏକ ଆବେଦନ ।

ମେସର୍ସ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (**TPNODL**) ବିଦ୍ୟୁତ ଅଧିନିୟମ, ୨୦୦୩ ର ଧାରା ୪୨ ଓ ଓଇଆରସି (ଅନ୍ତ–ରାଜ୍ୟ ଓପନ ଆକ୍ସେସର ସର୍ତ୍ତାବଳୀ) ନିୟମାବଳୀ ୨୦୨୦ ଅନୁଯାୟୀ ରାଜ୍ୟ ଭିତରେ ସାଧାରଣ ବିତରଣ ବ୍ୟବସ୍ଥା ଏବଂ ଓଇଆରସି (ଗ୍ରୀନ୍ ଏନର୍ଜି ଓପନ ଆକ୍ସେସ୍ ଜରିଆରେ ନବୀକରଣୀୟ ଏନର୍ଜି ର ବିକାଶ)ର ଅଧିନିୟମ ୨୦୨୩ରେ ବ୍ୟବହାର କରୁଥିବା ଏଲଟି ଓପନ ଆକ୍ସେସ ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬–୨୭ ନିମନ୍ତେ ଓପନ ଆକ୍ସେସ ଶୁଳ୍କର ଅନୁମୋଦନ ପାଇଁ ଏକ ଆବେଦନ ଦାଖଲ କରିଛି ।

ଉପରୋକ୍ତ ଆବେଦନର ନକଲ କମିଶନଙ୍କ ୱେବସାଇଟ୍ (www.orierc.org) କିମ୍ବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ୱେବସାଇଟ (www.tpnodl.com) ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା କମିଶନଙ୍କ କାର୍ଯ୍ୟାଳୟରୁ ୧୦୦ ଟଙ୍କା (ଏକ ଶହ ଟଙ୍କା) ମୂଲ୍ୟ ଦେଇ ଫଟୋକପି ପ୍ରାପ୍ତ କରାଯାଇପାରିବ । କମିଶନ ଏହି ବିଷୟକୁ କେସ୍ ନମ୍ବର ୧୨୪/୨୦୨୫ ରେ ଆବେଦନକାରୀଙ୍କ ଆର୍ଥିକ ବର୍ଷ ୨୦୨୬–୨୭ ପାଇଁ ARR ଏବଂ RST ଆବେଦନ ସହିତ ଏକ ସାର୍ବଜନୀନ ଶୁଣାଣୀ ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଶୁଣାଣୀର ତାରିଖ ଏବଂ ସ୍ଥାନ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ସଂଗଠନ ସେମାନଙ୍କର ମତାମତ/ପରାମର୍ଶ/ଆପତ୍ତି ସତ୍ୟପାଠ ସହ ୧୬.୦୧.୨୦୨୬ ସୁଦ୍ଧା କମିଶନଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀ ଟିପିଏନଓଡିଏଲ୍‌କୁ ପ୍ରଦାନ କରିବେ । ଟିପିଏନଓଡିଏଲ୍ ଏହି ଆପତ୍ତି/ପରାମର୍ଶର ଜବାବ ତା. ୨୭.୦୧.୨୦୨୬ ରିଖ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥାକୁ ଏକ ନକଲ ପ୍ରଦାନ ସହ ଦାଖଲ କରିବ ।

ତା : ୧୭.୧୨.୨୦୨୫

କମିଶନଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା/- ସଚିବ

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, JHARSUGUDA KENDU LEAF DIVISION**
A T/P.O-BADMAL, JHARSUGUDA, PIN-768202
Mob-8280342658, Email-dfoklisd@gmail. com.
BID IDENTIFICATION No. DFOKL/JSG-03 of 2025-26.
Office Order No. 140 Dated.18.12.2025

MM-412

**E-procurement notice**

No. 03 Dated- 18.12.2025

The Divisional Forest Officer, Jharsuguda K.L. Division, on behalf of Governor of Odisha, invites Percentage Rate bids in Single cover /Double cover System in ONLINE MODE.

1. Nature of work :- Construction of Forest Guard Quarters
2. Tender Cost :- Rs. 6000/-+ GST
3. Class of Contractor :- "C" & "D" class Contractors
4. Availability of bid document in the website. :- 18:00 Hours of 19.12.2025 to 18:00 in Hours of 27.12.2025.
5. Date of Opening of Tenders :- 11:30 Hours on dt.29.12.2025.
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.

Sd/- (Salvinder Singh, OFS-1 (SB)
Divisional Forest Officer
Jharsuguda K.L. Division

OIPR : 08054/11/0030/2526


# ଧରାହେଲା ଆହତ ଦନ୍ତା

ବାରଙ୍ଗ ,(ସବ୍ୟ): ଦୁଇ ଦିନ କସରତ ପରେ ଶେଷରେ ଧରା ହେଲା ଆହତ ଦନ୍ତା ହାତୀ । ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ଧରାହେବା ପରେ ହାତୀର ପ୍ରାଥମିକ ଚିକିତ୍ସା କରାଯାଇ ପୁଣି ଜଙ୍ଗଲୁ ଛଡା ଯାଇଛି । ପ୍ରତିଦିନ ହାତୀକୁ ଟ୍ରାଙ୍କୁଲାଇଜ ସାହାଯ୍ୟରେ ଇଞ୍ଜେକସନ ଦିଆଯାଇ ହାତୀର ଚିକିତ୍ସା ଜାରି ରହିବ ବୋଲି ସୂଚନା ମିଳିଛି । ସୂଚନା ଯୋଗ୍ୟ ଯେ ,ଚନ୍ଦକା ଡମପଡା ଅଭୟାରଣ୍ୟର ଭାଲୁଙ୍କା ଗ୍ରାମ ନିକଟ ଜଙ୍ଗଲରେ ଏହି ଦନ୍ତା ବୁଲାବୁଲି କରୁଥିବା କେତେକ ଗ୍ରାମ ବାସୀ ଦେଖିବାକୁ ପାଇଥିଲେ ।ଫସଲ ନଷ୍ଟ କରିବା ଉଦେଶ୍ୟରେ ହାତୀଟିକୁ ଘଉଡ଼େଇବା ପାଇ ସ୍ଥାନୀୟ ଲୋକମାନେ ଚେଷ୍ଟା କରିଥିଲେ । ହେଲେ ଦନ୍ତାହାତୀଟି ସେଠାରୁ ଅଳ୍ପ ବାଟ ଯାଇଥିଲେ ମଧ୍ୟ ଦୂରକୁ ଯାଇପାରିନଥିଲା । ସ୍ଥାନୀୟ ଲୋକ ବନବିଭାଗକୁ ସୂଚନା ଦେଇଥିଲେ । ସୂଚନା ପାଇ ବନ ବିଭାଗ ହାତୀ କୁ ଧରିବା ପାଇଁ ଡ୍ରୋନ ସାହାଯ୍ୟରେ ହାତୀ ଗତିବିଧି ଉପରେ ନଜର ରଖିଥିଲେ । ହାତୀ ର ବାମପେଣ୍ଡା ତଳଗୋଡ ଫୁଲି ରହିଥିବା ଜାଣିବାକୁ ପାଇଥିଲେ ।ଗୁରୁବାର ଦିନ ହାତୀକୁ ଧରି ଚିକିତ୍ସା କରିବା ପାଇଁ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ । ଏବଂ ଜଣେ ଫରେଷ୍ଟର ଆହତ ମଧ୍ୟ ହୋଇଥିଲେ । ଶୁକ୍ରବାର ଦିନ ତମାମ ହାତୀ କୁ ଧରିବା ପାଇଁ ପ୍ରଚେଷ୍ଟା ଜାରିରଖିଥିଲେ ବନବିଭାଗ । ଶେଷରେ ଅପରାହ୍ନ ରେ ହାତୀକୁ ଧରି ଓୟୁଏଟି ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଡାକ୍ତରୀ ଦଳ ପହଞ୍ଚି ହାତୀର ଚିକିତ୍ସା କରି ପୁଣି ଜଙ୍ଗଲ କୁ ଛାଡିଥିଲେ । ପ୍ରତିଦିନ ହାତୀକୁ ଟ୍ରାଙ୍କୁଲାଇଯ କରି ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି ।

# ଚୋରା ବାଲି ଗାଡି ଜବତ

ବାଙ୍କୀ ,(ସବ୍ୟ) :ଗତ କିଛି ଦିନ ଧରି ଚୋରା ବାଲି ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି । ବାଙ୍କୀ ତହସିଲ ଅନ୍ତର୍ଗତ ତେନ୍ତୁଳିଆ, ଓସ୍ତିଆ ର ରଜୀବ ଅଞ୍ଚଳ ରେ ବାଲି ମାଫିଆମାନେ ଚୋରାରେ ମହାନଦୀ ନଦୀବନ୍ଧ କାଟି ଘାଟ ଖୋଲି ଦୈନିକ ଶହ ଶହ ଟ୍ରିପ ବାଲି ଚାଲାଣ କରୁଥିବାର ଅଭିଯୋଗ ହୋଇ ଆସୁଅଛି । ଶୁକ୍ରବାର ସକାଳୁ ବୈଦେଶ୍ୱର୍ ପୋଲିସ ଚଢ଼ାଉ କରି ଓଡି -୦୫-ଏ ବି -୪୦୯୪ ନମ୍ବର ବାଲି ବୋଝେଇ ଟ୍ରାକଟର ଜବତ କରିଥାନାରେ ଅଟକ ରଖିଛି । ଚୋରାରେ ଚାଲୁଥିବା ଘାଟ ଓ ଚୋରା ଘାଟରୁ ବାଲି ଚାଲାଣ କରୁଥିବା ଗାଡ଼ିକୁ ଜବତ କରା ଯିବ ବୋଲି ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ।

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ନବୀନଙ୍କୁ ଭେଟିଲେ ହିଞ୍ଜିଳି ମ୍ୟୁନିସିପାଲିଟିର ବିଜେଡି ନେତା ଓ କର୍ମୀ

## ବୈମାତୃକ ମନୋଭାବ ଓ ଆଇନ ଶୃଙ୍ଖଳାରେ ପକ୍ଷପାତିତା ନେଇ ଆଣିଲେ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ): ଗତକାଲି ଶେରଗଡ଼ ବ୍ଲକ ର ବିଜେଡି କର୍ମୀ ଓ ନେତା ମାନେ ସେମାନଙ୍କ ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କୁ ଭେଟି ସରକାରୀ ଉଦାସୀନତା ବିରୁଦ୍ଧରେ ଅଭିଯୋଗ ଆଣିଥିଲେ.ଆଜି ହିଞ୍ଜିଳି ମ୍ୟୁନିସିପାଲଟି ବିଜୁ ଜନତା ଦଳ ର ନେତା ଏବଂ. କର୍ମୀ ମାନେ ନବୀନ ନିବାସ ରେ ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସମାନ ଅଭିଯୋଗ କରିଛନ୍ତି.



ସରକାରୀ ଅବହେଳା ଯୋଗୁଁ ହିଞ୍ଜିଳି ମ୍ୟୁନିସିପାଲଟି ଅଞ୍ଚଳ ରେ ବିକାଶ କାମ ସ୍ଥାଣୁ ହୋଇ ଯାଇଥିବା ଓ ଆଇନ ଶୃଙ୍ଖଳା ଅଧୋଗତି ନେଇ ବିଜେଡି ନେତା ଓ କର୍ମୀ ମାନେ ନବୀନ ପଟ୍ଟନାୟକ ଙ୍କୁ ଅବଗତ କରିଥିଲେ. ହିଞ୍ଜିଳି ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଡାକ୍ତର ଓ ଷ୍ଟାଫ ଅଭାବ ଯୋଗୁଁ ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି ।

ମ୍ୟୁନିସିପାଲିଟି ରେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ. ଯୋଗ୍ୟ ବ୍ୟକ୍ତିଙ୍କ ରାସନ କାର୍ଡ଼ ଓ ଭତ୍ତା ମନମୁଖୀ ଭାବରେ କାଟି ଦିଆଯାଉଛି । ଅଭିଯୁକ୍ତ ନିର୍ଭୟରେ ବୁଲୁଥିବା ବେଳେ ଅଭିଯୋଗ କରୁଥିବା ଲୋକ ନାମରେ କେସ୍ କରାଯାଉଛି । ଦଳୀୟ ମନୋଭାବ ନେଇ ପୋଲିସ ପ୍ରଶାସନ ର କାମ ଯୋଗୁଁ ସାଧାରଣ ଲୋକ ଥାନା କୁ ଯିବାକୁ ଭୟ କରୁଛନ୍ତି । ଏଭଳି ଅନେକ ଅଭିଯୋଗ ସମ୍ପର୍କ ରେ ବିଜେଡି ନେତା କର୍ମୀ ମାନେ ନବୀନ ପଟ୍ଟନାୟକଙ୍କୁ ଅବଗତ କରିବା ସହ ତାଙ୍କର ହସ୍ତକ୍ଷେପ ଲୋଡ଼ିଥିଲେ। ଶ୍ରୀ ପଟ୍ଟନାୟକ ଏ ସବୁ ଅଭିଯୋଗ ବିଷୟ ରେ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ଏବଂ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିକାଶ ଓ ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ଦିଗରେ କାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ସମୟ ରେ ବିରୋଧୀ ଦଳ ନେତା ଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର ଙ୍କ ସମେତ ହିଞ୍ଜିଳି ମୁନିସିପାଲିଟି ର ମଷବସକ୍କଙ୍କବଭ ସୁବାସ ପଲେଇ. ରୋଗୀ କଲ୍ୟାଣ ସମିତି ସଭାପତି ନୀଳମଣି ପଟ୍ଟନାୟକ, ହୃଦାନନ୍ଦ ମହାପାତ୍ର ,ମନୋଜ ପଲେଇ ଶୋଭା ମହାରଣା ଉପସ୍ଥିତ ଥିଲେ. ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସିମାଞ୍ଚଳ ମହାରଣା ବିରୋଧୀ ଦଳ ନେତାଙ୍କ ଉପସ୍ଥିତି ରେ ବିଜେଡି ରେ ଯୋଗ ଦେଇଥିଲେ ।

## ସରକାର ଶ୍ରମିକମାନଙ୍କର କାମ ମାଗିବା ଅଧିକାରକୁ ବନ୍ଦ କରିଦେଲେ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଭାରତ ବର୍ଷର ଶ୍ରମିକମାନଙ୍କୁ ତାଙ୍କର ସମ୍ମାନ ସହ ବଞ୍ଚିବାର ଅଧିକାରକୁ କଂଗ୍ରେସ କେନ୍ଦ୍ରରେ ସରକାରରେ ୨୦୦୫ ମସିହାରେ ଥିଲା ବେଳେ ସାମ୍ବିଧାନିକ ଅଧିକାର ଦେଇଥିଲା । ୨୦୦୫ ମସିହା ଅଗଷ୍ଟ ମାସ ୨୩ ତାରିଖ ଦିନ ଲୋକସଭାରେ ଜାତୀୟ ଗ୍ରାମିଣ ନିଶ୍ଚିତ କ୍ରମନିଯୁକ୍ତି ଯୋଜନା ବିଲ ଲୋକସଭାରେ ପାରିତ ହୋଇଥିଲା ଏବଂ ୨୦୦୬ ମସିହାରେ ଏହା ଆଇନରୂପରେ କାର୍ଯ୍ୟକାରୀ କରାଗଲା । ୨୦୦୯ ମସିହାରେ ନରେଗା ନାମ ପରିବର୍ତ୍ତନ କରାଯାଇ ମନରେଗା କରାଯାଇଥିଲା । ଏହି ଆଇନ ବଳରେ ଭାରତବର୍ଷର ଶ୍ରମିକମାନେ ପ୍ରତିବର୍ଷ ୧୦୦ ଦିନର କାମ ତାଙ୍କ ନିଜ ଅଞ୍ଚଳରେ ରହି ପାଇବାପାଇଁ ତାଙ୍କୁ ଗ୍ୟାରେଣ୍ଟି ପ୍ରଦାନ କରାଯାଇଥିଲା । ଏହି ଆଇନ ବଳରେ ଜଣେ ଶ୍ରମିକ ସେ ମହିଳା ହେଉ କି ପୁରୁଷ ହେଉ କାମ ମାଗିବାର ୧୫ ଦିନ ମଧ୍ୟରେ ତାଙ୍କୁ କାମ ପ୍ରଦାନ କରାଯାଉଥିଲା ଯଦି କାମ ତାଙ୍କୁ ପ୍ରଦାନ କରାଯାଇ ପାରୁନଥିଲା ତାହାଲେ ତାଙ୍କୁ ଭତ୍ତା ପ୍ରଦାନ କରାଯାଉଥିଲା । ଅର୍ଥାତ କାମ ଯୋଗାଇବା ସରକାରଙ୍କର ଦାୟିତ୍ୱ କାମ କରିବା ତାର ଅଧିକାର । ମନରେଗା ଭାରତବର୍ଷର କୋଟି କୋଟି ଶ୍ରମିକମାନଙ୍କୁ ରୋଜଗାର କରିବାରେ ସାହାଭରଷା ହୋଇଥିଲା । ଶ୍ରମିକମାନଙ୍କର ବଞ୍ଚିବାର ଅଧିକାରକୁ ମନରେଗା ସଂପୂର୍ଣ୍ଣରୂପେ ପୂରଣ କରୁଥିଲା । ଏହି ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନୁସାରେ ପଞ୍ଚାୟତ ସ୍ଥିର କରୁଥିଲା ନିଜ ଅଞ୍ଚଳରେ କେଉଁସବୁ କାର୍ଯ୍ୟ କରାଯିବ ବିଶେଷ କରି ଗ୍ରାମାଞ୍ଚଳରେ ପୋଖରୀ ଖୋଳିବା ଠାରୁ ଆରମ୍ଭ କରି ରାସ୍ତା ଓ କୂଅ ଖୋଳିବା ପର୍ଯ୍ୟନ୍ତ କାମ କରାଯାଉଥିଲା । ଏହାଦ୍ୱାରା ଗ୍ରାମାଞ୍ଚଳରେ ଗ୍ରାମ୍ୟଭିତ୍ତିକ ସମ୍ପତ୍ତି ସୃଷ୍ଟି କରାଯାଉଥିଲା । ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜାନରେ କେନ୍ଦ୍ର ସରକାର ସମସ୍ତ ମଜୁରି ଖର୍ଚ୍ଚ ବହନ କରିବା ସହିତ ମେଟେରିଆଲ ଦାମର ୭୫ ପ୍ରତିଶତ ଖର୍ଚ୍ଚ କରୁଥିଲେ । ଏହି ଯୋଜନା ଏକ ଡିମାଣ୍ଡ ବେସଡ ବା ଚାହିଦା ଅନୁସାରେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଥିଲା ଅର୍ଥାତ ଏହି ଯୋଜନାର ବଜେଟ ପରିମାଣ ଯାହା ହୋଇଥିଲେ ମଧ୍ୟ ଯଦି ଖର୍ଚ୍ଚ ବଜେଟ ପରିମାଣ ଠାରୁ ଅଧିକ ହେଉଥିଲେ ତାକୁ ମଧ୍ୟ କେନ୍ଦ୍ର ସରକାର ଦେଉଥିଲେ । କିନ୍ତୁ ନରେନ୍ଦ୍ର ମୋଦିଙ୍କ ସରକାର ଏହି ଆଇନର ପରିବର୍ତ୍ତନ କରି ଶ୍ରମିକ ମାନଙ୍କର ସାମ୍ବିଧାନିକ ଅଧିକାରକୁ ଛଡ଼ାଇନେଲେ । ଯେଉଁ ନୂଆ ଯୋଜନାକୁ ପ୍ରଣୟନ କଲେ ତାର ନାମ କରଣ ବିକଶିତ ଭାରତ ଗ୍ୟାରେଣ୍ଟି ରୁରାଲ ଆଜିଭିକା ମିଶନ-ଗ୍ରାମୀଣ କରାଗଲା । ମହାତ୍ମା ଗାନ୍ଧୀଙ୍କର ନାମକୁ ଏହି ଯୋଜନାରୁ କାଟିଦିଆଗଲା ଭାରତବର୍ଷର ଜାତିର ପିତାଙ୍କୁ କାହିଁକି ନରେନ୍ଦ୍ର ମୋଦି ସରକାର ବିଜେପି ଦଳ ଓ ଆରଏସଏସ ଏତେ ଘୃଣା କରୁଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି ପ୍ରଶ୍ନ କରିଛନ୍ତି । କେନ୍ଦ୍ର ମୋଦି ସରକାର ପାର୍ଲିଆମେଣ୍ଟରେ ଯେଉଁ ବିକଶିତ ଭାରତ ନିଶ୍ଚିତ ରୋଜଗାର ଅଜିବିକା-ଗ୍ରାମିଣ ବିଲ ଲୋକସଭାରେ ପାରିତ କଲେ ଏହି ବିଲର ନୂଆ ନିୟମ ଅନୁସାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଅଂଶଧନ ଦେବେ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ ଅଂଶଧନ ଦେବେ ରାଜ୍ୟର ପରିଚାଳନାଗତ ଖର୍ଚ୍ଚକୁ ହିସାବକୁ ନେଲେ ଏହା ୫୦ ପ୍ରତିଶତ ପାଖାପାଖି ହୋଇଯିବ । ଏହି ନୀୟମ ଅନୁସାରେ କୃଷି ଉତ୍ପାଦନ ଓ ବେଉଷଣ ସମୟରେ ୬୦ ଦିନ ନିଯୁକ୍ତିକୁ ପ୍ରଦାନକୁ ସ୍ଥଗିତ ରଖାଯିବ ଯାହାକି ମନରେଗାରେ ଏହି ନୀୟମ ନଥିଲା । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ ।

### ୨୦ରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ଓ ପ୍ରସାର ନିମିତ୍ତ ସମର୍ପିତ ଅନୁଷ୍ଠାନ "ସଙ୍ଗୀତ ସାଧକ ପରିଷଦ" ଭୁବନେଶ୍ୱର ଦ୍ୱାରା ୨୦ତାରିଖରେ ସ୍ଥାନୀୟ ଜୟଦେବ ଭବନଠାରେ ଏକଦିବସୀୟ ମନୋଜ୍ଞ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବର ଆୟୋଜନ କରାଯାଇଅଛି । ଏହି ଉତ୍ସବରେ ଓଡ଼ିଶାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତର ପ୍ରଚାର, ପ୍ରସାର ଓ ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଶ୍ରେଷ୍ଠ ସଙ୍ଗୀତ ସାଧକ ଓ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ସହ ବହୁ ଉଦୀୟମାନ ଯୁବ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଭା ମାନଙ୍କର ଶାସ୍ତ୍ରୀୟ କଣ୍ଠ ଓ ଯନ୍ତ୍ର ସଙ୍ଗୀତର ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଅଛି । ବିଶେଷ କାର୍ଯ୍ୟକ୍ରମ ରୂପେ ଅନୁଷ୍ଠାନ ଦ୍ୱାରା ଗ୍ରାମୀଣ ତଥା ଆଦିବାସୀ ଅଞ୍ଚଳରେ ସମାଜ ସେବା ଏବଂ ଶିକ୍ଷାର ପ୍ରଚାର କ୍ଷେତ୍ରରେ ସମଗ୍ର ଜୀବନ ସମର୍ପିତ କରିଥିବା ଦୁଇ ଜଣ ଆଦର୍ଶ ସମାଜସେବୀଙ୍କୁ "ସ୍ୱର୍ଗୀୟ ପଣ୍ଡିତ ଦୁର୍ଯ୍ୟୋଧନ ଶତପଥୀ ସମାଜସେବା ସମ୍ମାନ" ଏବଂ ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀ ଦମ୍ପତି "ପ୍ରଭାତିପ୍ରାଣନାଥ ସମ୍ମାନ" ଦ୍ୱାରା ସମ୍ମାନିତ କରାଯିବ । ଏହି ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ଅପରାଜିତା ଷଡଙ୍ଗୀ, ବିଧାୟକ ଓମ ପ୍ରକାଶ ମିଶ୍ର, ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଡଃ. ଅରୁଣା ମହାନ୍ତି ଏବଂ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ ମହୋଦୟଙ୍କର ଯୋଗଦାନର କାର୍ଯ୍ୟକ୍ରମ ରହିଛି ।

## ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଷ୍ଟେଟ୍ କନଭେନସନ୍ ସେଣ୍ଟରରେ ଆଞ୍ଚଳିକ ଏଆଇ ଇମ୍ପାକ୍ଟ କନଫରେନ୍ସ ଉଦଘାଟିତ ହୋଇଛି । ପ୍ରଶାସନ, ବିକାଶ ଏବଂ ଜନକଲ୍ୟାଣ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଥିବା ଏହି ଦୁଇ ଦିନିଆ ଉଚ୍ଚସ୍ତରୀୟ ସମ୍ମିଳନୀ ଆରମ୍ଭ ହୋଇଛି । ୨୦୨୬ ଫେବୃଆରୀରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ର ଆନୁଷ୍ଠାନିକ ଅଗ୍ରଦୂତ ଭାବରେ ପରିକଳ୍ପିତ ଏହି ସମ୍ମିଳନୀ ଓଡିଶାକୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ମେଘାଳୟ, ଗୁଜୁରାଟ, ତେଲଙ୍ଗାନା ଏବଂ କେରଳ ସହିତ ସ୍ଥାନିତ କରିବା ସହ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ର ଗତି ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।



ଏହି ସମାରୋହ ରେ ମୁଖ୍ୟ ଅତିଥି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଦୀପ ଶ୍ରୀବାସ୍ତବ, ଇଜିପ୍ଟର ଯୋଗାଯୋଗ ଏବଂ ଆଇଟି ମନ୍ତ୍ରାଳୟ (ଏମସିଆଇଟି) ଏଆଇ ପ୍ରଶାସନ ବିଶେଷଜ୍ଞ ଡ. ଅହମ୍ମଦ ହେଫନାୱି ଏବଂ ନିତି ଆଇଟି ଫ୍ରଣ୍ଟିୟର ଟେକ୍ ହବର ମୁଖ୍ୟ ସ୍ଥପତି ସୁଶ୍ରୀ ଦେବଜାନୀ ଘୋଷ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ପ୍ରମୁଖ ସଚିବ ବିଶାଲ ଦେବ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ମଧ୍ୟ ଏହି ସମାବେଶକୁ ସମ୍ବୋଧିତ କରିଥିଲେ। ଏକ ଭର୍ଚୁଆଲ ଅଭିଭାଷଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏଆଇ ନେତୃତ୍ୱାଧୀନ ଶାସନ ଏବଂ ନାଗରିକ କୈନ୍ଦ୍ରିକ ନବୋନ୍ମେଷ ପ୍ରତି ଓଡିଶାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଆମେ କେବଳ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗ୍ରହଣ କରୁନାହୁଁ, ଆମେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ ଓଡ଼ିଶାର ମୂଳଦୁଆ ନିର୍ମାଣ କରୁଛୁ । ଏହା ପ୍ରଶାସନକୁ ସୁଦୃଢ଼ କରିବ, ସେବା ପ୍ରଦାନର ଗତି ବଢ଼ାଇବ ଏବଂ ନାଗରିକମାନଙ୍କୁ ସଶକ୍ତ କରିବ । ଭାରତ ଏକ ଐତିହାସିକ ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଏହି ଜାତୀୟ ଆନ୍ଦୋଳନରେ ଏକ ସକ୍ରିୟ ତଥା ଉଚ୍ଚାଭିଳାଷୀ ଅଂଶୀଦାର ହୋଇଥିବାରୁ ଓଡ଼ିଶା ଗର୍ବିତ ।

ଆଞ୍ଚଳିକ ଏଆଇ ଇମ୍ପାକ୍ଟ କନଫରେନ୍ସ, ଓଡ଼ିଶା ର ଲକ୍ଷ୍ୟ ସମ୍ବନ୍ଧରେ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ଏହି ଶିଖର ସମ୍ମିଳନୀ ପାଇଁ ଆମର ଲକ୍ଷ୍ୟ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟ ଉପରେ ଦୃଢ଼ ଭାବରେ ନିହିତ । ମୁଁ ବ୍ୟକ୍ତିଗତ ଭାବରେ ସ୍ଥାନୀୟ ଭାଷା ଏଲଏଲଏମ ଉପରେ ଆମର ଧ୍ୟାନକୁ ନେଇ ଉତ୍ସାହିତ ଅଛି, ଯାହା ନିଶ୍ଚିତ କରିବ ଯେ ଟେକ୍ନୋଲୋଜି ଆଉ ଭାଷା ପ୍ରତିବନ୍ଧକ ମଧ୍ୟରେ ସୀମିତ ନୁହେଁ । " ଡ. ମହାଲିଙ୍ଗ ମଧ୍ୟ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀର ତିନୋଟି ସୂତ୍ର - ଲୋକ, ଗ୍ରହ ଏବଂ ପ୍ରଗତି ସହିତ ସମ୍ମିଳନୀର ସମନ୍ୱୟ ଉପରେ ଆଲୋକପାତ କରିଥିଲେ; ଏବଂ ସାତଟି ଚକ୍ର, ଯାହା ଏହି ନୀତିଗୁଡ଼ିକୁ ମାନବ ପୁଞ୍ଜି, ଅନ୍ତର୍ଭୂକ୍ତି, ବିଶ୍ୱାସ, ସ୍ଥିରତା, ବିଜ୍ଞାନ, ସମ୍ବଳ ଏବଂ ସାମାଜିକ କଲ୍ୟାଣ ପାଇଁ ବହୁପକ୍ଷୀୟ କାର୍ଯ୍ୟର ଠୋସ୍ କ୍ଷେତ୍ରରେ ପରିପ୍ରକାଶ କରେ । ଶ୍ରୀ ସୁଦୀପ ଶ୍ରୀବାସ୍ତବ ଭାରତର ଏଆଇ ଦୃଶ୍ୟପଟ୍ଟରେ ଓଡ଼ିଶାର ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହେବାକୁ ସ୍ୱୀକାର କରିଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସର୍ବସାଧାରଣ ସାମଗ୍ରୀ ଓ ସେବାର ଶେଷ ପର୍ଯ୍ୟନ୍ତ ବିତରଣକୁ ସୁଦୃଢ଼ କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ନେଇ ନିଜର ଆଶାବାଦ ବ୍ୟକ୍ତ କରିଥିଲେ। ଏଆଇ-ଚାଳିତ ଅଭିବୃଦ୍ଧି ଏବଂ ବିକାଶର ବିକାଶ ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଆହୁରି ଦୃଢ କରି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ପ୍ରମୁଖ ସଚିବ ବିଶାଳ ଦେବ ଓପନ୍ ଏଆଇ (ଛାତ୍ର ଏବଂ ସରକାରୀ କର୍ମଚାରୀଙ୍କ ପାଇଁ ଏଆଇ ଦକ୍ଷତା ବିକାଶକୁ ସମର୍ଥନ କରିବା ଏବଂ ପାଇଲଟ୍ ଏଆଇ ବ୍ୟବହାର ମାମଲାକୁ ସମର୍ଥନ କରିବା) ଭଳି ସଂଗଠନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଘୋଷଣା କରିଛନ୍ତି। ଉଦଘାଟନୀ ଦିବସର ଏକ ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶା ଭିଜନ ୨୦୩୬ ଇମର୍ସିଭ୍ ଏଆଇ ଜୋନ୍; ଏକ ୩୬୦ ଡିଗ୍ରୀ ଅଭିଜ୍ଞତା ଯାହା ପରିଦର୍ଶକମାନଙ୍କୁ ଏକ ଏଆଇ-ସକ୍ଷମ ଭବିଷ୍ୟତର ଏକ ଆକର୍ଷଣୀୟ ଝଲକ ପ୍ରଦାନ କରିଥିଲା। ଏହି ସମ୍ମିଳନୀରେ ଜାତୀୟ ତଥା ଆନ୍ତର୍ଜାତୀୟ ନେତା, ନୀତି ନିର୍ମାତା, ଶିଳ୍ପଉଦ୍ୟୋଗୀ , ଗବେଷକ, ଶିକ୍ଷାବିତ୍ ଏବଂ ନାଗରିକ ସମାଜ ଏବଂ ନୀତି ଚିନ୍ତାଧାରାର ପ୍ରତିନିଧୀମାନେ ଅଂଶଗ୍ରହଣ କରିଛନ୍ତି ।

## ସିମେଣ୍ଟ ମାନୁଫାକ୍‌ଚରର୍ସ ଆସୋସିଏସନ ପ୍ରେସିଡେଣ୍ଟ ହେଲେ ପାର୍ଥ ଜିନ୍ଦଲ

ଭୁବନେଶ୍ୱର (ସବ୍ୟୁ): ଭାରତରେ ସିମେଣ୍ଟ ଉତ୍ପାଦନକାରୀମାନଙ୍କର ଶୀର୍ଷ ପରିଷଦ ସିମେଣ୍ଟ ମାନୁଫାକ୍‌ଚରର୍ସ ଆସୋସିଏସନ (ସିଏମ୍‌ଏ) ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ପାର୍ଥ ଜିନ୍ଦଲଙ୍କୁ ସିଏମ୍‌ଏର ନୂତନ ପ୍ରେସିଡେଣ୍ଟ ଭାବରେ ଚଳିତ ବର୍ଷ ଡିସେମ୍ବର ୧୮ ତାରିଖରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ଘୋଷଣା କରିଛି। ଜେ କେ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଡ. ରାଘବପତ୍‌ସିଂ ଘାଣିଆ ଆସୋସିଏସନର ଭାଇସ୍ ପ୍ରେସିଡେଣ୍ଟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଜିନ୍ଦଲ ବିଦାୟୀ ପ୍ରେସିଡେଣ୍ଟ ତଥା ଶ୍ରୀ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ



ଡାଇରେକ୍ଟରଙ୍କ ନିକଟରୁ ନୂତନ ପ୍ରେସିଡେଣ୍ଟ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଏମ୍‌ଏ ସଦସ୍ୟଗଣ ସର୍ବସମ୍ମତ କ୍ରମେ ନୂତନ ପ୍ରେସିଡେଣ୍ଟ ଓ ଭାଇସ୍ ପ୍ରେସିଡେଣ୍ଟଙ୍କ ନାମରେ ମୋହର ମାରିବା ସହିତ ଆସୋସିଏସନର ନେତୃତ୍ୱ ନେବାରେ ଏହି ଦୁଇ ବ୍ୟକ୍ତିତ୍ୱଙ୍କ ଉପରେ ସେମାନଙ୍କର ଆସ୍ଥା ପୁନଃ ଦୃଢତାର ସହିତ ପ୍ରକଟ କରିଥିଲେ। ସିଏମ୍‌ଏ ଇତିହାସରେ ପ୍ରଥମ ଥର ପାଇଁ ଆସୋସିଏସନ ଯୁବ ପିଢ଼ିର ପ୍ରେସିଡେଣ୍ଟ ଓ ଭାଇସ୍‌ପ୍ରେସିଡେଣ୍ଟଙ୍କ ଦ୍ୱାରା ପରିଚାଳିତ ହେବ, ଯେଉଁମାନଙ୍କର ପ୍ରଗତିଶୀଳ ଦୂରଦୃଷ୍ଟି ଏବଂ ବିକାଶକାରୀ ଚିନ୍ତାଧାରାଗୁଡ଼ିକ ସିଏମ୍‌ଏକୁ ଏବଂ ଏହାର ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀକୁ ସୁଦୃଢ଼ କରିବ।

## ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୪ତମ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ଗତ ୧୭ତାରିଖ ପୂର୍ବାହ୍ନ ୮ଟା ୩୦ମିନିଟ୍ ସମୟରେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୪ତମ ଜୟନ୍ତୀ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସ୍ଥାନୀୟ ପାୱାର ହାଉସ ଛକରେଥିବା ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଉପସଭାପତି ସୁରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ଚାରଣରେ ବକ୍ତାମାନେ ମହାରାଜଙ୍କୁ ପ୍ରଜାବତ୍ସଳ ଏବଂ ଓଡ଼ିଶା ରାଜ୍ୟ ଗଠନର ଜଣେ ପ୍ରମୁଖ କାଣ୍ଡାରି ଭାବରେ ପ୍ରତିପାଦନ କରି ସେ ତାଙ୍କ ପ୍ରଜାମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳ ସେଚନ ଏବଂ ନ୍ୟାୟିକ ବ୍ୟବସ୍ଥାରେ ଆଣିଥିବା ସଂସ୍କାର ମୂଳକ ପଦକ୍ଷେପ ଉପରେ ବର୍ଣ୍ଣନା କରିଥିଲେ। ସେ ସମଗ୍ର ଓଡ଼ିଆ ଜାତିର ଉନ୍ନତିକଳ୍ପେ କାର୍ଯ୍ୟକରିବାକୁ ୧୯୦୩ ମସିହାରେ ଗଠନ ହୋଇଥିବା ଉତ୍କଳ ସମ୍ମିଳନୀର ସଭାପତି ପଦ ପ୍ରଥମେ ଅଳଙ୍କୃତ କରିବାର ସୌଭାଗ୍ୟ ଲାଭ କରିଥିଲେ ଯାହା ତାଙ୍କୁ ଆଜି ପର୍ଯ୍ୟନ୍ତ ବହୁ ସମ୍ମାନର ଅଧିକାରୀ କରିପାରିଛି। ସଭାରେ ବକ୍ତାମାନେ ତାଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବରେ ବର୍ଣ୍ଣନା କରିଥିଲେ, ହେଲେ ତାଙ୍କ ପରବର୍ତ୍ତୀ କାଳରେ ତାଙ୍କ ମୟୂରଭଞ୍ଜ ଅଞ୍ଚଳ ଯଥୋଚିତ ଭାବରେ ଓଡ଼ିଶାରେ ସ୍ଥାନିତ ହୋଇପାରିନଥିବାରୁ ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସଭାରେ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱୟରେ ଅନ୍ୟମାନଙ୍କ ମଧ୍ୟରେମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ତ୍ରିପାଠୀ, ଉପସଭାପତି ପ୍ରାକ୍ତନ ଅଧ୍ୟକ୍ଷ ଡ଼ା. କାଶୀନାଥ ରଥ, ପ୍ରଦୀପ୍ତ ମହାରଣା, ସନ୍ତୋଷ କୁମାର ରାଉତ, ସମ୍ପାଦକ ଡ଼ା. ବାନାମ୍ବର ପରିଡ଼ା, କାର୍ଯ୍ୟନିର୍ବାହୀ ସଦସ୍ୟ ଇଂ.ଜିତେନ୍ଦ୍ର କୁମାର ପାଢ଼ୀ, ଦିନବନ୍ଧୁ ଷଡ଼ଙ୍ଗୀ, ଯୁଗଳ କିଶୋର ନାୟକ, ସବ୍ୟସାଚୀ ସାମନ୍ତରାୟ, ଶିରିଶ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

### ଜେସିବି ଇଣ୍ଡିଆ ଏକ୍ସକନ୍ ୨୦୨୫ରେ ଏହାର ସର୍ବବୃହତ

## ୫୨ଟନ୍ ଓଜନର ଏକ୍ସକାଭେଟର ଉନ୍ମୋଚନ କରିଛି

ଭୁବନେଶ୍ୱର, (ସବ୍ୟୁ) : ଜେସିବି ଇଣ୍ଡିଆ ଆଜି ଦକ୍ଷିଣ ଏସିଆର ସର୍ବବୃହତ ନିର୍ମାଣ ଉପକରଣ ପ୍ରଦର୍ଶନୀ ଏକ୍ସକନ୍ ୨୦୨୫ରେ ବୈଷୟିକ ଜ୍ଞାନକୌଶଳ ଦୃଷ୍ଟିରୁ ଉନ୍ନତ ମେସିନ୍ ଏବଂ ଡିଜିଟାଲ୍ ସମାଧାନର ଏକ ନୂତନ ପୋର୍ଟଫୋଲିଓ ଲଂଚ କରିବାକୁ ଘୋଷଣା କରିଛି। ଏହି ପ୍ରଦର୍ଶନୀ ଗ୍ରାହକଙ୍କ ଦ୍ୱାରା ପରିଚାଳିତ ଉଦ୍ଭାବନ ଏବଂ ସମନ୍ୱିତ ସହାୟତା ସମାଧାନ ଉପରେ କମ୍ପାନୀର ଅବିରତ ଧ୍ୟାନକୁ ପ୍ରତିଫଳିତ କରେ - ଯାହା ନିର୍ମାଣ ଏବଂ ଭିତିଭୂମି ଉପକରଣ କ୍ଷେତ୍ରରେ ଜେସିବିର ନେତୃତ୍ୱକୁ ଦୃଢ଼ୀଭୂତ କରେ। ଜେସିବି ଇଣ୍ଡିଆ ଏକ୍ସକନ୍ ୨୦୨୫ରେ ୧୦ରୁ ଅଧିକ ନୂତନ ଉତ୍ପାଦ ଲଂଚ୍ କରୁଛି, ଯାହା କମ୍ପାନୀର ସବୁଠାରୁ ବଡ ପ୍ରଦର୍ଶନୀ ମଧ୍ୟରୁ ଗୋଟିଏ ହେବ । ନୂତନ ଉତ୍ପାଦଗୁଡ଼ିକ ମଧ୍ୟରେ ରହିଛି ୫୨ ଟନ୍ ଓଜନର ଏକ୍ସକାଭେଟର, ଭାରତରେ ଉତ୍ପାଦିତ ଜେସିବିର ସବୁଠାରୁ ବଡ ଏକ୍ସକାଭେଟର, ଯାହା ଘରୋଇ ଏବଂ ବିଶ୍ୱ ବଜାରକୁ ରପ୍ତାନୀ କରାଯିବ, ଉନ୍ନତ ବ୍ୟାକହୋ ଲୋଡର୍ସ, ଅତ୍ୟାଧୁନିକ ଏକ୍ସକାଭେଟର ରେଞ୍ଜ (୨-୫ ଟନ୍), ଏବଂ ଅନେକ ବୈଷୟିକ ଜ୍ଞାନକୌଶଳରେ ଆଧାରିତ ଶିଳ୍ପ-



ପ୍ରଥମ ସମାଧାନ । ଏହା ଲଂଚ୍ କରିବା ସମୟରେ, ଜେସିବି ଇଣ୍ଡିଆର ସିଇଓ ଏବଂ ଏମଡି ଦୀପକ ଶେଟ୍ଟୀ କହିଛନ୍ତି, "ଏକ୍ସକନ୍ ହେଉଛି ଏକ ଫୋରମ୍ ଯାହା ଗ୍ରାହକ, ନୀତି ନିର୍ଦ୍ଧାରକ, ଠିକାଦାର, ଅର୍ଥ ଯୋଗାଣକାରୀ, ଯୋଗାଣକାରୀ ଏବଂ ପ୍ରଯୁକ୍ତିବିତଙ୍କୁ ଏକାଠି କରି ରଣନୈତିକ ସହଯୋଗ ଏବଂ ଦୀର୍ଘମିଆଦୀ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଏକ ପରିବେଶ ସୃଷ୍ଟି

## ସ୍ପଷ୍ଟ କଲା ଟିପି ଓଡ଼ିଶା ଡିସ୍‌କମ୍, ଅତିରିକ୍ତ ସିକ୍ୟୁରିଟି ଜମା ରାଶି ଆଇନସିଦ୍ଧ

ଭୁବନେଶ୍ୱର(ସବ୍ୟୁ): ବିଦ୍ୟୁତ ବିଲ୍‌ରେ ଅତିରିକ୍ତ ସିକ୍ୟୁରିଟିଜମା ରାଶି (ଏଏସଡି) ଆଦାୟ ଏକ ବିଧିବଦ୍ଧ ଆବଶ୍ୟକତା ଯାହା ବିଦ୍ୟୁତ ଆଇନ, ୨୦୦୩ ଅଧୀନରେବାଧ୍ୟତାମୂଳକ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିୟମାବଳୀ ଅନୁସରଣ କରୁଛି ବୋଲି ଟିପି ଓଡ଼ିଶା ବିଦ୍ୟୁତ ବିତରଣକାରୀ କମ୍ପାନୀଗୁଡ଼ିକ ସ୍ପଷ୍ଟଭାବେ କହିଛନ୍ତି । କୌଣସି ଡିସକମ୍ ପାଇଁ ସିକ୍ୟୁରିଟି ରାଶି (ଏସଡି) ଆଡଜଷ୍ଟମେଣ୍ଟ ଏବଂ ଅତିରିକ୍ତ ସିକ୍ୟୁରିଟି ଜମାରାଶି (ଏଏସଡି)ସମ୍ପୂର୍ଣ୍ଣ ରୂପେ ଉପଭୋକ୍ତାଙ୍କ ବିଦ୍ୟୁତ ବ୍ୟବହାର ରୂପରେଖ ଓ ରାଜ୍ୟରେ ଲାଗୁ ଶୁଳ୍କ ସହ ଯୋଡ଼ିହୋଇରହିଛି ।

ପୂର୍ବ ଆର୍ଥିକ ବର୍ଷରେ ଯେଉଁ ଉପଭୋକ୍ତାଙ୍କମାନଙ୍କ ବିଦ୍ୟୁତ ବ୍ୟବହାର ହ୍ରାସ ପାଇଛି ସେମାନଙ୍କ ବିଦ୍ୟୁତ ବିଲ୍‌ରେସିକ୍ୟୁରିଟି ଜମା ରାଶି ଆଡଜଷ୍ଟମେଣ୍ଟ ପାଇଁ ସେମାନେ ଯୋଗ୍ୟ ବିବେଚିତ ହେବେ । ସେହିପରି, ଯେଉଁ ଉପଭୋକ୍ତାମାନଙ୍କ ବିଦ୍ୟୁତ ବ୍ୟବହାର ବଢ଼ିଥିବ ସେମାନଙ୍କୁ ଅତିରିକ୍ତ ସିକ୍ୟୁରିଟି ଜମା ରାଶି ଜମା କରିବାକୁ ପଡ଼ିବ ଯାହା ନିଶ୍ଚିତ କରିବ ଯେ ନିୟାମକ ବ୍ୟବସ୍ଥା ଅନୁସାରେ ସିକ୍ୟୁରିଟି ଜମା ରାଶି ଯଥେଷ୍ଟ ପରିମାଣର ରହିଛି । ଉପଭୋକ୍ତାମାନେ ପ୍ରତିବର୍ଷ ସେମାନଙ୍କ ସିକ୍ୟୁରିଟି ଜମା ଉପରେ ସୁଧ ହାସଲ କରିବେ ଏବଂ ନିୟାମକ ବ୍ୟବସ୍ଥା ଅନୁସାରେ ସେମାନଙ୍କ ବିଦ୍ୟୁତ ବିଲ୍‌ରେ ବାର୍ଷିକ ଭିରେ ସୁଧ ରାଶି ଜମା କରାଯାଉଛି । ସିକ୍ୟୁରିଟି ଜମା ରାଶି ଓ ଅତିରିକ୍ତ ସିକ୍ୟୁରିଟି ଜମା ରାଶି ଆକାରରେ ସଂଗ୍ରହ




କରାଯାଉଥିବା ଅର୍ଥରାଶିକୁ ସୁରକ୍ଷିତ ଭାବେ ସିଡ୍ୟୁଲ୍‌ଡ ବ୍ୟାଙ୍କରେ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଭାବେ ରଖାଯାଉଛି ଯାହା ଉପଭୋକ୍ତାମାନଙ୍କ ପାଣ୍ଠିର ସମ୍ପୂର୍ଣ୍ଣ ସୁରକ୍ଷାକୁ ସୁନିଶ୍ଚିତ କରୁଛି । ସେହି ଜମାରାଶିକୁ ଡିସକମ ଗୁଡ଼ିକ ସେମାନଙ୍କ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରୁନାହାନ୍ତି ।ଯେତେବେଳେ କୌଣସି ଉପଭୋକ୍ତା ବିଦ୍ୟୁତ ସଂଯୋଗରୁ ଓହରି ଯାଆନ୍ତି କିମ୍ବା ସମର୍ପଣ କରିଦିଅନ୍ତି ସେତେବେଳେ ସିକ୍ୟୁରିଟି ଜମାରାଶିକୁ ସୁଧ ସହ ତାଙ୍କୁ ସମ୍ପୂର୍ଣ୍ଣ ଫେରାଇ ଦିଆଯାଏ । ଡିସକମ ଗୁଡ଼ିକ ପକ୍ଷରୁ ଉପଭୋକ୍ତା ମାନଙ୍କୁ ପ୍ରିପେଡ୍ ବିଦ୍ୟୁତ ସଂଯୋଗ ବିକଳ୍ପ ମଧ୍ୟ ପ୍ରଦାନ କରାଯାଉଛି ଯେଉଁଥିରେ ସିକ୍ୟୁରିଟି ଜମା କିମ୍ବା ଅତିରିକ୍ତ ସିକ୍ୟୁରିଟି ଜମା ଦରକାର ନାହିଁ ଯାହା ଅଧିକ ସୁବିଧାଜନକ ଓ ଏଭଳି ଜମା ରାଶିର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଦୂର କରୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ ସାରା ରାଜ୍ୟରେ ଉପଭୋକ୍ତାମାନଙ୍କ ବିଦ୍ୟୁତ ବିଲ୍‌ରେ ୬.୫୦ ପ୍ରତିଶତ ସୁଧହାରରେ ୨୧୭.୨୯ କୋଟି ଟଙ୍କାର ସୁଧ ସିକ୍ୟୁରିଟି ଜମାରାଶିରେ ଜମା କରାଯାଇଥିଲା ।ସିକ୍ୟୁରିଟି ଡିପୋଜିଟ୍ ଏବଂ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ସମ୍ବନ୍ଧୀୟ ନିୟମାବଳୀ କୌଣସି ନୂଆ କଥା ନୁହେଁ କିମ୍ବା ଏହା କାହାର ମନଇଚ୍ଛା ନିଷ୍ପତ୍ତି ଉପରେ ନିର୍ଭର କରେ ନାହିଁ । ଏହି ବ୍ୟବସ୍ଥା ବହୁ ଦଶନ୍ଧି ଧରି ପ୍ରଚଳନରେ ରହିଛି ଏବଂ ପୂର୍ବରୁ ଥିବା ସେସୁ, ନେସ୍କୋ, ସାଉଥକୋ ଓ ୱେସ୍କୋ ସମୟରେ ମଧ୍ୟ ତାହା ଥିଲା । ଓଡ଼ିଶାରେ ଲାଗୁହୋଇଥିବା ନିୟାମକ ବ୍ୟବସ୍ଥା ବିଦ୍ୟୁତ ନିୟମ ୨୦୦୩ ଓ ଅନ୍ୟ ରାଜ୍ୟଗୁଡ଼ିକର ବିଦ୍ୟୁତ ବଂଟନୟୁଟିଲିଟି ଅନୁସରଣ କରୁଥିବା ଅଭ୍ୟାସ ସହିତ ସମ୍ପୂର୍ଣ୍ଣ ସମନ୍ୱିତ ରହିଛି । ଏହା ହେଉଛି ନିୟାମକ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟଅଙ୍ଗ ଯାହାକୁ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା, ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ବିଦ୍ୟୁତ ବଣ୍ଟନ କ୍ଷେତ୍ରରସାମଗ୍ରିକ ସ୍ଥିରତା ସୁନିଶ୍ଚିତ କରିବାକୁ ପ୍ରସ୍ତୁତ କରାଯାଇଛି । ଯେଉଁ ଉପଭୋକ୍ତାମାନେ ଅତିରିକ୍ତ ସିକ୍ୟୁରିଟି ଜମା ରାଶି ଦାଖଲ କରିବାର ଡିମାଣ୍ଡ ନୋଟ ପାଇଛନ୍ତି ସେମାନଙ୍କୁ ନର୍ଦ୍ଧାରିତ ସମୟ ଭିତରେ ତାହା ଜମା କରିବାକୁ ପଡ଼ିବ । ବୈଧାନିକ ବ୍ୟବସ୍ଥା ଅନୁସାରେ ନର୍ଦ୍ଧାରିତ ତାରିଖ ଅତିକ୍ରମକରିଯିବା ପରେ ଦାଖଲ କରାଯାଇନଥିବା ରାଶି ଉପରେ ବାର୍ଷିକ ୧୫ ପ୍ରତିଶତ ହାରର ସରଚାର୍ଜ ଲାଗୁ କରାଯାଇଥାଏ । ଏ ସମ୍ପର୍କରେ ଟାଟା ପାୱାର ର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଗଜାନନ କାଲେ କହିଛନ୍ତି ଯେ,ପ୍ରାୟ ୧ କୋଟି ଉପଭୋକ୍ତାଙ୍କୁ ସେବା ଯୋଗାଇବା ସହ ଆମର ଉପଭୋକ୍ତା ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେଲାଗିଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ବର୍ଷର ୩୬୫ ଦିନ ୨୪ଘଣ୍ଟା ନିରନ୍ତର ବିଦ୍ୟୁତସେବା ଯୋଗାଇବା ପାଇଁ ଟାଟା ପାୱାର ଏକ ସୁଦୃଢ଼ ନିୟାମକ ବ୍ୟବସ୍ଥା ଅନୁସରଣ କରୁଛି । ସିକ୍ୟୁରିଟି ଡିପୋଜିଟ୍‌ର ବାର୍ଷିକ ସମୀକ୍ଷା ହେଉଛି ନିୟାମକଙ୍କ ଦ୍ୱାରା ନିର୍ଦ୍ଧାରିତ ଏକ ଆଇନଗତ ପ୍ରକ୍ରିୟା, ଯାହା ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷାକରିବା ସହ ବ୍ୟବସାୟିକ ନିରନ୍ତରତା ବଜାୟ ରଖିବା ପାଇଁ ପ୍ରସ୍ତୁତ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସିକ୍ୟୁରିଟି ଜମା ଉପରେ ବାର୍ଷିକ ୬.୫୦ ପ୍ରତିଶତ ସୁଧ ପ୍ରଦାନ କରାଯାଉଛି ଯାହାକୁ ଆର୍ଥିକ ବର୍ଷର ପ୍ରଥମତ୍ରୈମାସିକରେ ନିୟମିତ ବିଲ୍‌ରେ ଆଡଜଷ୍ଟ କରାଯାଉଛି । କମ୍ ବିଦ୍ୟୁତ ବ୍ୟବହାର ଭଳି ମାମଲାରେ ଅତିରିକ୍ତସିକ୍ୟୁରିଟି ଜମାକୁ ଉପଭୋକ୍ତାଙ୍କ ନିୟମିତ ବିଦ୍ୟୁତ ବିଲ୍‌ରେ ଆଡଜଷ୍ଟ କରାଯାଉଛି । ସିକ୍ୟୁରିଟି ଜମାକୁ ଫିକ୍ସଡଡିପୋଜିଟ୍ ଭାବେ ରଖାଯାଉଛି ଏବଂ ଅନ୍ୟ କୌଣସି ପରିଚାଳନା କାର୍ଯ୍ୟରେ ତାହାକୁ ବ୍ୟବହାର କରାଯାଉନାହିଁ ।

# ମୁହଁ ଖୋଲିଲେ ଶେଖ ହାସିନା

**ନୂଆଦିଲ୍ଲୀ:** ଭାରତରେ ରହି ପୁଣି ଥରେ ମୁହଁ ଖୋଲିଛନ୍ତି ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା । ନିଜ ଦେଶର ପରିସ୍ଥିତି ଉପରେ ସେ କହିଛନ୍ତି ସେଠାରେ ୧୯୭୧ର ପରିସ୍ଥିତି ଫେରିବାର ଆଶଙ୍କା ରହିଛି । ଭାରତର ଏକ ଘରୋଇ ନ୍ୟୁଜ ଚ୍ୟାନେଲ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି ଯେ ଆଜି ଆମେ ଯେଉଁ ହିଂସା ଦେଖୁଛୁ... ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା, ମହିଳାଙ୍କ ଉପରେ ଆକ୍ରମଣ ଏବଂ ଆମର ମୁକ୍ତି ସଂଗ୍ରାମର ଇତିହାସକୁ ଲିଭାଇ ଦେବାର ପ୍ରୟାସ.. ଏସବୁ ୧୯୭୧ ମସିହାର ବିଚଳିତ କରିଦେବା ଭଳି ସ୍ମୃତିକୁ ପ୍ରତିଫଳିତ କରେ । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଜି ବାଂଲାଦେଶରେ ଯାହା ଘଟୁଛି ତାହା କେବଳ ରାଜନୈତିକ ଅଶାନ୍ତି ନୁହେଁ, ବରଂ ୧୯୭୧ର ଅନ୍ଧାର ଯୁଗକୁ ଫେରିବାର ପ୍ରୟାସ, ଯେତେବେଳେ ପାକିସ୍ତାନୀ ସେନା ବାଂଲାଦେଶ (ତତ୍କାଳୀନ ପୂର୍ବ ପାକିସ୍ତାନ) ର ମାଟିକୁ ରକ୍ତରେ



ଭିଜାଇ ଦେଇଥିଲା ।

ଏହା ଏକ ସମୟ ଥିଲା ଯେତେବେଳେ ୨୦୦,୦୦୦ରୁ ଅଧିକ ମହିଳାଙ୍କ ସମ୍ମାନ ଉଲ୍ଲଂଘନ କରାଯାଇଥିଲା, ଏବଂ ବର୍ତ୍ତମାନର ପରିସ୍ଥିତି ସେହି ଯୁଗର ବର୍ବରତାକୁ ପ୍ରତିଫଳିତ କରେ । ହସିନା କହିଛନ୍ତି ଯେ ୧୯୭୧ରେ ପାକିସ୍ତାନୀ ସେନା ଏବଂ ଏହାର ସମର୍ଥକ (ରାଜାକାର) ଯେଉଁ ମାନସିକତା ସହିତ କାର୍ଯ୍ୟ କରୁଥିଲେ, ସେହି ସମାନ ମାନସିକତା ପୁଣି ଥରେ ବାଂଲାଦେଶ ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରୁଛି । ୧୯୭୧ରେ, ବିଶେଷକରି ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଇଥିଲା । ଆଜି ମଧ୍ୟ, ବାଂଲାଦେଶରେ ମନ୍ଦିର ଏବଂ ହିନ୍ଦୁ ଘର ଉପରେ ଆକ୍ରମଣ କରାଯାଉଛି । ୧୯୭୧ ରେ, ମହିଳାମାନଙ୍କ ଉପରେ ବଳାତ୍କାରକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇଥିଲା । ହସିନା ଭୟ କରୁଛନ୍ତି ଯେ ଅରାଜକତାର ଏହି ପରିବେଶରେ, ମହିଳାଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଉଛି । ବାଂଲାଦେଶ ଧର୍ମ ନୁହେଁ, ଧର୍ମନିରପେକ୍ଷତା ଏବଂ ବଙ୍ଗଳା ସଂସ୍କୃତି ଆଧାରରେ ଜନ୍ମ ନେଇଥିଲା । ହସିନା କହିଛନ୍ତି ଯେ ନୂତନ ଶକ୍ତି ଏହି 'ମୁକ୍ତି ଯୁଦ୍ଧ'ର ଇତିହାସକୁ ଲିଭାଇ ଦେବାକୁ ଚାହୁଁଛନ୍ତି ।

# ଓମାନ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର

**ନୂଆଦିଲ୍ଲୀ:** ଓମାନ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି ଭାରତ । ଏବେ ବିନା ଶୁଳ୍କରେ ଓମାନକୁ ଭାରତ ଜିନିଷ ରପ୍ତାନୀ କରିବ । ୯୯% ଜିନିଷ ଉପରେ କେଣସି ଶୁଳ୍କ ଲାଗୁ କରିବ ନାହିଁ ଓମାନ ।




ଏହି ଚୁକ୍ତିନାମା ଭାରତର ଶ୍ରମ-କେନ୍ଦ୍ରିକ କ୍ଷେତ୍ର ଯେପରିକି ବସ୍ତ୍ର, ଚମଡା, ଜୋତା, ରନି ଏବଂ ଅଳଙ୍କାର, ଇଞ୍ଜିନିୟରିଂ ଉତ୍ପାଦ, ପ୍ଲାଷ୍ଟିକ୍, ଫର୍ଣ୍ଣିଚର, କୃଷି ଉତ୍ପାଦ, ଔଷଧ, ଚିକିତ୍ସା ଉପକରଣ ଏବଂ ଅଟୋମୋବାଇଲ୍ ରପ୍ତାନିକୁ ବୃଦ୍ଧି କରିବ । ଏହା ନିଯୁକ୍ତି ସୃଷ୍ଟି କରିବ ଏବଂ କାରିଗର, ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଏବଂ ଏମଏସଏମଇଗୁଡ଼ିକୁ ମଜବୁତ କରିବ । ଏହା ଗତ ଛଅ ମାସ ମଧ୍ୟରେ ଭାରତର ଦ୍ୱିତୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା । ଭାରତ ଗତ କିଛି ବର୍ଷ ମଧ୍ୟରେ ଅନେକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି, ଯାହା ଆମର ଚାଷୀ, ବ୍ୟବସାୟୀ ଏବଂ ରପ୍ତାନିକାରୀଙ୍କୁ ଲାଭ ଦେଉଛି ।

ଭାରତର ପ୍ରମୁଖ ଆମଦାନୀ ହେଉଛି ପେଟ୍ରୋଲିୟମ୍ ଉତ୍ପାଦ ଏବଂ ୟୁରିଆ, ଯାହା ମୋଟ ଆମଦାନୀର ୭୦ପ୍ରତିଶତରୁ ଅଧିକ ଅଟେ । ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦଗୁଡ଼ିକ ମଧ୍ୟରେ ପ୍ରୋପିଲିନ୍ ଏବଂ ଇଥିଲିନ୍ ପଲିମର, ପେଟ କୋକ୍, ଜିପସମ୍, ରାସାୟନିକ ପଦାର୍ଥ, ଲୁହା, ଇସ୍ପାତ ଏବଂ ଅପରିଶୋଧିତ ଆଲୁମିନିୟମ୍ ଅନ୍ତର୍ଭୁକ୍ତ । ଓମାନକୁ ଭାରତର ପ୍ରମୁଖ ରପ୍ତାନି ମଧ୍ୟରେ ଖଣିଜ ଇନ୍ଧନ, ରାସାୟନିକ ପଦାର୍ଥ, ମୂଲ୍ୟବାନ ଧାତୁ, ଲୁହା ଏବଂ ଇସ୍ପାତ, ଶସ୍ୟ, ଜାହାଜ, ଡଙ୍ଗା, ବୈଦ୍ୟୁତିକ ଯନ୍ତ୍ରପାତି, ବଏଲର, ଚା, କଫି, ମସଲା, ବସ୍ତ୍ର ଏବଂ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ।

କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ, ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଅଟୋମୋବାଇଲ୍, ଅଳଙ୍କାର, କୃଷି ରସାୟନ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ ।

# ବେଟିଂ ଆପ୍ ମାମଲା: ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ





**ନୂଆଦିଲ୍ଲୀ:** ବେଟିଂ ଆପ୍ ମାମଲାରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ । ଭାରତରେ ବେଟିଂ ଏବଂ ଗେମିଂ ଆପ୍ ଜରିଆରେ ହେଉଥିବା ବ୍ୟାପକ ଆର୍ଥିକ ଅନିୟମିତତା ଏବଂ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବିଶେଷ କରି ମହାଦେବ ବେଟିଂ ଆପ୍ ଏବଂ ଏହା ସହିତ ଜଡ଼ିତ ଅନ୍ୟାନ୍ୟ ସହଯୋଗୀ ଆପ ଗୁଡ଼ିକର ଯାଞ୍ଚ ସମୟରେ ଅନେକ ବଡ଼ ବଡ଼ ନାମ ସାମ୍ନାକୁ ଆସିଛି । ଏହି କ୍ରମରେ ଭାରତୀୟ କ୍ରିକେଟର ଯୁବରାଜ ସିଂ, ରୋବିନ ଉଥାପ୍ପା ଏବଂ ବଲିଉଡ ଅଭିନେତା ସୋନୁ ସୁଦଙ୍କ ସମେତ ଅନେକ ସେଲିବ୍ରିଟିଙ୍କ ସମ୍ପତ୍ତି ଇଡି ଦ୍ୱାରା ବ୍ୟାଜ୍ୟାପ୍ତି କରାଯାଇଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି । ଏଥିସହିତ ଉର୍ବଶୀ ରାଉତେଲା, ମିମି ଚକ୍ରବର୍ତ୍ତୀ, ଅଙ୍କୁଶ ହଜାରା ଏବଂ ନେହା ଶର୍ମାଙ୍କ ଭଳି ପ୍ରମୁଖ ନାମ ମଧ୍ୟ ଅନ୍ତର୍ଭୁକ୍ତ । ଆଜିର ଇଡି କାର୍ଯ୍ୟାନୁଷ୍ଠାନରେ, ୭.୯୩ କୋଟି ମୂଲ୍ୟର ସମ୍ପତ୍ତି ଜବତ କରାଯାଇଛି । ପୂର୍ବରୁ, ସମାନ ମାମଲାରେ, ଇଡି ଶିଖର ଧାୱନଙ୍କର ୪.୫୫ କୋଟି ଏବଂ ସୁରେଶ ରାଇନାଙ୍କର ୬.୬୪ କୋଟି ମୂଲ୍ୟର ସମ୍ପତ୍ତି ଜବତ କରିଥିଲା । ଏପର୍ଯ୍ୟନ୍ତ ୧୯.୦୭ କୋଟି ମୂଲ୍ୟର ସମ୍ପତ୍ତି କରିଛି ଇଡି ଛ ଏହି ମାମଲାରେ ତଦନ୍ତ ଜାରି ରହିଛି ।

# ନୂଆ ବର୍ଷରୁ ଗାଡିର ସ୍ପିଡ଼ ଉପରେ ଲାଗିବ ଲଗାମ

## ଅଟୋମେଟିକ କଟିବ ଚାଲାଣ

**ନୂଆଦିଲ୍ଲୀ:** ୨୦୨୬ ସୁଦ୍ଧା ଦେଶରେ ଏକ ସାଟେଲାଇଟ୍-ଆଧାରିତ ଟୋଲ୍ ଆଦାୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ, ଯାହା ଦ୍ୱାରା ଗାଡ଼ିଗୁଡ଼ିକ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ଟୋଲ୍ ପ୍ଲାଜା ପାର କରିପାରିବେ । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଅନୁଯାୟୀ, ୨୦୨୬ ସୁଦ୍ଧା ସମସ୍ତ ଗାଡ଼ି ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ନ ଅଟକି ଟୋଲ୍ ପ୍ଲାଜା ଦେଇ ଯାଇପାରିବେ । ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଫାଷ୍ଟାଗ ଫଟୋ ଉଠାଇବା ପାଇଁ ହାଇ-ସ୍ପିଡ୍ କ୍ୟାମେରା ଲଗାଯିବ । ତା'ପରେ ଗାଡ଼ି ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ଟୋଲ୍ ରାଶି କଟିଯିବ । ଏହାର ଅର୍ଥ କୌଣସି



ନଗଦ ଟଙ୍କା ନାହିଁ, କୌଣସି ବାଧା ନାହିଁ ଏବଂ ଲମ୍ବା ଧାଡ଼ି ନାହିଁ । ଏହି ନୂତନ ବ୍ୟବସ୍ଥା ଗତି ଉପରେ ମଧ୍ୟ ନଜର ରଖିବ । ଯଦି କୌଣସି ଗାଡ଼ି ସାଧାରଣ ଅପେକ୍ଷା ଦୁଇଟି ଟୋଲ୍ ପ୍ଲାଜା ମଧ୍ୟରେ ଦ୍ରୁତ ଗତିରେ ପହଞ୍ଚେ, ତେବେ ସିଷ୍ଟମ୍ ଗାଡ଼ିକୁ ଦ୍ରୁତ ଗତିରେ ଚଳାଯାଉଥିବା ଚିହ୍ନଟ କରିବ । ଏପରି ପରିସ୍ଥିତିରେ, ଏକ ଚାଲାଣ ସ୍ୱୟଂଚାଳିତ ଭାବରେ ଜାରି କରାଯିବ । ଗଡକରୀ କହିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥା ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ କାର୍ଯ୍ୟ କରିବ । ଟୋଲ୍ ପ୍ଲାଜାରେ ଯାନବାହାନ ନ ଅଟକାଇ ଇନ୍ଧନ ସଞ୍ଚୟ ହେବ । ସରକାରଙ୍କ ଅନୁଯାୟୀ, ଏହା ପ୍ରାୟ ୧୫୦୦ କୋଟି ଟଙ୍କାର ଇନ୍ଧନ ସଞ୍ଚୟ କରିବ । ଏହା ସହିତ, ସରକାରଙ୍କ ଜରୁରୀକାଳୀନ ପାଣ୍ଠିରେ ପ୍ରାୟ ୬୦୦୦ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ସୃଷ୍ଟି କରିବ । ଏହା ସହିତ, ଟୋଲ୍ ପ୍ଲାଜାରେ କର୍ମଚାରୀଙ୍କ ଆବଶ୍ୟକତା ହ୍ରାସ ପାଇବ, ଯାହା ଦ୍ୱାରା ପରିଚାଳନା ଖର୍ଚ୍ଚ ହ୍ରାସ ପାଇବ । ନୀତିନ ଗଡକରୀ ସ୍ପଷ୍ଟ କରିଛନ୍ତି ଯେ କେନ୍ଦ୍ର ସରକାର କେବଳ ଜାତୀୟ ରାଜପଥ ପାଇଁ ଦାୟୀ, ରାଜ୍ୟ, ସହର କିମ୍ବା ଗ୍ରାମାଞ୍ଚଳ ରାସ୍ତା ପାଇଁ ନୁହେଁ । ସେ କହିଛନ୍ତି ଯେ ୭୦% ଅଭିଯୋଗ ସେହି ରାସ୍ତାଗୁଡିକର ଆସୁଛି ଯେଉଁ ରାସ୍ତାଗୁଡ଼ିକର କେନ୍ଦ୍ର ସରକାରଙ୍କର କିଛି ସମ୍ପର୍କ ନାହିଁ । ଜାତୀୟ ରାଜପଥରେ ନିମ୍ନମାନର କାମ କରୁଥିବା ଠିକାଦାରମାନଙ୍କୁ ଏବେ ଦୁଇ ବର୍ଷ ପାଇଁ କଳା ତାଲିକାଭୁକ୍ତ କରାଯିବ । ଆବଶ୍ୟକ ହେଲେ, କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ।

# ପ୍ରଧାନମନ୍ତ୍ରୀ ଆଜି ପ.ବଙ୍ଗ ଯିବେ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଡିସେମ୍ବର ୨୦ ତାରିଖରେ ପଶ୍ଚିମବଙ୍ଗ ଗସ୍ତରେ ଯିବେ ଛ ପୂର୍ବାହ୍ନ ପ୍ରାୟ ୧୧.୧୫ରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ରାଣାଘାଟ ଠାରେ ଜାତୀୟ ରାଜପଥ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ । ଉପସ୍ଥିତ ଜନସମାବେଶକୁ ମଧ୍ୟ ସେ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀ ପ୍ରାୟ ୩୨୦୦ କୋଟି ଟଙ୍କାର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପର ଉଦଘାଟନ ସହ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଏନଏଚ-୩୪ରେ ୬୬.୭ କିମି ବିଶିଷ୍ଟ ୪ ଲେନ ବିଶିଷ୍ଟ ବାରାଜଗୁଲି-କ୍ରିଷ୍ଣାନଗର ସେକ୍ସନର ଉଦଘାଟନ କରିବେ । ଏହା ସହ ପଶ୍ଚିମବଙ୍ଗ ଉତ୍ତର ଚବିଶ ପ୍ରଗଣା ଜିଲ୍ଲାର ଏନଏଚ-୩୪ରେ ୧୭.୬ କି.ମି ଦୈର୍ଘ୍ୟ ବିଶିଷ୍ଟ ବରସାତ-ବାରାଜଗୁଲି ସେକ୍ସନ ୪ ଲେନ୍ କାମର ଶିଳାନ୍ୟାସ କରିବେ ।

ଏହି ପ୍ରକଳ୍ପ ଗୁଡ଼ିକ କୋଲକାତା ଓ ସିଲିଗୁଡ଼ି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ବ୍ୟବସ୍ଥା ଭାବେ କାମ କରିବ । ଏହାଦ୍ୱାରା ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ହ୍‌ରାସ ପାଇବ ଏବଂ ଗାଡ଼ି ଗୁଡ଼ିକ ନିର୍ବିଘ୍ନରେ କମ୍ ଟ୍ରାଫିକରେ ଦ୍ରୁତ ଓ ନିରାପଦରେ ଯାତାୟାତ କରିପାରିବେ । ଗାଡ଼ି ଚଳାଚଳର ଖର୍ଚ୍ଚହ୍‌ରାସ ପାଇ କୋଲକାତା ଓ ପଶ୍ଚିମବଙ୍ଗର ଅନ୍ୟାନ୍ୟ ଜିଲ୍ଲା ସମେତ, ପଡ଼ୋଶୀ ଦେଶ ସହ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଉନ୍ନତ ହୋଇପାରିବ । ପ୍ରକଳ୍ପ ଗୁଡ଼ିକ ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼କରିବ ଏବଂ ଅଞ୍ଚଳରେ ପର୍ଯ୍ୟଟନର ବିକାଶକୁ ପ୍ରୋତ୍ସାହନ ମିଳିପାରିବ ।

# ଦଙ୍ଗା ନିଆଁ : ଫସି ରହିଲେ ୨୮ ସାମ୍ବାଦିକ

**ଢ଼ାକା:** ଗତବର୍ଷ ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ହିଂସାତ୍ମକ ପ୍ରତିବାଦର ନେତୃତ୍ୱ ନେଇଥିବା ଛାତ୍ରନେତା ଉସମାନ ହାଦିଙ୍କ ଗୁରୁବାର ମୃତ୍ୟୁ ଘଟିଥିଲା । ତାଙ୍କର ମୃତ୍ୟୁ ହେବା ପରେ ବାଂଲାଦେଶରେ ଉତ୍ତେଜନା ବୃଦ୍ଧି ପାଇଛି । ଦଙ୍ଗାକାରୀମାନେ ପୁଣି ଜଳାପୋଡ଼ା କରିବା ଆରମ୍ଭ କରିଛନ୍ତି । ଗୁରୁବାର ମଧ୍ୟରାତ୍ରିରେ ବାଂଲାଦେଶର ଗଣମାଧ୍ୟମକାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରାଯାଇଥିଲା । ଦଙ୍ଗାକାରୀମାନେ ବାଂଲାଦେଶର ଇଂରାଜୀ ଦୈନିକ ଖବରକାଗଜ 'ଦି ଡେଲି ଷ୍ଟାର' କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ । ଏହି ସମୟରେ ପ୍ରାୟ ୨୮ ଜଣ ସାମ୍ବାଦିକ କାର୍ଯ୍ୟାଳୟ ଭିତରେ ଥିଲେ । ସୂଚନା ମୁତାବକ, ସାମ୍ବାଦିକ କାର୍ଯ୍ୟାଳୟର ୯ମ ମହଲାରେ ଥିବା ବେଳେ ଦଙ୍ଗାକାରୀମାନେ ଗ୍ରାଉଣ୍ଡ ଫ୍ଲୋରରେ ନିଆଁ ଲଗାଇ ଦେଇଥିଲେ । ପ୍ରାୟ ୩ଘଣ୍ଟା କାଳ ୯ମ ମହଲାରେ ଫସିରହିବା ପରେ ସେମାନଙ୍କୁ ଉଦ୍ଧାର



କରାଯାଇଥିଲା ବୋଲି ଜଣାପଡ଼ିଛି । 'ଦି ଡେଲି ଷ୍ଟାର'ର କାର୍ଯ୍ୟାଳୟ ଏବେ ସମ୍ପୂର୍ଣ୍ଣ ଜଳିଯାଇଛି । ଦଙ୍ଗାକାରୀମାନେ ଅନ୍ୟ ଏକ ବାଂଲାଦେଶୀ ଖବରକାଗଜ 'ପ୍ରଥମ ଆଲୋ'ର କାର୍ଯ୍ୟାଳୟକୁ ମଧ୍ୟ ପୋଡ଼ି ଦେଇଥିବା ସାମ୍ନାକୁ ଆସିଛି । ଦଙ୍ଗା ଆରମ୍ଭ ହେବା ଜାଣି ନ୍ୟୁଜରୁମର କର୍ମଚାରୀମାନେ ପ୍ରଥମେ ତଳ ମହଲାକୁ ଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେତେବେଳକୁ ଦଙ୍ଗାକାରୀମାନେ ତଳ ମହଲାରେ ପହଞ୍ଚି ଭଙ୍ଗାରୁଜା ଆରମ୍ଭ କରିଦେଇଥିଲେ ଏବଂ ପରେ ଏହାର କିଛି ଅଂଶରେ ନିଆଁ ଲଗାଇ ଦେଇଥିଲେ । ନିଆଁ ଲାଗି ଧୂଆଁ ବାହାରିବାରୁ ଆଉ ବାହାରକୁ ଆସିପାରିନଥିଲେ ସାମ୍ବାଦିକମାନେ । ତେଣୁ ସେମାନଙ୍କୁ ବାଧ ହୋଇ ଉପରକୁ ଯିବାକୁ ପଡ଼ିଥିଲା । କିଛି ଘଣ୍ଟା ପରେ ଅଗ୍ନିଶମ ବିଭାଗ ଆସି ନିଆଁ ଲିଭାଇବାରୁ ସାମ୍ବାଦିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା ।

# ବାଣ ଫୁଟାଇ କେଶ କାଟିଲେ ବିଜେପି ବିଧାୟକ

**ମୁମ୍ବାଇ:** ମହାରାଷ୍ଟ୍ରର ବରିଷ୍ଠ ବିଜେପି ନେତା ଏବଂ ଘାଟକୋପର ପଶ୍ଚିମ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ରାମ କଦମ ଗୁରୁବାର ଦିନ ବହୁ ଧୁମଧାମ ମଧ୍ୟରେ ଚାରି ବର୍ଷ ପରେ ତାଙ୍କ କେଶ କାଟିଛନ୍ତି । ତାଙ୍କ କେଶ କାଟିବା ସମୟରେ ବହୁ ସଂଖ୍ୟକ ସମର୍ଥକ ଉପସ୍ଥିତ ଥିଲେ, ଢୋଲ ବଜାଇ ଓ ବାଣ ଫୁଟାଇ ସମର୍ଥକମାନେ ଉତ୍ସବ ପାଳନ କରିଥିଲେ । ତେବେ ଆପଣ ପଚାରିବେ ବିଧାୟକ ତ ଚୁଟି କାଟିଲେ ତ କଣ ହେଲା | ବାସ୍ତବରେ ଏହି କେଶ କାଟିବା ପଛରେ ଏକ ରୋଚକ କଥା ରହିଛି | ବାସ୍ତବରେ ଚାରି ବର୍ଷ ପୂର୍ବେ, ବିଜେପି ନେତା ରାମ କଦମ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଘାଟକୋପରରେ ପାଣି ଯୋଗାଣ ସମସ୍ୟା ସମାଧାନ ନ କରିବା ପର୍ଯ୍ୟନ୍ତ ତାଙ୍କ କେଶ କାଟିବେ ନାହିଁ । ରାମ କଦମ ଦାବି କରିଥିଲେ ଯେ ଗୁରୁବାର ସେ ଘାଟକୋପରରେ ପାଣି ସମସ୍ୟା ସମାଧାନ କରିଛନ୍ତି । ଘାଟକୋପରରେ ଏବେ ସବୁଠି ପାଣି ଉପଲବ୍ଧ । କେଶ କାଟିବା ସମୟରେ, ରାମ କଦମ କହିଥିଲେ ଯେ, "ମୁଁ ଖୁସି ଯେ ଏଠାରେ ୨ କୋଟି ଲିଟରରୁ ଅଧିକ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ କରାଯିବ ।" ବିଜେପି ନେତା ଏହା ମଧ୍ୟ କହିଛନ୍ତି ଯେ ଭାଣ୍ଡୁପରୁ ଏକ ପାଣି ଲାଇନ ମଧ୍ୟ ସଂଯୋଗ କରାଯାଇଛି । ପାଞ୍ଚ ବର୍ଷ ପୂର୍ବେ ପାଣି ଅଭାବ ଥିଲା । ବିଜେପି



ବିଧାୟକ କହିଛନ୍ତି, "ପାଞ୍ଚ ବର୍ଷ ପୂର୍ବେ, ମୁଁ ଦେଖିଥିଲି ଯେ ପାହାଡ଼ି ଅଞ୍ଚଳରେ କିପରି ପାଣି ଯୋଗାଣ ହୁଏ । ଆଜି, ମୁଁ ଖୁସି ଯେ ଏଠାରେ ପ୍ରାୟ ୨ କୋଟି ଲିଟର ପାଣି କ୍ଷମତା ବିଶିଷ୍ଟ ଟ୍ୟାଙ୍କର ନିର୍ମାଣ ହେବାକୁ ଯାଉଛି ।" ସେ ଆହୁରି କହିଛନ୍ତି ଯେ ଭାଣ୍ଡୁପ୍ ରୁ ଘାଟକୋପର ପର୍ଯ୍ୟନ୍ତ ପାଇପଲାଇନ୍ ପ୍ରାୟ ତିନି ଫୁଟ ଚଉଡା ଏବଂ ଚାରି କିଲୋମିଟର ଲମ୍ବା ଏବଂ ଏହାର ନିର୍ମାଣ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି ।

# ଦିଲ୍ଲୀରେ ପୁଣି ଜଣେ ଘର ମାଲିକାଣୀଙ୍କୁ ହତ୍ୟା

## ▶▶ ବେକ କାଟି ଦେଲେ ଭଡାଟିଆ

**ନୂଆଦିଲ୍ଲୀ:** ଦିଲ୍ଲୀ ପୋଲିସ କ୍ରାଇମବ୍ରାଞ୍ଚ ଏକ ରହସ୍ୟଜନକ ହତ୍ୟାକାଣ୍ଡ ଓ ଚୋରିର ଖୁଲାସା କରିଛି ଏବଂ ଅଭିଯୁକ୍ତକୁ ଗିରଫ କରିଛି । ଏହି ମାମଲା ରୋହିଣୀର ବୁଧ ବିହାର ଫେଜ୍ ୧ ରେ ଘଟିଛି, ଯେଉଁଠାରେ ଜଣେ ୬୫ ବର୍ଷୀୟ ମହିଳାଙ୍କୁ ତାଙ୍କ ନିଜ ଘରେ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ, ଅଭିଯୁକ୍ତ ଜଣକ କେହି ବାହାର ଲୋକ ନୁହଁନ୍ତି ବରଂ ମହିଳାଙ୍କ ଭଡାଟିଆ ବୋଲି ଜଣାପଡିଛି । ଦିଲ୍ଲୀ ପୋଲିସର କହିବା ଅନୁସାରେ, ଘଟଣାଟି ୭ ଅକ୍ଟୋବର ୨୦୨୫ ସକାଳେ ଘଟିଥିଲା, ଯେତେବେଳେ ପୋଲିସ ସୂଚନା ପାଇଥିଲା ଯେ ଘରର ମୁଖ୍ୟ ଦ୍ୱାର ବନ୍ଦ ଅଛି ଏବଂ ବୃଦ୍ଧ ମହିଳାଙ୍କ ମୃତଦେହ ଭିତରେ ପଡ଼ିଛି । ଘଟଣାସ୍ଥଳକୁ ପହଞ୍ଚି ପୋଲିସ ମହିଳାଙ୍କ ବେକରେ କ୍ଷତଚିହ୍ନ ଦେଖିବାକୁ ପାଇଥିଲା । ତାଙ୍କ ମୋବାଇଲ୍ ଫୋନ୍ ଏବଂ ସୁନା ଅଳଙ୍କାର ମଧ୍ୟ ଗାୟବ ଥିଲା । ଏହାପରେ ବିଜୟ ବିହାର ପୋଲିସ ଷ୍ଟେସନରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା ଏବଂ ତଦନ୍ତ ଆରମ୍ଭ କରାଯାଇଥିଲା । ଦିଲ୍ଲୀ ପୋଲିସ ମାମଲାର



ଗମ୍ଭୀରତାକୁ ଦେଖି ତଦନ୍ତକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା । ପୋଲିସ ଦଳ ଅଞ୍ଚଳରୁ ଶହ ଶହ ସିସିଟିଭି ଫୁଟେଜକୁ ସ୍କାନ କରିଥିଲା ଏବଂ ବୈଷୟିକ ତଦନ୍ତ କରିଥିଲା । ଫୁଟେଜରେ ଜଣେ ଯୁବକ ଭୋର ସମୟରେ ଅଞ୍ଚଳ ଛାଡି ଯାଉଥିବାର ଦେଖାଯାଇଥିଲା, ଯାହାକୁ ମୃତକଙ୍କ ଭଡାଟିଆ ଭାବରେ ଚିହ୍ନଟ କରାଯାଇଥିଲା । ପରେ ଜଣାପଡିଲା ଯେ ସେ ତାଙ୍କ ମୋବାଇଲ୍ ଫୋନ୍ ବନ୍ଦ କରି ପଳାଇ ଯାଇଥିଲେ । ପ୍ରାୟ ଅଢ଼େଇ ମାସର ତଦନ୍ତ ସମୟରେ, ପୋଲିସ ଦଳ ବିଭିନ୍ନ ରାଜ୍ୟରେ ଚଢାଉ କରିଥିଲା । ୧୦୦୦ରୁ ଅଧିକ ସିସିଟିଭି କ୍ୟାମେରା ସ୍କାନ କରିଥିଲା ଏବଂ ଅଭିଯୁକ୍ତଙ୍କ ସହ ଜଡିତ ଲୋକଙ୍କୁ ପଚରାଉଚରା କରିଥିଲା । ଶେଷରେ, ସୂଚନା ମିଳିଥିଲା ଯେ ଅଭିଯୁକ୍ତ ନେପାଳ ପଳାଇବାକୁ ଯୋଜନା କରୁଥିଲା । ଏହାପରେ ପୋଲିସ ଜାଲ ବିଛାଇ ରୋହିଣୀର ଜାପାନୀ ପାର୍କରେ ତାଙ୍କୁ ଗିରଫ କରିଥିଲା । ଦିଲ୍ଲୀ ପୋଲିସ ଦ୍ୱାରା ପଚରାଉଚରା ସମୟରେ, ଅଭିଯୁକ୍ତ ହିମାଂଶୁ ଯାଦବ ଆର୍ଥିକ ଅସୁବିଧା ଏବଂ ଭଡା ଚାପ ସ୍ୱୀକାର କରିଥିଲା । ସେ କହିଥିଲା ଯେ ଘର ମାଲିକାଣୀ ତାଙ୍କୁ ବାରମ୍ବାର ଭଡା ମାଗିବାରୁ ସେ ତାଙ୍କୁ ଗଳା କାଟି ହତ୍ୟା କରିଥିଲେ ଏବଂ ତାଙ୍କ ଅଳଙ୍କାର ଚୋରି କରିଥିଲେ । ପରେ ସେ ହରିୟାଣାର ଭିଓ୍ୱାନୀରେ ଅଳଙ୍କାରଗୁଡ଼ିକୁ ବନ୍ଧକ ରଖିଥିଲା । ପୋଲିସ ଚୋରି ହୋଇଥିବା ସୁନା କାନଫୁଲ ଏବଂ ମୁଦି ଉଦ୍ଧାର କରିଛି । ଅନ୍ୟପଟେ ଗତକାଲି ମଧ୍ୟ ଉତ୍ତରପ୍ରଦେଶର ଗାଜିଆବାଦରେ ରାଜନଗର ଏକ୍ସଟେନସନର ଓରା କୈମୋରା ସୋସାଇଟିରେ ଜଣେ ଘରମାଲିକଙ୍କୁ ଭଡ଼ା ଯୋଗୁଁ ଗଳାକାଟି ହତ୍ୟା କରାଯାଇଥିଲା । ଅଭିଯୁକ୍ତ ଦମ୍ପତି ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଏକ ସୁଟକେଶରେ ଲୁଚାଇ ଦେଇଥିଲେ । ଘରମାଲିକ ଦୀପଶିଖାଙ୍କୁ ଓଢଣୀ ସାହାଯ୍ୟରେ ଗଳାଚିପି ହତ୍ୟା କରାଯାଇଥିଲା ଏବଂ ଏକ ସୁଟକେଶରେ ଭର୍ତ୍ତି କରାଯାଇଥିଲା ।

# ବୀମା ଠକେଇରୁ ବର୍ତ୍ତିବାକୁ ଫୋନପେର ପରାମର୍ଶ

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଏକ ଇନ୍ସ୍ୟୋରାନ୍ସ ପଲିସି ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି କାରଣ ଅପ୍ରତ୍ୟାଶିତ ଆର୍‌ଥକ କ୍ଷତି ସମୟରେ ଏହା ଏକ ସୁରକ୍ଷା କବଚ ଭଳି କାମ କରେ । କିନ୍ତୁ, ଠକମାନେ ଇନ୍ସ୍ୟୋରାନ୍ସର ସାହାରା ନେଇ ବିଭିନ୍ନ ନୂଆ ଉପାୟରେ ନିରୀହ ଲୋକଙ୍କୁ ଠକୁଛନ୍ତି । ଠକମାନେ ମିଛ କହି କିମ୍ବା ଭୁଲ ତଥ୍ୟ ଦେଇ ଲୋକଙ୍କଠାରୁ ବେଆଇନ ଭାବେ ଟଙ୍କା, ବ୍ୟକ୍ତିଗତ କିମ୍ବା ବ୍ୟାଙ୍କିଂ ତଥ୍ୟ ଚୋରି କରୁଛନ୍ତି । ଏଭଳି ଠକେଇର ଶିକାର ନହେବା ପାଇଁ ଫୋନପେର ସାଇବର ସେଫଟି ବିଶେଷଜ୍ଞମାନେ ଗ୍ରାହକମାନଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ଇନ୍ସ୍ୟୋରାନ୍ସ ଗ୍ରାହକମାନେ ଇନ୍ସ୍ୟୋରାନ୍ସ କମ୍ପାନୀର ପୁରୁଣା ରେକର୍ଡ, ଆରମ୍ଭ ସ୍ଥିତି, ଲାଇସେନ୍ସ ଏବଂ ଗ୍ରାହକଙ୍କ ମତାମତ ଯାଞ୍ଚ କରି ନିଜକୁ ଠକେଇରୁ ରକ୍ଷା କରିପାରିବେ । ସେମାନେ ପ୍ରିମିୟମ ପେମେଣ୍ଟ କରିବା ସମୟରେ, ନଗଦ କାରବାର ନକରି ଅନଲାଇନ ପୋର୍ଟାଲ ପେମେଣ୍ଟ କିମ୍ବା କାର୍ଡ ପେମେଣ୍ଟ ଭଳି ସୁରକ୍ଷିତ ମାଧ୍ୟମ ବ୍ୟବହାର କରିବା ଉଚିତ, ଯାହା ଦ୍ୱାରା ଟ୍ରାଞ୍ଜାକସନର ପ୍ରମାଣ ରହିବ । ସର୍ବଦା ମନେରଖନ୍ତୁ ଯେ କେବଳ ବିଶ୍ୱସ୍ତ ସୂତ୍ର ଏବଂ ସୁରକ୍ଷିତ ଚ୍ୟାନେଲରେ ହିଁ ବ୍ୟକ୍ତିଗତ ତଥ୍ୟ ସେୟାର କରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପଲିସିର ସତ୍ୟତା ଜାଣିବା ପାଇଁ ଗ୍ରାହକମାନେ ପଲିସି ଡକ୍ୟୁମେଂଟର ସର୍ତାବଳୀକୁ ଭଲଭାବେ ପିବା ଆବଶ୍ୟକ । ଯଦି ଆପଣ ଫୋନପେରେ କୌଣସି ଇନ୍ସ୍ୟୋରାନ୍ସ ଠକେଇର ଶିକାର ହୋଇଛନ୍ତି, ତେବେ ତୁରନ୍ତ ଫୋନପେ ଆପରେ କିମ୍ବା କଷ୍ଟମର କେୟାର ନମ୍ବର ୦୮୦-୬୮୭୨୭୩୭୪ / ୦୨୨-୬୮୭୨୭୩୭୪ ରେ କଲ କରି କିମ୍ବା ଫୋନପେର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଜଣାଇପାରିବେ । ଶେଷରେ, ଆପଣ ପାଖରେ ଥିବା ସାଇବର କ୍ରାଇମ ସେଲରେ ଅଭିଯୋଗ କରିପାରିବେ । ଏହାଛଡ଼ା ଆପଣ ସାଇବର କ୍ରାଇମ ହେଲ୍‌ଲାଇନ ନମ୍ବର ୧୯୩୦କୁ ମଧ୍ୟ କଲ କରିପାରିବେ । ସନ୍ଦେହଜନକ ମେସେଜ, କଲ କିମ୍ବା ହ୍ୱାଟ୍ସଆପ ଠକେଇ ବିଷୟରେ ରିପୋର୍ଟ କରିବା ପାଇଁ ଆପଣ "ସଂଚାର ସାଥୀ ପୋର୍ଟାଲ'ରେ ଥିବା "ଚକ୍ଷୁ' ସୁବିଧା ମାଧ୍ୟମରେ ଦୂରସଂଚାର ବିଭାଗ (ଡିଓଟି) ସହ ଯୋଗାଯୋଗ କରିପାରିବେ । ଆପଣ ଫୋନପେ ଅଭିଯୋଗ ପୋର୍ଟାଲରେ ମଧ୍ୟ ଅଭିଯୋଗ କରିପାରିବେ । ଇନ୍ସ୍ୟୋରାନ୍ସ ଠକେଇଗୁଡ଼ିକୁ ଚିହ୍ନିବାର ସାଧାରଣ ସଙ୍କେତଗୁଡ଼ିକ ହେଲା: ଅବିଶ୍ୱସନୀୟ ଅଫର - ଯେପରିକି ବହୁତ କମ ପ୍ରିମିୟମ କିମ୍ବା ବଡ଼ ଫାଇଦା, ଡ଼ଲିମିଟେଡ ଟାଇମ ଅଫର' ଭଳି ଚାପ ପକାଉଥିବା କୌଶଳ କିମ୍ବା ପଲିସି ବନ୍ଦ ହୋଇଯିବାର ଧମକ, ୟୁପିଆଇ କିମ୍ବା ବ୍ୟକ୍ତିଗତ ଆକାଉଂଟ ଭଳି ଅଣ-ଅଫିସିଆଲ ମାଧ୍ୟମରେ ପେମେଂଟ ମାଗିବା, ଉପଯୁକ୍ତ ସୁରକ୍ଷା (ଯେପରିକି ଏଚଟିଟିପି ନଥିବା) କିମ୍ବା ଯୋଗାଯୋଗ ବିବରଣୀ ନଥିବା ୱେବସାଇଟ, ଓଟିପି, ୟୁପିଆଇ ପିନ କିମ୍ବା ଆକାଉଂଟ ବିବରଣୀ ଭଳି ଗୋପନୀୟ ତଥ୍ୟ ମାଗିବା ଏବଂ ବ୍ୟକ୍ତିଗତ କିମ୍ବା ଆର୍ଥିକ ସୂଚନା ମାଗୁଥିବା ଅଜଣା କଲ, ଇମେଲ କିମ୍ବା ମେସେଜ ।

# ସୂର୍ଯ୍ୟ ବାହିନୀର ଶୃଙ୍ଖଳା ବିଜୟ




ଅହମଦାବାଦ,୧୯।୧୨(ଏଜେନ୍ସି): ଦ.ଆଫ୍ରିକା ବିପକ୍ଷ ଟି-୨୦ ଶୃଙ୍ଖଳାର ପଞ୍ଚମ ତଥା ନିର୍ଣ୍ଣାୟକ ମ୍ୟାଚରେ ଭାରତ ୩୦ ରନରେ ବିଜୟଲାଭ କରି ୩-୧ରେ ଶୃଙ୍ଖଳା ଜିତିଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ୨୦ ଓଭରରେ ୫ ୱିକେଟ ହରାଇ ୨୩୧ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଦ.ଆଫ୍ରିକା ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ତିଲକ ବର୍ମା ୪୨ ବଲରୁ ୭୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୫ ବଲରୁ ୬୩ ରନ୍ କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଉପଯୋଗୀ ୪ ୱିକେଟ ସହ ଯଶପ୍ରୀତ ବୁମରାଙ୍କ ଶାଣୀତ ବୋଲିଂ (୨ ୱିକେଟ୍) ପାଇଁ ଦ,ଆଫ୍ରିକା ବିଜୟଲକ୍ଷ୍ୟଠାରୁ ୩୦ ରନ୍ ପଛରେ ରହିଯାଇଛି। ଭାରତ ପ୍ରଥମେ ଟେଷ୍ଟ ଶୃଙ୍ଖଳା ହାରି ଥିଲା। ଏହାପରେ ଦିନିକିଆ ଓ ଟି-୨୦ ଶୃଙ୍ଖଳା ଜିତି ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ କରିଛି।

ପଞ୍ଚମ ମ୍ୟାଚରେ ଭାରତୀୟ ଟିମରେ ଏକାଧିକ ପରିବର୍ତ୍ତନ କରାଯାଇଥିଲା। ଶୁଭମନ ଗିଲ୍‌ଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କୁ ସାମିଲ୍ କରାଯାଇଥିଲା। ସାମସନ ଏହି ଶୃଙ୍ଖଳରେ ପ୍ରଥମ ତଥା ଶେଷ ମ୍ୟାଚରେ ଅଭିଷେକ ଶର୍ମାଙ୍କ ସହିତ ଓପନିଂ କରିଥିଲେ। ଦୁଇ ବ୍ୟାଟର ଆରମ୍ଭରୁ ବିସ୍ଫୋରକ ଇନିଂସ ଖେଳିଥିଲେ। ୫ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୬୩ ରନ୍ ପର୍ଯ୍ୟନ୍ତ ପହଞ୍ଚାଇଥିଲେ। ଏହାପରେ ୫.୪ ଓଭରରେ ଅଭିଷେକ ଶର୍ମାଙ୍କ ୱିକେଟ୍ ଯାଇଥିଲା। ଶର୍ମା କୋର୍ବିନ ବୋଶଙ୍କ ବଲରେ ଡି କକଙ୍କ ହାତକୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ।

ଏହାପରେ ସାମସନଙ୍କ ସହିତ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲେ ତିଲକ ବର୍ମା। ଦଳୀୟ ସ୍କୋରକୁ ଏହି ଦୁଇ ବ୍ୟାଟର ଦ୍ରୁତ ଗତିରେ ଆଗକୁ ନେଉଥିବା ବେଳେ ୯.୧ ଓଭରେ ବେଳେ ସଞ୍ଜୁ ସାମସନ ୨୨ ବଲରେ ୩୭ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟକୁମାର ଯାଦବ ଖରାପ ଫର୍ମ ଯୋଗୁ ପୁଣିଥରେ ନିରାଶ କରିଥିଲେ। ସେ ମାତ୍ର ୫ ରନ୍ କରି ପାଭିଲିଅନ ଫେରିଥିଲେ।

ଏହାପରେ ଦଳରେ ଆରମ୍ଭ ହୋଇଥିଲା ହାର୍ଦ୍ଦିକ ଓ ତିଲକଙ୍କ ଶୋ। ଦୁହେଁ ଦ.ଆଫ୍ରିକା ବୋଲରଙ୍କୁ ନିର୍ଦ୍ଧୁମ ଛେଚିଥିଲେ। ପାଣ୍ଡ୍ୟା ପ୍ରଥମ ବଲରେ ହିଁ ୬ ମାରି ସେ ପୂରା ଫମର୍ରେ ଅଛନ୍ତି ବୋଲି ଦେଖାଇ ଦେଇଥିଲେ। ତା'ପରେ ଆକାଶ ଛୁଆଁ ଛକା ଓ ମାଟି ଛୁଇଁ ଗଡ଼ି ଯାଉଥିବା ଚୌକା ମଇଦାନରେ ଚାରିଆଡ଼କୁ ଯାଇଥିଲା। ୧୯.୩ ଓଭରରେ ଦଳୀୟ ସ୍କୋର ୨୨୦ ରନ୍ ବେଳେ ପାଣ୍ଡ୍ୟାଙ୍କ ୱିକେଟ୍ ଯାଇଥିଲା। ସେ ମାତ୍ର ୨୫ ବଲରେ ବିସ୍ଫୋରକ ୬୩ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଶେଷ ଓଭର ପଞ୍ଚମ ବଲରେ ତିଲକ ବର୍ମା ମଧ୍ୟ ରନ୍ ଆଉଟ୍ ହୋଇଥିଲେ। ହେଲେ ସେ ଯିବା ପୂର୍ବରୁ ଦଳ ପାଇଁ ୭୨ ରନର ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଶେଷରେ ଜିତେଶ ଶର୍ମା ଓ ଶିବମ ଦୁବେ ଓଭର ଶେଷ ବଲ୍ ଖେଳି ନଟ୍ ଆଉଟ୍ ଫେରିଥିଲେ।

୨୩୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦ.ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ ଡିକକ୍ ୬୫, ଦେୱାଲ୍ଡବେଭିସ ୩୧, ଜର୍ଜ ଲିଣ୍ଡେ ୧୬, ମାକ୍ରୋ ଜନସେନ ୧୪, କୋର୍ବିନ ବୋଶ ୧୨ ରନ୍ କରିଥିଲେ। ଏହା ସତ୍ତ୍ୱେ ଦ.ଆଫ୍ରିକା ନିର୍ଦ୍ଧାରିତ ଲକ୍ଷ୍ୟରେ ପହଞ୍ଚି ପାରିନଥିଲା। ଭାରତର ବରୁଣ ଚକ୍ରବର୍ତ୍ତୀ ୪ଟି, ଯଶପ୍ରୀତ ବୁମରା ୨ଟି, ଅର୍ଶଦୀପ ସିଂ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

## କ୍ରୀଡା ଉତ୍କର୍ଷତା ପାଇଁ ଶ୍ରଦ୍ଧାଞ୍ଜଳିଙ୍କୁ ଡି.ଲିଟ୍ ଡିଗ୍ରୀ



ଭୁବନେଶ୍ୱର,୧୯।୧୨(ସବ୍ୟୁ): କ୍ରୀଡା କ୍ଷେତ୍ରରେ ପ୍ରଶଂସନୀୟ ଉତ୍କର୍ଷତା ପାଇଁ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ବ୍ରହ୍ମପୁର ଠାରେ ଆୟୋଜିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପାଟି ସମ୍ମାନଜନକ ଡକ୍ଟର ଅଫ୍ ଲିଟ୍ରେଚର (କ୍ରୀଡା) ଡିଗ୍ରୀ ଦେଇ ଶ୍ରଦ୍ଧାଞ୍ଜଳୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜଣେ କ୍ରୀଡାବିତ ଏଭଳି ସମ୍ମାନ ପାଇବା ରାଜ୍ୟରେ ପ୍ରଥମ।

୧୯୯୨ରେ ବଡ଼ ଭଉଣୀ ଗତୀଞ୍ଜଳି ସହ ମିଶି ଶ୍ରଦ୍ଧାଞ୍ଜଳି ଓଡ଼ିଶାରେ ପ୍ରଥମ ମହିଳା ଫୁଟବଲ ଦଳ ଗଢ଼ି ଥିଲେ। ଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ସେ ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲ ସହ ଜଡିତ ରହି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି। ୧୯୯୮ରେ ଶ୍ରଦ୍ଧାଞ୍ଜଳି ଥାଇଲାଣ୍ଡର ବ୍ୟାଙ୍କକ ଠାରେ ଅନୁଷ୍ଠିତ ସମ୍ମାନଜନକ ୧୩ତମ ଏସିଆଡରେ ଭାରତ ପକ୍ଷରୁ ଖେଳି ଦୃଷ୍ଟିକୁ ଆସିଥିଲେ। ବୈବାହିକ ଜୀବନକୁ ପ୍ରତ୍ୟାକ୍ଷନ କରି ଶ୍ରଦ୍ଧାଞ୍ଜଳି କେବଳ ଫୁଟବଲକୁ ନିଜର ପେସା ଓ ନିଶା ଭାବରେ ଗ୍ରହଣ କରି ଆଜି ଯାଏଁ ଆଗକୁ ମାଡି ଚାଲିଛନ୍ତି। ୨୦୦୩ରେ ସେ ଭାରତୀୟ ସିନିୟର ଦଳର ଉପଅଧିନାୟିକା ଥିଲେ। ୨୦୦୫ରେ ସେ ଅଧିନାୟିକା ହୋଇ ଓଡ଼ିଶାବାସୀଙ୍କ ମୁହଁରେ ହସ ଫୁଟାଇଥିଲେ। କାରଣ ଜାତୀୟସ୍ତରରେ ମହିଳା ଫୁଟବଲରେ ସେମିତି କିଛି ଦବଦବା ନଥିଲା। ୧୯୯୭ରୁ ୨୦୧୧ ପର୍ଯ୍ୟନ୍ତ ଶ୍ରଦ୍ଧାଞ୍ଜଳି ନିରବଚ୍ଛିନ୍ନ ଭାବରେ ଭାରତୀୟ ଦଳରେ ସ୍ଥାନ ପାଇଁ ସେ ଖେଳୁଥିଲେ। ୨୦୧୧ ପରେ ସେ ପ୍ରତ୍ୟକ୍ଷ ଖେଳଛାଡି ୨୦୧୪ରୁ ଆଜି ଯାଏଁ ବିଭିନ୍ନ ବୟସ ବର୍ଗରେ ଜାତୀୟ କୋଚ ଭାବେ କାମ କରି ବହୁ ସୁନାମ ଅର୍ଜନ କରିବା ସଙ୍ଗେ ସଙ୍ଗେ ଅନେକ ନୂଆ ଖେଳାଳି ସୃଷ୍ଟି କରିଛନ୍ତି। ୨୦୨୪ରେ ସର୍ବୋଚ୍ଚ ଫୁଟବଲ ସଂସ୍ଥା ଏଏଫସି ତରଫରୁ ଭାରତର ଲିଜେଣ୍ଡ ଫୁଟବଲରଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଆୟୋଜନ କରିଥିଲା, ସେଥିରେ ଦେଶର ୧୪ ଜଣ ଖେଳାଳିଙ୍କୁ ବଛା ଯାଇଥିଲା। ଓଡ଼ିଆ ଝିଅ ଶ୍ରଦ୍ଧାଞ୍ଜଳୀ ଲିଜେଣ୍ଡ ଫୁଟବଲର ଭାବେ ସ୍ଥାନ ପାଇଥିଲେ। ବହୁବାର ସେ ଜାତୀୟ ଦଳର ଚୟନକର୍ତ୍ତା ମଧ୍ୟ ରହିଆସିଛନ୍ତି। ଇତିମଧ୍ୟରେ ସେ ଏଏଫସି ଏ' ଲାଇସେନ୍ସ ହାସଲ କରି ନିଜର ପ୍ରଶିକ୍ଷ ଜୀବନକୁ ସଂଗଠିତ କରିଛନ୍ତି। ତାଙ୍କ ଉତ୍ଥାନ ପାଇଁ ସେ ନିଯୁକ୍ତି ଦାତା ନାଲକୋ, ରାଜ୍ୟ ସରକାର ଫାଓକୁ ଧନ୍ୟବାଦ ଜଣାଇଛନ୍ତି।

## ମାରିଓଙ୍କୁ ମାରି ଦେଲେ



ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି): ଇକ୍ୱେଡରର ଖ୍ୟାତାନାମା ଫୁଟବଲର ମାରିଓ ଫିନେଇଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ୩୩ ବର୍ଷୀୟ ମାରିଓଙ୍କ ମୃତ୍ୟୁ ନେଇ ଇକ୍ୱେଡର ଆଭ୍ୟନ୍ତରିଣୀୟ ମନ୍ତ୍ରଣାଳୟପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁସାରେ ସାମାମେସ ପ୍ରାନ୍ତରେ ଗୁଳି ମାଡ ହୋଇଥିଲା। ଯେଉଁଥିରେ ମାରିଓଙ୍କ ସହ ଅନ୍ୟ ଜଣେ ପ୍ରାଣ ହରାଇଛନ୍ତି। ୨୦୨୫ରେ ଦେଶରେ ୯୦୦୦ରୁ ଅଧିକ ବ୍ୟକ୍ତି ହିଂସାକାଣ୍ଡରେ ମୃତ୍ୟୁବରଣ କରିଛନ୍ତି। ୨୦୨୪ରେ ୭୦୬୩ ଜଣ ଏବଂ ୨୦୨୩ରେ ୮୨୪୮ ଜଣଙ୍କ ମୃତ୍ୟୁ ହୋଇଥିଲା। ନଭେମ୍ବରରେ ଜଣେ ୧୬ ବର୍ଷୀୟ ଫୁଟବଲରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ମାରିଓ ନିଜର ଫୁଟବଲ କ୍ୟାରିୟର ଇଣ୍ଡିପେଣ୍ଡେଣ୍ଟ ଡେଲଭାଲି କ୍ଲବରୁ ଆରମ୍ଭ କରିଥିଲେ। ୨୦୧୦ରୁ ୨୦୧୫ ଯାଏ ଏହି କ୍ଲବ ପାଇଁ ଖେଳିଥିଲେ। ୨୦୧୬ରେ ସେ କ୍ଲବ ପରିବର୍ତ୍ତନ କରିଥିଲେ। ଗୁୟାକୁଇଲ କ୍ଲବ ପାଇଁ ଖେଳି ସେ ଦୁଇଟି ଟାଇଟଲ ଜିତି ଫୁଟବଲ ସାମ୍ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିଥିଲେ। ୨୦୨୨ରେ ସେ ବ୍ରାଜିଲର ଫ୍ଲୁମିନେସ ପାଇଁ କିଛି ମ୍ୟାଚ ଖେଳିଥିଲେ। ଇକ୍ୱେଡର ପାଇଁ ସେ ୮ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୧୮ ଏବଂ ୨୦୨୨ରେ ଦଳ ବିଶ୍ୱକପ ଯୋଗ୍ୟତା ହାସଲ କରିଥିଲା। କିନ୍ତୁ ୨୦୨୬ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଠାରୁ ସେ ନିଜକୁ ଦୂରେଇ ରଖିଥିଲେ।

## ଭାରତୀୟ ସାମ୍ଭାବ୍ୟ ୧୭ ବର୍ଷରୁ କମ ମହିଳା ଫୁଟବଲ ଦଳରେ ଆକାଶ




କେନ୍ଦୁଝର,୧୯।୧୨(ସବ୍ୟୁ): ୧୯।୧୨ କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍ତିର ଗୋଲଡେନ ଗାର୍ଲ ଆକାସି ନାଏକ ଭାରତୀୟ ସାମ୍ଭାବ୍ୟ ୧୭ ବର୍ଷରୁ କମ ମହିଳା ଦଳରେ ଓଡିଶାରୁ ଏକ ମାତ୍ର ଖେଳାଳି ଭାବେ ସ୍ଥାନ ପାଇ କେନ୍ଦୁଝର ଜିଲ୍ଲା ସହ ସମଗ୍ର ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି। ଆକାସି ଏହି କ୍ୟାମ୍ପରେ ଯୋଗ ଦେବା ପାଇଁ ବାଙ୍ଗାଲୋରର ହାରୋହଲ୍ଲୀ ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି। ଏହି କ୍ୟାମ୍ପରୁ ସାଫ ଗେମ୍ସ ଏବଂ ଏଏଫସି କମ୍ପିଟିସନ ପାଇଁ ୧୭ ବର୍ଷରୁ କମ ମହିଳା ଭାରତୀୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି। ଗ୍ରାମାଞ୍ଚଳର ଏହି ଲୁକାୟିତ କ୍ରୀଡା ପ୍ରତିଭାକୁ ଚିହ୍ନଟ କରି ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କୋଚ କୃଷ୍ଣ ଚନ୍ଦ୍ର ମହାନ୍ତ ତାଙ୍କୁ ପ୍ରଥମେ ୨୦୨୦ ମସିହାରେ ଜଜଝଙ୍ଗର ଜେଏସଡବ୍ଲୁକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ। ପରେ ସେ ନିଜର ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ରେ ସୁନ୍ଦରଗଡ଼ରେ ଅବସ୍ଥିତ ରାଜ୍ୟ କ୍ରୀଡା ଛାତ୍ରଝବାସରେ ଯୋଗଦାନ କରି ନିଜର ଖେଳରେ ଅନେକଟା ଉନ୍ନତି ଆଣିଥିଲେ। ଆକାସି ୨୦୨୩ରେ ସବ ଜୁନିଅର ନ୍ୟାସନାଲରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ପ୍ରଥମ ସୁଯୋଗ ପାଇଥିବା ବେଳେ ୨୦୨୪ ଏବଂ ୨୦୨୫ରେ ଜୁନିଅର ନ୍ୟାସନାଲରେ ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଭାରତୀୟ ସାମ୍ଭାବ୍ୟ ୧୭ ବର୍ଷରୁ କମ ମହିଳା ଶିବିରରେ ଯୋଗ ଦେବାକୁ ଯାଉଥିବା ଆକାସିଙ୍କୁ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ହାର୍ଦ୍ଦିକଙ୍କ ବିସ୍ଫୋରକ ବ୍ୟାଟିଂରେ ଭାଙ୍ଗିଲା ରେକର୍ଡ

ଅହମଦାବାଦ,୧୯।୧୨(ଏଜେନ୍ସି): ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ବ୍ୟାଟର ଭାବେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି। ପାଣ୍ଡ୍ୟା ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୫ମ ତଥା ଅନ୍ତିମ ଟି-୨୦ରେ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମାତ୍ର ୧୬ ବଲ୍ ଅର୍ଦ୍ଧଶତକ କରି ଏହି ରେକର୍ଡ କରିଛନ୍ତି। ପାଣ୍ଡ୍ୟାଙ୍କ ୬୩ ରନ୍ ବଳରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୩୧ ରନର ବିଶାଳ ସ୍କୋର କରିପାରିଛି। ପାଣ୍ଡ୍ୟା ଆରମ୍ଭରୁ ୬ ମାରି ତାଙ୍କର ଉଦ୍ଦେଶ୍ୟ କ୍ଲିୟର କରିଦେଇଥିଲେ। ତିଲକ ବର୍ମାଙ୍କ ସହ ମିଶି ସେ ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ପାଣ୍ଡ୍ୟା ଶେଷ ଓଭର ପର୍ଯ୍ୟନ୍ତ ମ୍ୟାଚ୍ ଖେଳି ୨୫ ବଲରେ ୬୩ ରନ୍ କରିଥିଲେ। ଏହି ସ୍କୋର ପରେ ସେ ଅଭିଷେକ ଶର୍ମାଙ୍କ ରେକର୍ଡ ବି ଭାଙ୍ଗି ଦେଇଛନ୍ତି। ଯୁବରାଜ ସିଂହଙ୍କ ପରେ ଟି-୨୦ ଆନ୍ତର୍ଜାତୀୟରେ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ଭାରତୀୟ ବ୍ୟାଟର ହୋଇଛନ୍ତି ପାଣ୍ଡ୍ୟା। ଅଭିଷେକ ଶର୍ମା ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ଟି-୨୦ ମ୍ୟାଚରେ ମାତ୍ର ୧୭ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଏହି ତାଲିକାରେ ଯୁବରାଜ ସିଂହ ଶୀର୍ଷରେ ଅଛନ୍ତି। ସେ ୨୦୦୭ ମସିହାରେ ଇଂଲଣ୍ଡ ବିପକ୍ଷରେ ମାତ୍ର ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ମ୍ୟାଚରେ ହିଁ ଯୁବରାଜ ଷ୍ଟୁଆର୍ଟ ବ୍ରଡଙ୍କ ଗୋଟିଏ ଓଭରରେ ୬ଟି ଛକା ମାରିଥିଲେ।

## ଗୁଜରାଟ ଟାଇଟନ୍ସ ଅଧିନାୟକ ପଦ ଛାଡିବେ କି ଗିଲ !




ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି): ଶୁଭମନ ଗିଲ୍ ଏବେ ଫର୍ମରେ ନାହାନ୍ତି। ଟି-୨୦ ଫର୍ମାଟରେ ସେ ବାରମ୍ବାର ଫ୍ଲପ ହୋଇଛନ୍ତି। ତଥାପି ଗିଲଙ୍କ ଉପର ଗୁଜରାଟ ଭରଷା ରଖିଛି। କୌଣସି ପରିସ୍ଥିତିରେ ଅଧିନାୟକ ପଦରୁ ତାଙ୍କୁ ହଟାଇବା ପାଇଁ ଗୁଜରାଟ ରାଜି ନୁହେଁ। ଗୁଜରାଟ ଟାଇଟନ୍ସର ମୁଖ୍ୟ ଜିନୋଲ ମେହେଟ୍ଟା ଓ ନିର୍ଦ୍ଦେଶକ ସାନ ମେହେଟ୍ଟା ମୁହଁ ଖୋଲିଛନ୍ତି। ଗିଲ କେତେ ଦିନ ଟାଇଟନ୍ସ ଦଳର ଅଧିନାୟକ ରହିବେ ସେ ନେଇ ପ୍ରତିକ୍ରିୟା ଦେଇଛନ୍ତି। ଗିଲଙ୍କ ସମୟ ଏବେ ଖରାପ ଚାଲିଛି। ସେ ବାରମ୍ବାର ବିଫଳ ହୋଇଛନ୍ତି। କ୍ରିକେଟର ସଂକ୍ଷିପ୍ତ ଫର୍ମାଟରେ ତାଙ୍କ ବ୍ୟାଟ ନିରବୀ ଯାଇଛି। ପିଚରେ ୫ରୁ ୧୦ ମିନିଟ୍ ଅଧିକ ସମୟ ତିଷ୍ଠି ପାରୁନାହାନ୍ତି। ଗୋଟିଏ କି ଦୁଇଟି ନୁହେଁ, ବରଂ ଲଗାତାର ୨୦ଟି ମ୍ୟାଚରେ ସେ ବିଫଳ ହୋଇଛନ୍ତି। ଏଥିପାଇଁ ତାଙ୍କୁ ଟି-୨୦ ବିଶ୍ୱକପରେ ଜାଗା ମିଳିବା କଷ୍ଟକର ହୋଇପାରେ। ଗୁଜରାଟ ଟାଇଟନ୍ସ ପାଇଁ ସେ ବର୍ଷ ବର୍ଷ ଧରି ଅଧିନାୟକ ରହିବେ ବୋଲି ଦଳର ମାଲିକ କହିଛନ୍ତି। ଗିଲଙ୍କ ପାଖରେ ଭରପୂର ପ୍ରତିଭା ଅଛି। ନେତୃତ୍ୱ ନେବାର ଶୈଳୀ ମଧ୍ୟ ଖୁବ ଚମତ୍କାର। ସେ ଜଣେ ଦକ୍ଷ ଅଧିନାୟକ। ଟିମ୍ ଇଣ୍ଡିଆ ଏବଂ ଗୁଜରାଟ ଟାଇଟନ୍ସ ପାଇଁ ସେ ବହୁତ କିଛି କରିଛନ୍ତି। ଗିଲଙ୍କ ସହ ଗତ କିଛି ବର୍ଷ ହେବ ଗୁଜରାଟ ଭଲ ପ୍ରଦର୍ଶନ କରିଆସିଛି।

## ଗମ୍ଭୀର କୋଚ ନୁହଁନ୍ତି: କପିଲ ଦେବ



ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି): ଗୌତମ ଗମ୍ଭୀରଙ୍କୁ ସିଧାସିଧା ସମାଲୋଚନା କରିଛନ୍ତି ପୂର୍ବତନ ବିଶ୍ୱକପ ଚାମ୍ପିଅନ ଦଳର ଅଧିନାୟକ କପିଲ ଦେବ। ଦଳରେ ଗମ୍ଭୀରଙ୍କ ମନମାନି ଚଳିବ ନାହିଁ ବୋଲି ସେ କହିଛନ୍ତି। ମ୍ୟାନେଜର ମଧ୍ୟରେ ଆକାଶପାତାଳ ଫରକ ରହିଛି। ଯାହାଙ୍କ ଠାରୁ ତୁମେ ଖେଳ ଶିଖିକି ଆସିଛ ସେ ତୁମ କୋଚ। ଏବେ କିନ୍ତୁ ସବୁ କିଛି ବଦଳି ଯାଇଛି। ମ୍ୟାନେଜର ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ ସବୁ କିଛି ବିଗିଡି ଯିବ। ସମସ୍ତଙ୍କ ଖେଳିବା ଶୈଳୀ ଅଲଗା। ସେମାନଙ୍କୁ ଉପଯୁକ୍ତ ପରିଚାଳନା ଦରକାର। ଗମ୍ଭୀରଙ୍କ ଅତ୍ୟଧିକ ହସ୍ତକ୍ଷେପ ନେଇ କପିଲ ଦେବ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯଦି ସୁନୀଲ ଗାଭାସ୍କର ଖେଳିଥାନ୍ତେ, ସେ ମଧ୍ୟ ଟି-୨୦ର ବଡ଼ ଖେଳାଳି ହୋଇପାରିଥାଏ। ଯିଏ

## ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ: ଫାଇନାଲରେ ଢେଙ୍କାନାଳ



ବାରଙ୍ଗ,୧୯।୧୨(ସବ୍ୟୁ): ଗଣ୍ଡରପୁର ମିନି ଷ୍ଟାଡିୟମ ରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟର ୬ଷ୍ଠଦିବସ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମମ୍ୟାଚ ଜୟଦୂର୍ଗା କ୍ଲବ ଆମଣ ୨/୦ ଗୋଲରେ ବାଞ୍ଚାମଣି କ୍ଲବ ଟାଙ୍ଗିବନ୍ତକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟମ୍ୟାଚ କୃଷକବନ୍ଧୁ କ୍ଲବ ତଣ୍ଡିକଣା ୫/୪ ଟାଇ ବ୍ରେକରରେ ବୋଧପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟମ୍ୟାଚ ଜୟ ଜଗନ୍ନାଥ କ୍ଲବମୁଣ୍ଡୁମାଣ ୧/୦ଗୋଲରେ ସୁପ୍ରିମ ଫୁଟବଲ କ୍ଲବ ବରାହିପୁରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଚତୁର୍ଥମ୍ୟାଚ ପ୍ରତାପ କ୍ଲବ ପ୍ରତାପନଗରୀ ୧/୦ ଗୋଲରେ ମଇନ୍ଦପୁର ଜଗତ ସିଂହପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପଞ୍ଚମମ୍ୟାଚରେ ସହରାଞ୍ଚଳରଢେଙ୍କାନାଳ ଫୁଟବଲକ୍ଲବ ୪/୧ ଟାଇବ୍ରେକରରେ ସୁରଜ ଏଫସି ଫୁଲବାଣୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

## ସର୍ବଭାରତୀୟ ମହାବୀର କପ କ୍ରିକେଟ

## ଉଦଘାଟନୀ ମ୍ୟାଚରେ ୟୁନାଇଟେଡ଼ ଇଲେଭେନ ବିଜୟୀ

ସୋର,୧୯।୧୨(ସବ୍ୟୁ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ ତମ ସର୍ବଭାରତୀୟମହାବୀରକପକ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଏହି ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗଦାଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୟାଧର ନାୟକ ଯୋଗଦେଇ ଏହାକୁ ମିଳିତ ଭାବେ ଫିତା କାଟି ଉଦଘାଟନ କରିଥିଲେ। ପ୍ରଥମେ ମହାବୀର କ୍ଲବର ପ୍ରାକ୍ତନ ସଭାପତି ଅଖିଳରାମ ଜେନା କ୍ରୀଡା ପତାକା ଉତ୍ତୋଳନ କରିବା ପରେ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥିଭାବେ ସମାଜସେବୀ ପବିତ୍ର ମହାପାତ୍ର ଯୋଗଦେଇ ପିଞ୍ଜରା ବଦ୍ଧ ପକ୍ଷୀକୁ ମୁକ୍ତ କରିଥିଲେ। ଆଜିର ଉଦଘାଟନୀ ମ୍ୟାଚ୍‌ରୁ ଏଣ୍ଡ ମି ବାଲେଶ୍ୱର ଏବଂ ୟୁନାଇଟେଡ଼ ଇଲେଭେନ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୭. ୩ ଓଭରରେ ସମସ୍ତ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଗଞ୍ଜାମ ବୋଲର ଅବଦୁଲ ଏମ ଖାନ ୪.୩ ଓଭର ବୋଲିଂ କରି ୧୦ ରନ ଦେଇ ୪ ଟି ୱିକେଟ ଦଖଲ କରିଥିଲେ। ଜବାବରେ ଗଞ୍ଜାମ ୯.୫ ଓଭରରେ ୧ ଟି ଉଇକେଟ ହରାଇ ୧୦୪ ରନ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ କେ. ଈଶ୍ୱର ପ୍ରସାଦ ୩୬ ବଲ ଖେଳି ୬୬ ରନ ସଂଗ୍ରହ କରିଥିଲେ। ଗଞ୍ଜାମ ବୋଲର ଅବଦୁଲ ଏମ ଖାନ ୪.୩ ଓଭର ବୋଲିଂ କରି ୧୦ ରନ ଦେଇ ୪ ୱିକେଟ ଦଖଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଫଳ ବ୍ୟବସାୟୀ ମୁକ୍ତିକାନ୍ତ ନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଏବଂ କେ.ଈଶ୍ୱର ପ୍ରସାଦଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ରଞ୍ଜନ ମହାନ୍ତି ଏବଂ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବା ବେଳେ ସ୍କୋରର ଥିଲେ ବିଶ୍ୱନାଥ ଜେନା, ରାଜେଶ ଜେନା, ପ୍ରତାପ ମଲ୍ଲିକ। ଏହି ମ୍ୟାଚକୁ ମାନସ କୁମାର ବେହେରା, ସତ୍ୟବ୍ରତ ଶଙ୍ଖୁଆ,ଶ୍ରୀକାନ୍ତ ମଲ୍ଲିକ,ସନାତନ ବାରିକ, ଉତ୍ତମ କୁମାର ବେହେରା, ପ୍ରଶାନ୍ତ ଜେନା,ମାନସ ଜେନା,ହିମାଂଶୁ ବେହେରା, ରାଜ କିଶୋର ଦେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଷ୍ଟାର ଇଲେଭେନ ଯାଜପୁର ଏବଂ ୟୁନିଅନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହେବ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି